


## ୨୦୨୬ ଫିଫା ବିଶ୍ୱକପ୍ ପରେ ଅବସର ନେବେ ରୋନାଲ୍ଡୋ

ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-136 ◆WEDNESDAY ◆12 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୩୬ ◆ବୁଧବାର ◆୧୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ପୁଣ୍ୟ ସ୍ମୃତିରେ...



### ଓଡ଼ିଶାର ମସଲା ସମ୍ରାଟ

# ଡ଼. ଶରତ କୁମାର ସାହୁ

### ପ୍ରତିଷ୍ଠାତା, ରୁଚି ଫୁଡ୍‌ଲାଇନ୍

୧୪.୦୬.୧୯୫୦ - ୦୨.୧୧.୨୦୨୫

ଆପଣଙ୍କ ମହତ କାର୍ଯ୍ୟ ପାଇଁ ଆପଣ ସଦା ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ଦୂରଦୃଷ୍ଟି, ଏକନିଷ୍ଠ ଉଦ୍ୟମ, ଧୈର୍ଯ୍ୟ ଏବଂ ଶ୍ରଦ୍ଧାଶୀଳ ବ୍ୟବହାର ରୁଚି ପରିବାର ପାଇଁ ପ୍ରେରଣା ଓ ମାର୍ଗଦର୍ଶନ ହୋଇ ରହିବ ।

RUCHI FOODLINE Since 1976 | CELEBRATING 50 YEARS
50 Saal Aapke Sehat Ke Saath ...
FROZIT ®
"Time Ki Bachat, Eat Fresh Fatafat"
FarrmB ®
Family of Master Artisans
RUCHI Tea Dum Hardam
RUCHI PRATIVA FOUNDATION RUCHI ESTD. - 1976 CUTTACK
RAYS FOUNDATION SPREADING THE RAYS OF HOPE




ସକାଳ
www.sakalaepaper.com

# ପାକିସ୍ତାନ କୋର୍ଟରେ ଆତ୍ମଘାତୀ ଆକ୍ରମଣ: ୧୨ ମୃତ

ଇସଲାମାବାଦ୍, ୧୧।୧୧(ଏଜେନ୍ସି): ପାକିସ୍ତାନ ରାଜଧାନୀ ଇସ୍‌ଲାମବାଦ୍‌ର ଡିଷ୍ଟ୍ରିକ୍ଟ କୋର୍ଟ ନିକଟରେ ମଙ୍ଗଳବାର ଅପରାହ୍ଣ ୧ଟାରେ ଭୟଙ୍କର ଆତ୍ମଘାତୀ ବିସ୍ଫୋରଣ ହୋଇଛି। ଏଥିରେ ୧୨ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୨୭ ଜଣ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ଗଣମାଧ୍ୟମଗୁଡ଼ିକର ରିପୋର୍ଟରୁ ଜଣାପଡ଼ିଛି। ମୃତକ ଓ ଆହତଙ୍କ ମଧ୍ୟରେ ଅଧିକାଂଶ ଓକିଲମାନେ ରହିଛି ବୋଲି କୁହାଯାଇଛି। ବିସ୍ଫୋରଣର ଶବ୍ଦ ଏତେ ତୀବ୍ର ଥିଲା ଯେ ଏହା ୬ କିମି ଦୂରରେ ଥିବା ପୁଲିସ ଲାଇନ ହେଡକ୍ୱାର୍ଟର ପର୍ଯ୍ୟନ୍ତ ଏହା ଶୁଣିବାକୁ ମିଳିଥିଲା। ଫଳରେ ଆଖପାଖ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ସୂଚନା ପାଇବା ମାତ୍ରେ ଉଦ୍ଧାରକାରୀ ଦଳ ଓ ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ପୂରା ଅଞ୍ଚଳକୁ ଘେରାଉ କରି ଯାଞ୍ଚ ଆରମ୍ଭ କରିଛନ୍ତି। କୋର୍ଟର ପାର୍କି ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ହିଁ ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣରେ ଏକାଧିକ ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀର ମୁଣ୍ଡ ଘଟଣାସ୍ଥଳରୁ ହିଁ ମିଳିଛି ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ଏହା ଏକ ଆତ୍ମଘାତୀ ଆକ୍ରମଣ ଥିଲା ବୋଲି ଅଧିକାରୀମାନେ କହିଛନ୍ତି। ବିସ୍ଫୋରଣର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏହି ବିସ୍ଫୋରଣ ପାଇ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଆଫଗାନିସ୍ତାନକୁ ଦାୟୀ କରିଛନ୍ତି। ଅବଶ୍ୟ ଏହି ବିସ୍ଫୋରଣ ପାଇଁ କୌଣସି ସଂଗଠନ ଏପର୍ଯ୍ୟନ୍ତ ନିଜକୁ ଦାୟୀ କରିନାହାନ୍ତି। ତେବେ ପ୍ରଧାନମନ୍ତ୍ରୀ ସରିଫ ଏଥିପାଇଁ ଭାରତକୁ ଦାୟୀ କରିଛନ୍ତି।

# ନିଠାରୀ ହତ୍ୟା ମାମଲା: ୧୮ ବର୍ଷ ପରେ ମୁକ୍ତ ହେବ ସୁରେନ୍ଦ୍ର କୋଲି

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ବହୁଚର୍ଚ୍ଚିତ ନିଠାରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ସୁରେନ୍ଦ୍ର କୋଲି ଖୁବ୍ ଶୀଘ୍ର ଜେଲ୍‌ରୁ ମୁକ୍ତି ପାଇବ। ସୁପ୍ରିମକୋର୍ଟ ମଙ୍ଗଳବାର ଏହି ହତ୍ୟାକାଣ୍ଡ ସହିତ ଜଡିତ ଅନ୍ତିମ ମାମଲାରେ କୋଲିର ଦଣ୍ଡକୁ ରଦ୍ଦ କରିଛନ୍ତି। ଏଥିସହ ତାକୁ ତୁରନ୍ତ ଖଲାସ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ବିଆର ଗବାଇ, ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ କୋଲିଙ୍କ ତରଫରୁ ଦାଏର କରାଯାଇଥିବା କ୍ୟୁରେଟିଭ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ନିଜକୁ ଦୋଷୀ ସାବ୍ୟସ୍ତ କରାଯିବା ବିରୋଧରେ ସେ ଏହି ଆବେଦନ କରିଥିଲେ। ୨୦୧୧ ଫେବୃଆରୀରେ ଏକ ୧୫ ବର୍ଷୀୟା ଝିଅର ହତ୍ୟା ମାମଲାରେ କୋଲିକୁ ଦୋଷୀ ସାବ୍ୟସ୍ତ କରାଯିବାର ରାୟକୁ ସୁପ୍ରିମକୋର୍ଟ ବଜାୟ ରଖିଥିଲେ। ସେହିପରି ୨୦୧୪ ଅକ୍ଟୋବର ୨୮ରେ କୋଲିରଙ୍କ ପୁନର୍ବିଚାର ଆଦେଶକୁ ଖାରଜ କରାଯାଇଥିଲା। ଏହି ଦୁଇଟି ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ମଙ୍ଗଳବାର ରଦ୍ଦ କରିଛନ୍ତି। ଏଥିସହ କୋଲିଙ୍କୁ ମୁକ୍ତି କରିବାକୁ ଆଦେଶ ମଧ୍ୟ ଦେଇଛନ୍ତି। ଉଲ୍ଲେଖଥାଉ କି, ୨୦୦୬ ଡିସେମ୍ବରରେ ଏହି ହତ୍ୟାକାଣ୍ଡ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ନୋଏଡାର ନିଠାରୀ ଗାଁରେ ମନିନ୍ଦର ସିଂ ପନ୍ଧେରଙ୍କ ଘର ବାହାରେ ଏକ ନାଳରୁ ଏକାଧିକ ଛୋଟପିଲା ଓ ଯୁବତୀଙ୍କ କଙ୍କାଳ ଜବତ ହୋଇଥିଲା। ମନିନ୍ଦର ହିଁ ଏହି ଘରର ମାଲିକ ଥିଲା ବୋଲି ଯାଞ୍ଚରୁ ଜଣାପଡ଼ିଥିଲା।

# ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଗୁଜବକୁ ପରିବାର ସଦସ୍ୟଙ୍କ ନିନ୍ଦା

ମୁମ୍ବଇ, ୧୧।୧୧(ଏଜେନ୍ସି): ବଲିଉଡ୍ ବର୍ଷୀୟାନ ଅଭିନେତା ତଥା ହିମ୍ୟାନ ଧର୍ମେନ୍ଦ୍ରଙ୍କ ପରଲୋକ ନେଇ ପ୍ରକାଶିତ ଖବର ମିଥ୍ୟା ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳେ ଗଣମାଧ୍ୟମଗୁଡ଼ିକରେ ତାଙ୍କର ପରଲୋକ ହୋଇଛି ବୋଲି ଖବର ପ୍ରକାଶିତ ହୋଇଥିଲା। ଏହି ଗୁଜବକୁ ଧର୍ମେନ୍ଦ୍ରଙ୍କ ପରିବାର ଲୋକେ ନାପସନ୍ଦ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ରଙ୍କ ଝିଅ ତଥା ଅଭିନେତ୍ରୀ ଈଶା ଦେଓଲ ସାମ୍ନାକୁ ଆସି ଏ ନେଇ ସ୍ଥିତ ସ୍ପଷ୍ଟ କରିଛନ୍ତି। 'ଗଣମାଧ୍ୟମ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଖବର ପ୍ରସାରଣ କରୁଛି। ପିତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଓ ଏଥିରେ ଧିରେ ଧିରେ ସୁଧାର ହେଉଛି। ଆମ ପରିବାରର ଗୋପନୀୟତାଙ୍କୁ ସମ୍ମାନ ଦେବାକୁ ସମସ୍ତଙ୍କୁ ନିବେଦନ କରୁଛି। ପିତାଙ୍କ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି' ବୋଲି ଈଶା କହିଛନ୍ତି। ଧର୍ମେନ୍ଦ୍ରଙ୍କ ପତ୍ନୀ ହେମାମାଳିନୀ ମଧ୍ୟ ନେଇ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଗଣମାଧ୍ୟମଗୁଡ଼ିକରେ ମିଥ୍ୟା ଖବର ପରିବେଷଣ କରାଯାଉଛି ଓ ଏହା କ୍ଷମାର ଯୋଗ୍ୟନୁହଁ ବୋଲି ସେ କହିଛନ୍ତି। ଦାୟିତ୍ୱସମ୍ପର୍ଣ୍ଣ ଚ୍ୟାନେଲଗୁଡ଼ିକ କିପରି ଏଭଳି ଭିତ୍ତିହୀନ ତଥା ଅମୂଳକ ଖବର ପ୍ରଚାର କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ତୁର୍କୀ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ; ୨୦ ମୃତ

ଅଙ୍କାରା, ୧୧।୧୧ (ଏଜେନ୍ସି): ତୁର୍କୀ ବାୟୁସେନାର ସି-୧୩୦ ହର୍କ୍ୟୁଲସ ମିଲିଟାରୀ କାର୍ଗୋ ବିମାନ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇ ଜର୍ଜିଆ-ଅଜରବୈଜାନ ସୀମାରେ ଖସିପଡ଼ିଛି। ଏଥିରେ ବିମାନର କ୍ରୁ ସଦସ୍ୟଙ୍କ ସମେତ ୨୦ ସୈନିକଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ତେବେ ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଅଜରବୈଜାନ ଏବଂ ଜର୍ଜିଆ ଅଧିକାରୀଙ୍କ ସହ ମିଶି ତୁର୍କୀ ଉଦ୍ଧାରକାର୍ଯ୍ୟ ଚଳାଇଛି। ବିମାନ ଖସୁଥିବାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି। ଜର୍ଜିଆ ଅଧିକାରୀଙ୍କ ଅନୁଯାୟୀ ଦେଶର ବାୟୁସୀମାରେ ପ୍ରବେଶ କରିବା ପରେ ରାଡାର ସହ ଏହି ବିମାନର ଯୋଗାଯୋଗ ବିଚ୍ଛିନ୍ନ ହୋଇ ଯାଇଥିଲା। ପରେ କାଖେତି କ୍ଷେତ୍ରର ସିଘନାଘି ଅଞ୍ଚଳରେ ଖସି ପଡ଼ିଥିଲା। ଚାରି ଇଞ୍ଜିନ ବିଶିଷ୍ଟ ଏହି ବିମାନକୁ ଆମେରିକାର ଲକ୍‌ହିଡ ମାର୍ଟିନ କମ୍ପାନୀ ନିର୍ମାଣ କରିଥିଲା।

# ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ବିସ୍ଫୋରଣ ଆରଡିଏକ୍ସଠାରୁ ବି ଭୟଙ୍କର ଥିଲା। ଏଥିରେ ଆମୋନିୟମ ନାଇଟ୍ରେଟ ଫ୍ୟୁଏଲ ଅଏଲ (ଏଏନଏଫଓ) ଏବଂ ଡିଟୋନେଟର୍ସ ବ୍ୟବହାର କରାଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଜଣାପଡ଼ିଛି। ଘଟଣାସ୍ଥଳରୁ ଆମୋନିୟମ ନାଇଟ୍ରେଟ (ଏଏନ) ମିଳିଛି। ଏହି ବିସ୍ଫୋରକ ଆଇଇଡିଠାରୁ ଭୟଙ୍କର ହୋଇଥିଲେ ବି ସହଜରେ ମିଳି ଯାଇଥାଏ। କମ୍ ଖର୍ଚ୍ଚରେ ଏହା ଅଧିକ କ୍ଷୟକ୍ଷତି ଘଟାଇ ଥାଏ। ଏଥିପାଇଁ ଆତଙ୍କବାଦୀ ମାନେ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଫରେନସିକ ରିପୋର୍ଟ ଆସିବା ପରେ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି।

ଗତ ସପ୍ତାହରେ ପର୍ଦ୍ଦାଫାସ ହୋଇଥିବା ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲୋର ସଦସ୍ୟ ଡ. ମହମ୍ମଦ ଉମର ଏହି ଆତ୍ମଘାତୀ ବିସ୍ଫୋରଣ କରିଥିବା କୁହାଯାଉଛି। ସେ ନିଜ ଦୁଇ ସହଯୋଗୀଙ୍କ ସହ ମିଶି ଏହି ଯୋଜନା କରିଥିଲା। ଏଥିରେ ବ୍ୟବହୃତ ଏଏନଏଫଓ ଅଧିକ ଜ୍ୱଳନଶୀଳ ପଦାର୍ଥ। ବିଶେଷ କରି ଉଦ୍ୟୋଗିକ ବିସ୍ଫୋରଣ ଲାଗି ଏହାକୁ ବ୍ୟବହାର କରାଯାଇଥାଏ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିପୁଳ ବିସ୍ଫୋରକ ସହ ସହଯୋଗୀ ଡ. ମୁଜାମିଲ ସକିଲ ଗିରଫ ହେବା ପରେ ଡ. ଉମର ଭୟଭୀତ ହୋଇ ଯାଇଥିଲା। ପରେ ସେ ଦୁଇ ସହଯୋଗୀଙ୍କ ସହାୟତାରେ ଏକ କାର୍‌ରେ ଡେଟୋନିଟର ସହିତ ଅନ୍ୟ ବିସ୍ଫୋରକ ନେଇ ଲାଲକିଲ୍ଲା ନିକଟରେ ବିସ୍ଫୋରଣ କରିଥିଲା। ଏହି ବିସ୍ଫୋରକ କେଉଁଠୁ ଆସିଥିଲା ଏବଂ କିଏ ଆଣିଥିଲା ଏବେ ତାହାର ଖୋଳତାଡ଼ ଆରମ୍ଭ ହୋଇଛି। ତେବେ ଏହି ଏଏନ ପ୍ରସ୍ତୁତ କରିବାକୁ ଆମୋନିଆ ଏବଂ ନାଇଟ୍ରିକ ଏସିଡର ରାସାୟନକି ପ୍ରତିକ୍ରିୟା କରାଯାଇଥାଏ। କିନ୍ତୁ ଏଏନ ବିସ୍ଫୋରକ ହୋଇ ନଥାଏ। ଡିଜେଲ କିମ୍ବା ଅନ୍ୟ କୌଣସି ଇନ୍ଧନ ସହ ମିଶାଇ ଦେଲେ ଏହା ବିପଜ୍ଜନକ ବୋମା ପାଲଟି ଯାଇଥାଏ। ଏହି ବିସ୍ଫୋରଣର ବେଗ ଘଣ୍ଟାପ୍ରତି ୧୪ ହଜାର କିମି ରହିଥାଏ। ଏହା ଦ୍ୱାରା ଯେଉଁ ତରଙ୍ଗ ସୃଷ୍ଟି ହୋଇଥାଏ ତାହା ଶବ୍ଦଠାରୁ ୫ ଗୁଣ ଅଧିକ। ଅନ୍ୟପଟେ ଏହି ବିସ୍ଫୋରଣ ଭେଇକିଲ-ବର୍ଣ୍ଣ ଇମ୍ପ୍ରୋଭାଇଜ୍ଡ ଏକ୍ସପ୍ଲୋଜିଭ ଡିଭାଇସ (ଭିବିଆଇଡି) ଥିବା କୁହାଯାଉଛି। କାରଣ ପୂର୍ବରୁ ଆତଙ୍କବାଦୀ ଏହାର ବ୍ୟବହାର କରିଛନ୍ତି। ଏକ ଗାଡ଼ିରେ ବିସ୍ଫୋରକ ନେଇ ତାହାକୁ ଉଡ଼ାଇ ଦିଅନ୍ତି। ଏହି ପ୍ରକ୍ରିୟାକୁ ଠାବ କରିବା ଅତ୍ୟନ୍ତ କଷ୍ଟସାଧ ହୋଇଥାଏ। ଆତଙ୍କବାଦୀଙ୍କୁ ଚିହ୍ନଟ କରି ଜେରା କରିବା ମଧ୍ୟ କାଠିକର ହୋଇଥାଏ।

## ଦିଲ୍ଲୀ ନୁହେଁ; ଉତ୍ତର ପ୍ରଦେଶରେ ହେବାର ଥିଲା ବିସ୍ଫୋରଣ



ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ଯେଉଁ ବିସ୍ଫୋରଣ ହୋଇଥିଲା ତାହାକୁ ୪୬୦ କିମି ଦୂର ଉତ୍ତର ପ୍ରଦେଶ (ୟୁପି)ରେ କରାଇବାକୁ ଯୋଜନା କରାଯାଇଥିଲା। ଜମ୍ମୁ-କଶ୍ମୀର ପୁଲିସ ଏବଂ ଗୁଜରାଟ ଏଟିଏସ ପକ୍ଷରୁ ଦିଆଯାଇଥିବା ଏହି ସୂଚନା ୟୁପି ସୁରକ୍ଷା ଏଜେନ୍ସି ଗୁଡ଼ିକର ହୋସ୍ ଉଡ଼ାଇ ଦେଇଛି। ୟୁପିର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖି କହିଛନ୍ତି ଯେ ଏହି ସୂଚନା ମିଳିବା ପରେ ସୁରକ୍ଷାକୁ କଡ଼ାକଡ଼ି କରିଦିଆଯାଇଛି। ଆତଙ୍କବାଦୀଙ୍କ ନିଶାଣରେ ଲକ୍ଷ୍ନୌ, କାଶୀ, ମଥୁରା, ଅଯୋଧ୍ୟା ଭଳି ବଡ଼ ସହର ଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ ଗତ କିଛି ଦିନ ହେଲା ୟୁପିରେ ଦୁଇଟି ଅଲଗା ଅଲଗା ଆତଙ୍କବାଦୀ ମଡ୍ୟୁଲୋ ସାମ୍ନାକୁ ଆସିଥିଲା। ଗୋଟିଏକୁ ଗୁଜରାଟ ପୁଲିସ ଏବଂ ଅନ୍ୟଟିକୁ ଜମ୍ମୁ-କଶ୍ମୀର ପୁଲିସ ବିଫଳ କରିଦେଇଛି। ଏଥିପାଇଁ ଆତଙ୍କବାଦୀ ଅନ୍ୟ ଯୋଜନା କରୁଛନ୍ତି।

# ଫରିଦାବାଦରୁ ବାହାରିଲା, ଲାଲକିଲ୍ଲାରେ ଅଟକିଲା

ନୂଆଦିଲ୍ଲୀ: ଦିଲ୍ଲୀ ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। କଳା ରଙ୍ଗର ମାସ୍କ ପିନ୍ଧିଥିବା ଜଣେ ଯୁବକ ପାର୍କିଂରୁ କାର୍ ଧରି ବାହାରୁ ଥିବା ଦେଖାଯାଉଛି। ସୂଚନା ଅନୁଯାୟୀ କାର୍‌ରେ ବସିଥିବା ସନ୍ଦିଗ୍ଧ ବ୍ୟକ୍ତିର ମୁହଁ ଡ. ମହମ୍ମଦ ଉମର ନବି ସହ ମେଳ ଖାଉଛି। ସେ ପୁଲୱାମାର ବାସିନ୍ଦା। ସେ ଫରିଦାବାଦର ଅଲ ଫଲାହ ୟୁନିଭର୍ସିଟିରେ ପ୍ରାଧ୍ୟାପକ ଥିଲା। ସେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ସହ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେ ହରିୟାଣାର ଫରିଦାବାଦ ଆତଙ୍କୀ ମଡ୍ୟୁଲୋରେ ସାମିଲ ଥିବା ସୁରକ୍ଷା ବାହିନୀ ଗୁଡ଼ିକ ସନ୍ଦେହ କରୁଛନ୍ତି। ଦିଲ୍ଲୀରେ ବିସ୍ଫୋରଣ ହେବାର କିଛି ଘଣ୍ଟା ପୂର୍ବରୁ ଜମ୍ମୁ-କଶ୍ମୀର ପୁଲିସ ଫରିଦାବାଦରୁ ଏକ ଆତଙ୍କବାଦୀ ମଡ୍ୟୁଲୋରେ ସାମିଲ ୩ ଡାକ୍ତରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୯୦୦ କେଜି ବିସ୍ଫୋରକ, ଏକ ଆସଲ୍ଟ ଏବଂ ଏକେ-୪୭ ରାଇଫଲ ଜବତ କରାଯାଇଥିଲା। ଜୈସ ସହ ସଂଶ୍ଳିଷ୍ଟ ଥିବା ୪ ଡାକ୍ତରଙ୍କୁ ପୁଲିସ ଖୋଜୁଥିଲା। ଏଥିରେ ଡ.ଉମର ମଧ୍ୟ ସାମିଲ ଥିଲା। ଏହି ତିନି ଜଣ ଡାକ୍ତର ଗିରଫ ହେବା ପରେ ଉମର ଦିଲ୍ଲୀରେ ଆତ୍ମଘାତୀ ଆକ୍ରମଣ କରିଥିଲା ବୋଲି କୁହାଯାଉଛି।

ଦିଲ୍ଲୀ ପୁଲିସର ସ୍ୱତନ୍ତ୍ର ସେଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସ୍ଫୋରଣ ପୂର୍ବରୁ ଆଇ-୨୦ କାର୍ ଏକ ପାର୍କିଂ ନିକଟରେ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଛିଡ଼ା ହୋଇଥିଲା। ଏହି କାର୍‌ରେ ଆତଙ୍କବାଦୀ ଉମର ତିନି ଘଣ୍ଟା ପର୍ଯ୍ୟନ୍ତ ବସିଥିଲା। ସେ କିଛି ସେକେଣ୍ଡ ପାଇଁ ବି କାର୍‌ରୁ ବାହାରି ନ ଥିଲା। ଏଠାରେ ସେ କାହାକୁ ଅପେକ୍ଷା କରି ବସିଥିଲା କିମ୍ବା କାହାର ନିର୍ଦ୍ଦେଶକୁ ଚାହିଁ ରହିଥିଲା। ସନ୍ଧ୍ୟା ପ୍ରାୟ ୬ଟା ୫୨ରେ ଏହି କାର୍ ମନ୍ଥର ଗତିରେ ଆସି ଲାଲକିଲ୍ଲା ନିକଟସ୍ଥ ମେଟ୍ରୋ ଷ୍ଟେସନର ଟ୍ରାଫିକ ସିଗ୍‌ନାଲ ନିକଟରେ ପହଞ୍ଚି ଥିଲା। ଏଠାରେ ବିସ୍ଫୋରଣ ହୋଇଥିଲା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଉଥିବା କୁହାଯାଉଛି। କିନ୍ତୁ ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା କି ନାହିଁ ତାହା ଜଣାପଡ଼ି ନାହିଁ। ଡିଏନ୍ଏ ଯାଞ୍ଚ ପାଇଁ ଉମରର ମାଆଙ୍କ ନମୁନା ସଂଗ୍ରହ କରାଯାଇଛି। ଅନ୍ୟପଟେ ବିସ୍ଫୋରଣର ଦୁଇ ସପ୍ତାହ ପୂର୍ବରୁ ଗତ ୨୯ ତାରିଖରେ ଏହି କାର୍‌ର ପ୍ରଦୂଷଣ ପରୀକ୍ଷା ହେଉଥିବାର ଭିଡିଓ ସାମନାକୁ ଆସିଛି। ଏହା ମଧ୍ୟରେ ଡ.ଉମର ନବିର ଭାଉଜ ମୁଜମିଲା କହିଛନ୍ତି ଯେ ପୁଲିସ ମୋ ସ୍ୱାମୀ, ଦିଅର ଏବଂ ଶାଶୁଙ୍କୁ ଉଠାଇ ନେଇଛି। ଉମର ଦିଲ୍ଲୀରେ ଥିବା କହିବାରୁ ଜେରା ପାଇଁ ସମସ୍ତଙ୍କୁ ନେଇ ଯାଇଥିଲେ। ଗତ ଶୁକ୍ରବାର ଶେଷ ଥର ପାଇଁ ଉମର ଘରଲୋକଙ୍କ ସହ କଥା ହୋଇଥିଲା। ତାର ନିର୍ବନ୍ଧ ହୋଇ ସାରିଥିଲା। ସେ ଗତ ଦୁଇ ମାସ ହେଲା ଘରକୁ ଆସି ନ ଥିଲା।



ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ ପ୍ରଶ୍ନ ଉଠାଯାଉଛି। ଏହା ଆତଙ୍କବାଦୀ, ଅପରାଧି, ଯୌନ ଉତ୍ପୀଡ଼ନର ସୁରକ୍ଷିତ ପ୍ଲାଟଫର୍ମ ପାଲଟି ଥିବା ଅଭିଯୋଗ ହେଉଛି। କାରଣ ଏହାର ମେସେଜ ଆପେ ଆପେ ଡିଲିଟ ହୋଇଯାଉଛି।

# ୭ ଥର କିଣାବିକା ହୋଇଥିଲା କାର୍

ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସୋମବାର ଲାଲ୍‌କିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣରେ ୧୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ଲାଲ୍‌କିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ସନ୍ଧ୍ୟା ୬.୫୨ ମିନିଟ୍‌ରେ ଏକ ହୁଣ୍ଡାଇ ଆଇ୨୦ କାର୍ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ବ୍ୟବହୃତ ହୋଇଥିବା ଏହି କାର୍ ୭ ଥର ବିକାକିଣା ହୋଇଥିଲା। ରୟାଲ କାର ଜୋନ୍‌ର ମାଲିକ ସୋନୁଙ୍କୁ ଏହି ମାମଲାରେ ଗିରଫ କରାଯାଇଛି। ହରିୟାଣା ପୁଲିସ ତାଙ୍କୁ ଦିଲ୍ଲୀ ପୁଲିସକୁ ହସ୍ତାନ୍ତର କରିଛି। ଶେଷଥର ପାଇଁ ସୋନୁ ହିଁ ଏହି କାର୍ ବିକ୍ରି କରିଥିଲେ। ୪ ଦିନ ତଳେ ଓଏଲ୍‌ଏକ୍ସ ଜରିଆରେ ସେ ଏହି କାର୍‌କୁ ବିକିଥିଲେ। କିନ୍ତୁ ଏହାପୂର୍ବରୁ ଏହି ହୁଣ୍ଡାଇ କାର ୬ ଥର କିଣାବିକା ହୋଇଥିଲା। ଏବେ ଏହି କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ଏଥିରେ ୩ ଜଣ ଲୋକ ବସିଥିବାର ଦେଖାଯାଇଛି। ଏହି ଫୁଟେଜ ଦିଲ୍ଲୀ-ମୁମ୍ବଇ- ଭଦୋଦରା ଏକ୍ସପ୍ରେସୱେର ସର୍ଭିସ ଲାଇନ୍‌ରେ ଥିବା ପେଟ୍ରୋଲ ପମ୍ପ ନିକଟର ବୋଲି ଜଣାଯାଇଛି। କାର୍‌ରେ ଲମ୍ବା ଦାଢ଼ି ରଖିଥିବା ତାରିକ ନାମକ ବ୍ୟକ୍ତି ବସିଥିବାର ଦେଖାଯାଇଛି। ଅକ୍ଟୋବର ୨୯ରେ ସନ୍ଧ୍ୟା ୪ଟା ୨୦ରେ କାର୍‌ର ପଲ୍ୟୁସନ ସାର୍ଟିଫିକେଟ୍ ବାହାର କରାଯାଇଥିଲା। ଏହି କାର ଗୁରୁଗ୍ରାମ ଆରଟିଓରେ ମହମ୍ମଦ ସଲମାନ ନାମରେ ପଞ୍ଜିକୃତ ହୋଇଛି।

# ଭାଇ ଗିରଫ, ମାଆ ଅଟକ

ଶ୍ରୀନଗର, ୧୧।୧୧ (ଏଜେନ୍ସି): ଦିଲ୍ଲୀ ବିସ୍ଫୋରଣର ୨୦ ଘଣ୍ଟା ପରେ ମାମଲାର ତଦନ୍ତ ଦାୟିତ୍ୱ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନଆଇଏ) ପାଖକୁ ଯାଇଛି। ଆଜି ବିସ୍ଫୋରଣରେ ବ୍ୟବହୃତ କାର୍‌ର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି। ମେଟ୍ରୋ ଷ୍ଟେସନ ପାର୍କିଂରୁ ବାହାରୁ ଥିବା ଏହି କାର୍‌ରେ କଳା ମାସ୍କ ପିନ୍ଧି ଜଣେ ବ୍ୟକ୍ତି ବସିଥିବା ଦେଖାଯାଉଛି। ପୁଲିସ ସୂଚନା ଅନୁଯାୟୀ, ଏହି ବ୍ୟକ୍ତିର ନାମ ଡ. ମହମ୍ମଦ ଉମର ନବି। ସେ ପୁଲୱାମାର ବାସିନ୍ଦା। ସେ ବିସ୍ଫୋରଣରେ ନିଜକୁ ଉଡ଼ାଇ ଦେଇଥିବା କୁହାଯାଉଛି। ଡିଏନଏ ଟେଷ୍ଟ କରିବା ପାଇଁ ଜମ୍ମୁ-କଶ୍ମୀର ପୁଲିସ ପୁଲୱାମାରୁ ତାହାର ମାଆ ଏବଂ ଦୁଇ ଭାଇଙ୍କୁ ହେପାଜତକୁ ନେଇଛି। ନବିର ସାଙ୍ଗ ଡ. ସଜ୍ଜାଦକୁ ମଧ୍ୟ ଗିରଫ କରାଯାଇଛି। ଦିନେ ତଳେ ସେ ବିବାହ କରିଥିଲା। ଅନ୍ୟପକ୍ଷରେ ହରିୟାଣାର ଫରିଦାବାଦରୁ ଅନ୍ୟ ଜଣେ ମହିଳା ଡ. ସାହିନ ସାହିଦକୁ ଗିରଫ କରାଯାଇଛି। ସେ ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖା 'ଜମାତ-ଉଲ-ମୋମିନତ'ର ମୁଖ୍ୟ ଥିଲା। ପାକିସ୍ତାନରେ ଥିବା ଆତଙ୍କବାଦୀ ଅଜହର ମସୁଦର ଭଉଣୀ ଏହି ମହିଳା ଶାଖାର ମୁଖ୍ୟ ରହିଛି।

# ଆତଙ୍କବାଦୀର ପ୍ରେମିକା ଓ ଭାଇ ଘରେ ଚଢ଼ଉ

ଲକ୍ଷ୍ନୌ: ଦିଲ୍ଲୀ ବିସ୍ଫୋରଣକୁ ନେଇ ଉତ୍ତର ପ୍ରଦେଶ (ୟୁପି) ଏଟିଏସ ବଡ଼ଧରଣର ଅଭିଯାନ ଆରମ୍ଭ କରିଛି। ଏଟିଏସ ଟିମ୍ ସହିତ ଜମ୍ମୁ-କଶ୍ମୀର ପୁଲିସ ମଙ୍ଗଳବାର ଦ୍ୱିପହରେ ଡ. ସାହିନ ସାହିଦର ଘରେ ପହଞ୍ଚିଛି। ତାର ଘର ଲକ୍ଷ୍ନୌର ଲାଲବାଗ ଅଞ୍ଚଳ ସ୍ଥିତ ଖନ୍ଦାରୀ ବଜାରରେ ରହିଛି। ଏହି ଟିମ୍ ସମ୍ପୂର୍ଣ୍ଣ ଘରର ତଲାସୀ ନେଇଛି। ଆଖପାଖର ପଡୋଶୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ସାହିନକୁ ଫରିଦାବାଦରୁ ସୋମବାର ଗିରଫ କରାଯାଇଥିଲା। ସେ ଗିରଫ ଡ.ମୁଜମ୍ମିଲ ସକିଲର ପ୍ରେମିକା। ଜମ୍ମୁ-କଶ୍ମୀର ପୁଲିସ ତା କାର୍‌ରୁ ଏକେ-୪୭, ପିସ୍ତଲ ଏବଂ କ୍ୟାଟ୍ରିଜ ଜବତ କରିଥିଲା। ଏହା ପୂର୍ବରୁ ପୁଲିସ ଟିମ୍ ମଡିୟାଁଓ ଥାନା ଅଧିନସ୍ଥ ସାହିନର ଭାଇ ଡ.ପରଭେଜ ଅନ୍‌ସାରୀର ଘରେ ତିନି ଘଣ୍ଟା ପର୍ଯ୍ୟନ୍ତ ଚଢ଼ଉ କରିଥିଲା। ଫାଟକରେ ତାଲା ପଡ଼ିଥିବାରୁ ଏହାକ ଭାଙ୍ଗି ପୁଲିସ ତଲାସୀ ନେଇଥିଲା। ଏହି ଘରେ କହି ନ ଥିବା ଜଣା ପଡ଼ିଥିଲା। ପଡ଼ୋଶୀ କହିଥିଲେ ଯେ ବୃଦ୍ଧ ପିତା ସୈୟଦ ଅନ୍‌ସାରୀ ସହ ପରଭେଜ ଅନସାରୀ ଏହି ଘରେ ରହୁଛି। ସେ ଲୋକଙ୍କ ସହ ବେଶୀ ମିଳାମିଶା କରେନି। ସାହରନପୁରର ଡେରାଡୁନ ଛକରେ ପରଭେଜର କ୍ଲିନିକ ରହିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଡିଜିଟାଲ ଡିଭାଇସ, କାର୍ ଏବଂ ବାଇକ ମିଳିଛି। ଏହି ମାମଲାର ଯାଞ୍ଚ ଜାରି ରହିଛି। ଘର ବାହାରେ ଥିବା କାର୍‌ରେ ଇଣ୍ଟିଗ୍ରାଲ ୟୁନିଭର୍ସିଟିର ପାସ୍ ଲାଗିଛି। ଏହି କାର୍‌କୁ ସହାରନପୁରରୁ କ୍ରୟ କରାଯାଇଥିଲା।

# ପ୍ରାଧ୍ୟାପିକା ସାହିନ ଥିଲା ଆତଙ୍କବାଦୀର ସହଯୋଗୀ



କାନପୁର: ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଏହି ମାମଲାର ଅଭିଯୁକ୍ତ ଡ.ମୁଜାମିଲ ସକିଲକୁ ଗିରଫ କରିବା ପରେ ତାର ସହଯୋଗୀ ତଥା ପ୍ରେମିକା ଡ. ସାହିନକୁ ଧରାଯାଇଛି। ସେ ପୂର୍ବରୁ କାନପୁରର ଗଣେଶ ଶଙ୍କର ବିଦ୍ୟାର୍ଥୀ ମେଡିକାଲ କଲେଜ (ଜିଏସଭିଏମ)ରେ କାର୍ଯ୍ୟରତ ଥିଲା। ସେ ୨୦୦୬ରେ ଜିଏସଭିଏମରେ ଫାର୍ମାକୋଲଜିଷ୍ଟ ଡିପାର୍ଟମେଣ୍ଟର ସହାୟକ ପ୍ରାଧ୍ୟାପିକା ଭାବେ ସାମିଲ ହୋଇଥିଲା। ସେ ଏଠାରେ ୨୦୧୩ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲା। ଏହା ପରେ ବିନା ସୂଚନାରେ କୁଆଡେ ଗାଏବ ହୋଇଯାଇଥିଲା। ସୂଚନା ଅନୁଯାୟୀ ଡ. ସାହିନ ସୈୟଦ ପ୍ରୟାଗରାଜରୁ ଏମ୍‌ବିବିଏସ କରିଥିଲା। ତାର ସ୍ୱାମୀ ଡ.ଜାଫର ସୈୟଦ ଚକ୍ଷୁ ଡାକ୍ତର ଥିଲା।

ଜାଫରଠୁ ଛାଡ଼ପତ୍ର ନେବା ପରେ ସାହିନ ଆତଙ୍କବାଦୀ ଡ. ମୁଜାମ୍ମିଲର ପ୍ରେମିକା ପାଲଟି ଯାଇଥିଲା। ତେବେ ସାହିନକୁ ମୁଜାମିଲ କେଉଁଠି ଭେଟିଥିଲା, ଏହି ବିସ୍ଫୋରଣରେ ତାର କି ସମ୍ପର୍କ ରହିଛି ତାହା ସାମ୍ନାକୁ ଆସିନାହିଁ। ସାହିନ ଭାରତରେ ଆତଙ୍କବାଦୀ ସଂଗଠନ ଜୈସର ମହିଳା ଶାଖା ମୁଖ୍ୟ ଥିଲା। ସେ ଭାରତରେ ମହିଳାଙ୍କୁ ଆତଙ୍କବାଦରେ ସାମିଲ କରାଉ ଥିଲା। ଜୈସର ଜମାତ-ଉଲ-ମୋମନତ ସଂଗଠନ ସହ ସାହିନ ଜଡ଼ିତ ଥିଲା। କଲେଜ ସୂତ୍ରରୁ ଜଣାପଡ଼ିଛି ଯେ ଡ. ସାହିନ ସାହିଦ ୟୁପିପିଏସସିରୁ ଚୟନ ହୋଇ ପ୍ରାଧ୍ୟାପିକା ହୋଇଥିଲା। ୨୦୦୯ରେ ୬ ମାସ ପାଇଁ ତାଙ୍କ ବଦଳି କନୌଜ ମେଡିକାଲ କଲେଜକୁ ହୋଇଥିଲା। ଏହା ପରେ ୨୦୧୦ରେ ପୁଣି ସେ କାନପୁର ଆସି ଯାଇଥିଲା। ତେବେ ୨୦୧୩ରେ ସେ କାହାକୁ ନ ଜଣାଇ ଗାଏବ ହୋଇ ଯାଇଥିଲା। ଅନେକ ନୋଟିସ ପଠାଇବା ପରେ ବି ସେ କୌଣସି ଜବାବ ଦେଇ ନ ଥିଲା। କଲେଜ ପକ୍ଷରୁ ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା। ଶେଷରେ ୨୦୨୧ରେ କଲେଜ ତାକୁ ବରଖାସ୍ତ କରିଦେଇଥିଲା। ମେଡିକାଲ କଲେଜର ଡାକ୍ତରଙ୍କ ଅନୁଯାୟୀ ସାହିନର ବ୍ୟକ୍ତିଗତ ଜୀବନ ମଧ୍ୟ ବିବାଦରେ ଥିଲା। ସେ ୨୦୧୫ରେ ଜାଫର ଠାରୁ ଛାଡ଼ପତ୍ର ନେଇଥିଲା। ଏହା ପରେ ଲକ୍ଷ୍ନୌରେ ରହୁଥିଲା।

# ସନ୍ଦେହରେ ଆଉ ତିନି ଡାକ୍ତର


ଫରିଦାବାଦ୍, ୧୧।୧୧(ଏଜେନ୍ସି): ଫରିଦାବାଦ୍‌ରେ ୨୯୦୦ କେଜି ବିସ୍ଫୋରକ ମିଳିବା ପରେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ପୁଲିସ ଚଢ଼ଉ କରିଛି। ଯାଞ୍ଚ୍ ପାଇଁ ସେଠାରେ ଏନ୍‌ଆଇଏ ଟିମ୍ ପହଞ୍ଚିଛି। ଦେଢ଼ ଘଣ୍ଟା ରେଡ୍ କରିବା ପରେ ଟିମ୍ ସେଠାରୁ ଫେରିଆସିଛି। କିନ୍ତୁ ପୁଲିସ ଏବେ ମଧ୍ୟ ସେଠାରେ ରହିଛି। ପୁଲିସ ବିଶ୍ୱବିଦ୍ୟାଳୟର ଲାବୋରାଟୋରୀରେ କାର୍ଯ୍ୟ କରୁଥିବା ୩ ଜଣ ଲୋକଙ୍କୁ ପଚରାଉଚରା କରିବା ପାଇଁ ଗିରଫ କରିଛି। ତେବେ ଏହି ୩ ଜଣ ବିଶ୍ୱବିଦ୍ୟାଳୟ ଛାତ୍ର କିମ୍ବା କର୍ମଚାରୀ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହାପରେ ପୁଲିସ ଫରିଦାବାଦ୍‌ର ଫତେପୁର ତଗା ଗାଁରେ ଥିବା ମସଜିଦ୍‌ରେ ଯାଞ୍ଚ୍ କରୁଛି। ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡାକ୍ତର ମୁଜାମିଲ୍ ସକିଲ୍ ତଗା ମସଜିଦକୁ ନମାଜ ପଢ଼ିବା ପାଇଁ ଯାଇଥାଏ। ସେଠାରେ ଥିବା ଅନ୍ୟ ଧାର୍ମିକ ଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି ଓ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ଏମାନଙ୍କ ହ୍ୱାଟ୍ସଆପ୍ ଚାଟ ଡିଲିଟ୍ ହୋଇଥିବା ପୁଲିସ ଜାଣିବାକୁ ପାଇଛି। ଦିଲ୍ଲୀ ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ମହମ୍ମଦ ଉମର ନବୀ ଏହି ବିଶ୍ୱବିଦ୍ୟାଳୟରେ ପଢ଼ାଉଥିଲା। ସୋମବାର ବିସ୍ଫୋରଣ ଦିନ ଉମର ଏହି ବିଶ୍ୱବିଦ୍ୟାଳୟରୁ ଆଇ୨୦ ଗାଡି ନେଇ ବାହରିଥିଲା। ଏହାପରେ ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ପୁଲିସ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟ ସହିତ ଜଡିତ ୩ ଜଣ ଡାକ୍ତର ଆଦିଲ ଅହମ୍ମଦ ରାଠର, ମୁଜାମିଲ ଅହମ୍ମଦ ଗନାଇ ଉରଫ ମୁଜାମିଲ ସକିଲ ଏବଂ ମହିଳା ଡାକ୍ତର ଶାହିନ ଶାହିଦଙ୍କୁ ଗିରଫ କରିଥିଲା। ମଧ୍ୟପ୍ରାଚ୍ୟ ତଥା ଗଲ୍ ଦେଶଗୁଡିକର ପାଣ୍ଠିରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଛି ବୋଲି କୁହାଯାଉଛି।

# ଉଜୁଡ଼ିଗଲା ଡିଟିସି କଣ୍ଡକ୍ଟର, ଟ୍ୟାକ୍ସି ଡ୍ରାଇଭରଙ୍କ ସଂସାର

ନୂଆଦିଲ୍ଲୀ, ୧୧।୧୧(ଏଜେନ୍ସି): ଗତକାଲି ଦିଲ୍ଲୀରେ ହୋଇଥିବା ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଛନ୍ତି ଏବଂ ୨୧ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ସାମିଲ ଅଛନ୍ତି। ନିହତ ୧୨ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କର ଚିହ୍ନଟ ଲାଗି ଡିଏନଏ ପରୀକ୍ଷା କରାଯାଉଛି। ଏଥିପାଇଁ ମୃତକଙ୍କ ପରିବାର ସଦସ୍ୟ ହସ୍ପିଟାଲରେ ଅପେକ୍ଷା କରି ରହିଛନ୍ତି। ପ୍ରାଣ ହରାଇଥିବା ବ୍ୟକ୍ତି ଜାଣିନଥିଲେ ଯେ ମୃତ୍ୟୁ ଏମିତି ଆସିବ ଏବଂ ସେମାନଙ୍କର ସଂସାରକୁ ଉଜାଡ଼ିଦେବ।

ଚିହ୍ନଟ ହୋଇଥିବା ମୃତ ବ୍ୟକ୍ତି ହେଲେ ଅମର କଟାରିଆ, ନୋମାନ ଅନସାରୀ, ମୋହସିନ, ମହମ୍ମଦ ଜୁମ୍ମନ, ପଙ୍କଜ ସାହିନୀ, ଅଶୋକ କୁମାର ଏବଂ ଲୋକେଶ ଅଗ୍ରୱାଲ।

ଏହି ବିସ୍ଫୋରଣରେ ଅନେକ ଲୋକ ନିଜ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ହେଉଛନ୍ତି ଉତ୍ତର ପ୍ରଦେଶ ସାମଲି ଜିଲ୍ଲା ଝିନ୍ନନ ସହରର ବାସିନ୍ଦା ନୋମାନ ଅନସାରୀ। ସେ ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ଘରେ ଉପରେ ଏବେ ଚଡ଼କ ପଡ଼ିଯାଇଛି। ସେହିପରି ଦିଲ୍ଲୀର ଏଲଏନଜେପି ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସାମିଲ ଜିଲ୍ଲାର ନୋମାନ ପ୍ରାଣ ହରାଇଛନ୍ତି। ସେ ବ୍ୟବସାୟ ପାଇଁ ସାମଗ୍ରୀ ଆଣିବାକୁ ସମ୍ପର୍କୀୟ ଭାଇ ଅମାନଙ୍କ ସହ ଦିଲ୍ଲୀ ଯାଇଥିଲେ। କିଣାବିକା ସାରିବା ପରେ ନୋମାନ ଆଉ କିଛି ଜିନିଷ ଆଣିବାକୁ ଚାନ୍ଦିନ ଚୌକ ଯିବାକୁ ବାହାରି ଥିଲେ। ମାତ୍ର ଏହାର କିଛି ମିନିଟ ମଧ୍ୟରେ ବିସ୍ଫୋରଣ ଘଟି ନୋମାନ ପ୍ରାଣ ହରାଇ ଥିଲେ। ତେବେ ଅମାନ ଅଳ୍ପକେ ବର୍ତ୍ତି ଯାଇ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ ମୃତକଙ୍କ ମଧ୍ୟରେ ଡିଟିସି କଣ୍ଡକ୍ଟର ଅଶୋକ କୁମାର (୩୪) ସାମିଲ ଅଛନ୍ତି। ସେ ତାଙ୍କ ବନ୍ଧୁ ଲୋକେଶ ଅଗ୍ରୱାଲଙ୍କ ସହିତ ବାଇକରେ ଯାଉଥିଲେ। ସେମାନେ ଯେଉଁ କାର ପଛେ ଯାଉଥିଲେ, ତାହା ବିସ୍ଫୋରଣ ହୋଇଥିଲା। ଦୁହେଁ ପ୍ରାଣ ହରାଇଛନ୍ତି। ସେମା ।।ନେ ଅମରୋହା ଜିଲ୍ଲାର ବାସିନ୍ଦା। ଟ୍ୟାକ୍ସି ଚଳାଉଥିବା ସେହିଭଳି ପଙ୍କଜ ସାହିନୀ (୨୨) ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି। ତିନି ବର୍ଷ ହେଲା ସେ ଦିଲ୍ଲୀରେ ଟ୍ୟାକ୍ସି ଚଳାଉ ଥିଲେ। ବିହାର ସମସ୍ତିପୁରର ସାହିନୀ ନିଜ ସମ୍ପର୍କୀୟଙ୍କୁ ଛାଡ଼ିବା ପାଇଁ ପୁରୁଣା ଦିଲ୍ଲୀ ରେଳ ଷ୍ଟେସନକୁ ଯାଇଥିଲେ। ବିସ୍ଫୋରଣ ପରଠୁ ତାଙ୍କ ଫୋନ୍ ସ୍ୱିଚ୍‌ଅଫ ହୋଇଯାଇଥିଲା। ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସ ପକ୍ଷରୁ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା। ଏବେ ମୃତଦେହ ନେବା ପାଇଁ ତାଙ୍କ ପରିବାର ସଦସ୍ୟ ହସ୍ପିଟାଲ ବାହାରେ ଅପେକ୍ଷା କରି ରହିଛନ୍ତି।



ଇ-ରିକ୍ସା ଡ୍ରାଇଭର ମୋହସିନ ଗତକାଲି ସନ୍ଧ୍ୟାରେ ଯାତ୍ରୀଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। ତେବେ ବିସ୍ଫୋରଣ ଯୋଗୁ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁଇ ବର୍ଷ ତଳେ ସେ ଦିଲ୍ଲୀ ଆସିଥିଲେ ଏବଂ ଘରର ଏକମାତ୍ର ରୋଜିଗାରିଆ ବ୍ୟକ୍ତି ଥିଲେ। ଅନ୍ୟତମ ମୃତ ବ୍ୟକ୍ତି ହେଲେ ଅମର କଟାରିଆ। ସେ ଔଷଧ ବ୍ୟବସାୟ କରୁଥିଲେ। ସେହିପରି ବିସ୍ଫୋରଣ ଯୋଗୁଁ ଏକ ଧାତବ ପଦାର୍ଥ ଆସି ପେଟରେ ବାଜିବାରୁ ଅଟୋ ଡ୍ରାଇଭର ଅବଧେଶ ମଣ୍ଡଳ ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଗାଡ଼ି ଚଳାଇ ଚାରି କିମି ଦୂର ହସ୍ପିଟାଲରେ ପହଞ୍ଚି ଥିଲେ। ଏହା ବ୍ୟତୀତ ୩୪ ବର୍ଷୀୟ ଆଜାଦ ଆଲମଙ୍କ ଦେହରେ ଲୁହା ଏବଂ କାଚ ଆଦି ମାଡ଼ ହୋଇଥିଲା। ସେ ରକ୍ତାକ୍ତ ଅବସ୍ଥାରେ ନିଜ ଭାଇକୁ ଫୋନ କରିଥିଲେ।



ମା' ହେବେ ଓନସ ଜାବେଉର୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-136 ◆WEDNESDAY ◆12 NOVEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୩୬ ◆ବୁଧବାର ◆୧୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ; ଏନ୍‌ଆଇଏର ତନାଘନା ଆରମ୍ଭ

# ଖୋଲୁଛି ଷଡ଼ଯନ୍ତ୍ରର ଗୁମର



- ଡାକ୍ତର ଉମର ବିସ୍ଫୋରଣର ମାଷ୍ଟରମାଇଣ୍ଡ
- ଉମରଙ୍କ ପରିବାରର କରାଗଲା ଡିଏନ୍‌ଏ ଟେଷ୍ଟ
- ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି, ଆଉ ୬ ଗିରଫ
- କୌଣସି ଦୋଷୀକୁ ଛଡ଼ାଯିବ ନାହିଁ: ପ୍ରଧାନମନ୍ତ୍ରୀ
- ମୃତ୍ୟୁସଂଖ୍ୟା ୧୨କୁ ବୃଦ୍ଧି; ବଢ଼ିବା ଆଶଙ୍କା



■ **ନୂଆଦିଲ୍ଲୀ, ୧୧।୧୧ (ଏଜେନ୍ସି):** ଗତକାଲି ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର ବିସ୍ଫୋରଣର ତନାଘନା ଆରମ୍ଭ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ। ତଦନ୍ତକାରୀ ସଂସ୍ଥାକୁ ଗୁରୁତ୍ୱପୂର୍ଣ୍ଣ ସୁରାଖ ମିଳିଛି। ଯେଉଁ ଆଇ-୨୦ କାର ବିସ୍ଫୋରଣ ହୋଇଛି, ତାହାକୁ ଚଳାଉଥିବା ସନ୍ଦିଗ୍ଧ ବ୍ୟକ୍ତି ଚିହ୍ନଟ ହେଉଛି। ସେ ହେଉଛି ଡାକ୍ତର ଉମର-ଉନ-ନବି। ସମଗ୍ର ବିସ୍ଫୋରଣ ଷଡ଼ଯନ୍ତ୍ରରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଅନୁମାନ କରାଯାଉଛି। ତା ଘର ହେଉଛି ଜମ୍ମୁ-କଶ୍ମୀରର ପୁଲୱାମାରେ। ସେ ହରିଆଣା ଫରିଦାବାଦର ଅଲ-ଫଲାହ ମେଡିକାଲ କଲେଜରେ ଡାକ୍ତର ଥିଲା। ସେ ନିଖୋଜ ଥିବା ବେଳେ ପୁଲିସ ତା ଘରେ ଚଢଉ କରି ପରିବାରର ତିନି ଜଣଙ୍କୁ ଅଟକ ରଖାଯିବା ସହ ଉମରଙ୍କ ମା'ଙ୍କର ଡିଏନ୍‌ଏ ଟେଷ୍ଟ କରାଯାଇଛି। ବିସ୍ଫୋରଣସ୍ଥଳରୁ ମିଳିଥିବା ଶରୀରର ଅଂଶବିଶେଷ ସହିତ ଡିଏନ୍‌ଏ ଟେଷ୍ଟ ରିପୋର୍ଟ ମେଳ ଖାଇଲେ ଉମର ମୃତ ବୋଲି ଘୋଷଣା କରାଯିବ।

ସେହିପରି ଏହି ବିସ୍ଫୋରଣ ସହ ସଂପୃକ୍ତ ଥିବା ସନ୍ଦେହରେ ପୁଲିସ ଅଲ ଫଲାହ କଲେଜର ଆଉ ତିନି ଜଣ ଡାକ୍ତରଙ୍କୁ ମଧ୍ୟ ଗିରଫ କରିଛି। ଆଜି ଏହି ଘଟଣାରେ ଉତ୍ତର ପ୍ରଦେଶ ସମେତ ହରିଆଣା ଓ ଜମ୍ମୁ-କଶ୍ମୀରରେ ପୁଲିସ ଚଢ଼ଉ କରିଛି। ୬ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଅନେକ ଲୋକଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆଜି ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିବା ବେଳେ ସ୍ପଷ୍ଟ କରିଦେଇଛନ୍ତି ଯେ ଏହି ବିସ୍ଫୋରଣରେ ସଂପୃକ୍ତ ଥିବା କୌଣସି ଦୋଷୀଙ୍କୁ ଛଡ଼ାଯିବ ନାହିଁ ଏବଂ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକ କରାଯିବ। ଏହି ବିସ୍ଫୋରଣରେ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି।

ଗତକାଲି କାର ବିସ୍ଫୋରଣ ପରେ ପୁଲିସ ଉକ୍ତ କାର ସଂପର୍କରେ ତନାଘନା ଆରମ୍ଭ କରିଥିଲା। ଗତକାଲି ଏହି କାର ଫରିଦାବାଦରୁ ଦିଲ୍ଲୀ ଆସିଥିଲା। ଏଥିରେ ତିନି ଜଣ ଥିଲେ। ଡାକ୍ତର ଉମର କାର ଚଳାଉଥିବା ବେଳେ ସେ ମାସ୍କ ପିନ୍ଧିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ଦେଖାଯାଉଛି। ଉମର ତିନି ଘଣ୍ଟା ଧରି କାର ଚଳାଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ବିସ୍ଫୋରଣ ବେଳେ ସେ ଅନ୍ୟ ଦୁଇ ଜଣ ବ୍ୟକ୍ତି ▶ପୃଷ୍ଠା-୭

## ସରିଲା ବିହାର ନିର୍ବାଚନ

# ଏନ୍‌ଡିଏ ସପକ୍ଷରେ ବୁଥ୍ ବାହୁଡ଼ା ମତ

■ **ପାଟନା, ୧୧।୧୧ (ଏଜେନ୍ସି):** ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭା ପାଇଁ ନିର୍ବାଚନ ଆଜି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରେକର୍ଡ ୬୫.୦୮ ପ୍ରତିଶତ ମତଦାନ ହୋଇଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରେକର୍ଡ ୬୭.୧୪ ପ୍ରତିଶତ ମତଦାନ ହୋଇଛି। ଆସନ୍ତା ୧୪ ତାରିଖରେ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ।

ନିର୍ବାଚନରେ ମୁଖ୍ୟ ମୁକାବିଲା ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ଏବଂ ତେଜସ୍ୱୀ ଯାଦବଙ୍କ ନେତୃତ୍ୱାଧୀନ ମହାମେଣ୍ଟ ମଧ୍ୟରେ ହେଉଛି। ତେବେ ନିର୍ବାଚନରେ ଏନଡିଏକୁ ସ୍ପଷ୍ଟ ବହୁମତ ମିଳିବ ବୋଲି ବିଭିନ୍ନ ସଂସ୍ଥା ପକ୍ଷରୁ କରାଯାଇଥିବା ବୁଥବାହୁଡ଼ା ମତରୁ ଜଣାପଡୁଛି। ସରକାର ଗଠନ ପାଇଁ ୧୨୨ ଆସନ ଆବଶ୍ୟକ ଥିବା ବେଳେ ଏନଡିଏ ୧୩୦ରୁ ୧୬୭ ମଧ୍ୟରେ ଆସନ ହାସଲ କରିପାରେ ବୋଲି ସର୍ଭେରେ କୁହାଯାଇଛି। ସେହି ସର୍ଭେ ଅନୁଯାୟୀ ତେଜସ୍ୱୀଙ୍କ ମହାମେଣ୍ଟକୁ ଏଥର ପୁଣି ଝଟକା ଲାଗିଛି। ଏହି ମେଣ୍ଟକୁ ୭୦ରୁ ୧୦୮ ମଧ୍ୟରେ ଆସନ ମିଳିପାରେ। ତେବେ ପ୍ରଶାନ୍ତ କିଶୋରଙ୍କ ଜନସୂରଜ ପାର୍ଟିକୁ ବିଶେଷ ସଫଳତା ମିଳିବ ନାହିଁ। ▶ପୃଷ୍ଠା-୭

| ଆକଳନକାରୀ ସଂସ୍ଥା | ଏନ୍‌ଡିଏ | ମହାମେଣ୍ଟ | ଅନ୍ୟ |
|---|---|---|---|
| ଜେଭିସି ପଲ୍ସ | ୧୩୫-୧୫୦ | ୮୮-୧୦୩ | ୩-୬ |
| ମାଟ୍ରିଜ | ୧୪୭-୧୬୭ | ୭୦-୯୦ | ୨-୧୦ |
| ପିପୁଲ୍ସ ଇନ୍‌ସାଇଟ୍ | ୧୩୩-୧୪୮ | ୮୭-୧୦୨ | ୩-୬ |
| ପିପୁଲ୍ସ ପଲ୍ସ | ୧୩୩-୧୫୯ | ୭୫-୧୦ | ୧୨-୧୩ |
| ଦୈନିକ ଭାସ୍କର | ୧୪୫-୧୬୦ | ୭୩-୯୧ | ୫-୧୦ |
| ଚାଣକ୍ୟ | ୧୩୦-୧୩୮ | ୧୦୦-୧୦୮ | ୩-୫ |
| ଟାଇମ୍ସ ନାଓ | ୧୪୩ | ୯୫ | ୫ |

# ନୂଆପଡ଼ାରେ ୭୭.୯୩% ମତଦାନ

■ **ନୂଆପଡ଼ା/ ଭୁବନେଶ୍ୱର, ୧୧।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ମଙ୍ଗଳବାର ଶେଷ ହୋଇଛି ମତଦାନ। ମତଦାନ ଶେଷ ସହ ଇଭିଏମରେ ପ୍ରାର୍ଥୀଙ୍କ ଭାଗ୍ୟ ସିଲ୍ ହୋଇଥିବା ବେଳେ ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳ ପ୍ରକାଶ ପାଇବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୭ଟା ସୁଦ୍ଧା ମୋଟ ୭୭.୯୩ ପ୍ରତିଶତ ମତଦାନ ରେକର୍ଡ କରାଯାଇଛି। ଅପରପକ୍ଷେ କର୍ତ୍ତବ୍ୟରେ ଅବହେଳା ଓ ମତଦାତାଙ୍କ ଗୋପନୀୟତା ଉଲ୍ଲଂଘନ କରିଥିବା ହେତୁ କୁଳିଆବନ୍ଧ ପିଏସ୍-୩୬ର ପ୍ରିଜାଇଡିଂ ଅଫିସର ଏବଂ ବୁଥ ନମ୍ବର ୪୬ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବିତ କରାଯାଇଛି। ଅପରପକ୍ଷେ ଭୋଟଗ୍ରହଣ ସମୟରେ ଇଭିଏମ ମାଧ୍ୟମରେ ଭୋଟଚୋରୀଠାରୁ ଆରମ୍ଭ କରି ଶାସକ ଦଳର ସମର୍ଥକମାନେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ସଂକ୍ରାନ୍ତରେ ମାଳମାଳ ଅଭିଯୋଗ ଆଣିଛନ୍ତି ବିରୋଧୀ ବିଜେଡି ଓ କଂଗ୍ରେସ। ଯାହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି ଏବଂ ଜାତୀୟସ୍ତରରେ ଚର୍ଚ୍ଚିତ 'ଭୋଟ ଚୋରି' ଅଭିଯୋଗକୁ ଅଧିକ ଖୋରାକ ▶ପୃଷ୍ଠା-୭

- ୧୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍
- ଦାୟିତ୍ୱରେ ଅବହେଳା, ୨ ପ୍ରିଜାଇଡିଂ ଅଫିସର ନିଲମ୍ବିତ

## ଟେଷ୍ଟିଂ ବେଳେ ଧରାପଡ଼ିଲା ଇଭିଏମ୍ ତ୍ରୁଟି

# 'ହାତ'ରେ ଟିପିଲେ 'ପଦ୍ମ'!



■ **ନୂଆପଡ଼ା/ଭୁବନେଶ୍ୱର, ୧୧।୧୧ (ସମିସ):** ଭୋଟ ଚୋରିକୁ କଂଗ୍ରେସ ସାରା ଦେଶରେ ପ୍ରସଙ୍ଗ କରିଥିବା ସମୟରେ ନୂଆପଡ଼ା ଉପନିର୍ବାଚନରେ କେତେକ ଘଟଣା ଏହାକୁ ଅଧିକ ବଳ ଯୋଗାଇଛି। ନୂଆପଡ଼ାର କିଛି ମତଦାନ କେନ୍ଦ୍ରରେ ଭୋଟରମାନେ ଇଭିଏମ୍‌ର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଇଭିଏମ୍‌ରେ ଯେଉଁ ପ୍ରାର୍ଥୀଙ୍କୁ ଭୋଟ ଦେଲେ ମଧ୍ୟ ତାହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଅଭିଯୋଗ ହୋଇଛି।

କୋମନା ବ୍ଲକ୍ ଅନ୍ତର୍ଗତ ଭାଲୁକୋନାର ୨୫୦ ନମ୍ବର ବୁଥରେ ଏପରି ସାଂଘାତିକ ଘଟଣାର ଛବି ଦେଖିବାକୁ ମିଳିଛି। ଏଠାରେ ମତଦାତାମାନେ ସେମାନଙ୍କର ମତାଧିକାର ସାବ୍ୟସ୍ତ ସମୟରେ ସବୁ ଭୋଟ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ବିଜେଡି, କଂଗ୍ରେସ ଓ ଅନ୍ୟ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଇଭିଏମ୍‌ରେ ବୋତାମ ଟିପିବା ସମୟରେ ତାହା ବିଜେପିକୁ ଯାଉଥିବା ଭୋଟରମାନେ ଅଭିଯୋଗ କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ଓ କିଛି ସମୟ ମତଦାନ ବନ୍ଦ ରହିଥିଲା। ବିଭିନ୍ନ ଦଳର ପ୍ରାର୍ଥୀମାନେ ଏହା ଯୋଜନାବଦ୍ଧ ଭୋଟ ଚୋରି ବୋଲି ଅଭିଯୋଗ କରିଥିଲେ। ସେଠାରେ କାର୍ଯ୍ୟରତ ସେକ୍ଟର ଅଫିସର ଅନ୍ୟ ଇଭିଏମ୍ ଆଣିବା ପରେ ପୁନର୍ବାର ମତଦାନ କରାଯାଇଥିଲା।

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି

# ସିବିଆଇ ତଦନ୍ତ ପାଇଁ ବିଜ୍ଞପ୍ତି

■ **ଭୁବନେଶ୍ୱର,୧୧।୧୧(ସମିସ):** ଏସ୍‌ଆଇ ଚାକିରି ବିକ୍ରି ମାମଲାର ସିବିଆଇ ତଦନ୍ତ ସଂକ୍ରାନ୍ତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସରକାରଙ୍କ ସୁପାରିସ ଆଧାରରେ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ସହ ଏହାର ନକଲ ଓଡ଼ିଶା ମୁଖ୍ୟ ସଚିବ ଓ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି।

ରାଜ୍ୟରେ ଅକ୍ଟୋବର ୫ ଏବଂ ୬ ତାରିଖରେ ହେବାକୁଥିବା ଏସ୍‌ଆଇ ପରୀକ୍ଷା ପୂର୍ବରୁ ପରୀକ୍ଷା ପରିଚାଳନା ନିମନ୍ତେ ଠିକା ନେଇଥିବା ଆଇଟିଆଇରୁ ସବ୍‌ଲେଟ ପାଇଥିବା ସିଲିକନ୍ ଟେକ୍‌ଲାବ ଓ ଏହାର ସହଯୋଗୀ ସଂସ୍ଥା ପଞ୍ଚସଫ୍ଟ ପରୀକ୍ଷାର୍ଥୀଙ୍କୁ ତାଲିମ ପାଇଁ ନେବାବେଳେ ଧରାପଡ଼ିଥିଲେ। ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସହ ଦଲାଲମାନଙ୍କୁ ଶ୍ରୀକାକୁଳମରୁ ପୁଲିସ ଗିରଫ କରିଥିଲା। ନିଯୁକ୍ତି ଆଶାୟୀଙ୍କ ଠାରୁ ୨୫ରୁ ୫୦ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନେଇ ଚାକିରି ଦିଆଯିବା ପ୍ରତିଶ୍ରୁତି ଦିଆଯାଇଥିବା ▶ପୃଷ୍ଠା-୭

# ଟ୍ରାକ୍ଟର୍ ମଡ଼ାଇ ଜେଜେ-ନାତିଙ୍କୁ ହତ୍ୟା

■ **ଧର୍ମଗଡ଼, ୧୧।୧୧ (ସମିସ):** ଟ୍ରାକ୍ଟର୍ ଚଢ଼ାଇ ୨ ଜଣଙ୍କୁ ମାରିଦେଲେ ଚୋର। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ମେରଘରା ଗ୍ରାମରେ ଗତ ରାତିରେ ଘଟିଥିବା ଏପରି ଏକ ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକଦ୍ୱୟ ହେଲେ, ହରିଶଙ୍କର ଭଇଁସାଲ ଓ ସତ୍ୟମ ଭଇଁସାଲ। ସଂପର୍କରେ ଦୁହେଁ ଜେଜେ-ନାତି। ଟ୍ରାକ୍ଟର୍ ଡାଲା ଚୋରି କରିନେଉଥିବା ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଦୁହେଁ ପିଛା କରୁଥିବା ବେଳେ ଅଭିଯୁକ୍ତମାନେ ସେମାନଙ୍କ ଉପରେ ଟ୍ରାକ୍ଟର୍ ମଡ଼ାଇ ଦେଇଥିଲେ। ଏନେଇ ପୁଲିସ୍ ହତ୍ୟା ମାମଲା ରୁଜ୍ଜୁ କରି ତଦନ୍ତ ଆରମ୍ଭ କରିଛି। ▶ପୃଷ୍ଠା-୭

- ଚୋରଙ୍କୁ ଧରିବାକୁ ଯାଇଥିଲେ
- ଶବ ରଖି ଗ୍ରାମବାସୀଙ୍କ ରାସ୍ତା ଅବରୋଧ





## ହାଇକୋର୍ଟରେ ପୀତବାସ ହତ୍ୟା ପ୍ରସଙ୍ଗ

# ନିଃସର୍ତ୍ତ କ୍ଷମା ମାଗିଲେ ବ୍ରହ୍ମପୁର ଏସ୍‌ପି

■ **କଟକ, ୧୧।୧୧ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା ସହ ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ମକଦ୍ଦମାକୁ ଯୋଡ଼ି ଗଣମାଧ୍ୟମ ସମ୍ମୁଖରେ ତଥ୍ୟ ସାର୍ବଜନୀନ କରିବା ମାମଲାରେ ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ. ଆଜି ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ପୂର୍ବ ନିର୍ଦ୍ଦେଶ ଅନୁସାରେ, ଏସ୍‌ପି ଦାଖଲ କରିଥିବା ସତ୍ୟପାଠକୁ ହାଇକୋର୍ଟ ଗ୍ରହଣ କରିବା ସହ ଏସ୍‌ପିଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ନାହିଁ କହିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାରଙ୍କ ବିରୋଧରେ ରୁଜ୍ଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ▶ପୃଷ୍ଠା-୭

## ତଳମୁହାଁ ପାରଦ

# ୩ ଦିନରେ ଖସିବ ୩ ଡିଗ୍ରୀ

■ **ଭୁବନେଶ୍ୱର, ୧୧।୧୧ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତର ପ୍ରଭାବ ଜାରି ରହିଛି। ତାପମାତ୍ରା ତଳମୁହାଁ ହେତୁ ଅନେକ ସ୍ଥାନରେ ଥଣ୍ଡା ଅନୁଭୂତ ହେଉଛି। ଏହି କ୍ରମରେ ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ପୁଣି ପାରଦ ତଳମୁହାଁ ହୋଇଛି। ଏଠାରେ ତାପମାତ୍ରା ୧୧.୧ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ରାଉରକେଲାରେ ତାପମାତ୍ରା ୧୨.୯, କେନ୍ଦୁଝରେ ୧୩.୪, ସମ୍ବଲପୁରରେ ୧୫.୬, ହୀରାକୁଦ ୧୫.୬, ଭୁବନେଶ୍ୱର ୧୬.୨, ବାଲେଶ୍ୱର ୧୭.୮, ପାରାଦୀପରେ ୧୮.୭, ଗୋପାଳପୁର ୧୮.୮, ଚାନ୍ଦବାଲି ୧୯.୨ ଓ ପୁରୀରେ ତାପମାତ୍ରା ୨୦.୫ ଡିଗ୍ରୀ ରେକର୍ଡ ହୋଇଛି। ପଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ହ୍ରାସ ହେବାର ସମ୍ଭାବନା ଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ନରମିଲା ଟ୍ରମ୍ପଙ୍କ ସ୍ୱର

# ଭାରତ ଉପରୁ କମିବ ଟାରିଫ୍

■ **ୱାଶିଂଟନ୍, ୧୧।୧୧ (ଏଜେନ୍ସି):** ଭାରତ ଉପରୁ କମ୍ ହେବ ଟାରିଫ୍। ଏ ନେଇ ସଙ୍କେତ ଦେଇଛନ୍ତି ଖୋଦ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଖୁବ୍ ଶୀଘ୍ର ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଚୁକ୍ତିରେ ବାଜିବ ମୋହର। ଆମେରିକା ଏବଂ ଭାରତ ମଧ୍ୟରେ ବିଗିଡ଼ିଥିବା ସମ୍ପର୍କକୁ ପୁନଃସ୍ଥାପିତ କରିବାର ଦାୟିତ୍ୱ ଏବେ ଭାରତ ପାଇଁ ନୂତନ ଭାବେ ନିଯୁକ୍ତ ଆମେରିକାର ରାଷ୍ଟ୍ରଦୂତ ସର୍ଗିଓ ଗୋରଙ୍କ ଉପରେ ରହିବ। ଗୋରଙ୍କ ଶପଥ ଗ୍ରହଣ ସମାରୋହରେ ଅଧ୍ୟକ୍ଷତା କରି ଟ୍ରମ୍ପ ଆଶା ପ୍ରକାଶ କରିଥିଲେ ଯେ ଗୋର୍ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବେ। ସେ କହିଥିଲେ, ମୁଁ ଆମ ଦେଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ପର୍କ ମଧ୍ୟରୁ ଗୋଟିଏ - ଭାରତ ସହିତ ଆମର ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ପାଇଁ ସର୍ଗିଓ ଗୋରଙ୍କ ଉପରେ ନିର୍ଭର କରୁଛି। ଏହା ଏକ ବହୁତ ବଡ଼ କଥା। ଟ୍ରମ୍ପ୍ ଆହୁରି କହିଛନ୍ତି ଯେ ଭାରତ ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ମଧ୍ୟରୁ ଗୋଟିଏ ଏବଂ ବର୍ତ୍ତମାନ ବିଶ୍ୱର ସର୍ବବୃହତ ଦେଶ, ଯେଉଁଠାରେ ପାଖାପାଖି ୧୫୦ କୋଟି ଲୋକ ରହୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହିତ ତାଙ୍କର ବହୁତ ଭଲ ସମ୍ପର୍କ ଅଛି। ଯେତେବେଳେ ଟ୍ରମ୍ପ୍‌ଙ୍କୁ ଭାରତ ସହିତ ବାଣିଜ୍ୟ ଚୁକ୍ତିର ଅଗ୍ରଗତି ଏବଂ ଶୁଳ୍କ (ଆମଦାନୀ ଶୁଳ୍କ) ହ୍ରାସ କରିବାର ସମ୍ଭାବନା ବିଷୟରେ ପଚରାଯାଇଥିଲା, ସେ କହିଥିଲେ ବର୍ତ୍ତମାନ ଭାରତ ଉପରେ ଶୁଳ୍କ ବହୁତ ଅଧିକ। ପୂର୍ବରୁ, ଭାରତ ରୁଷରୁ ତେଲ ଆମଦାନୀ କରୁଥିଲା, କିନ୍ତୁ ବର୍ତ୍ତମାନ ତାହା ଯଥେଷ୍ଟ ହ୍ରାସ ପାଇଛି। ତେଣୁ, ଆମେ ଖୁବ୍ ଶୀଘ୍ର ଭାରତ ଉପରେ ଶୁଳ୍କ ହ୍ରାସ କରିବାକୁ ଯାଉଛୁ ଏବଂ ଆମେ କୌଣସି ସମୟରେ ସେଗୁଡ଼ିକୁ ହ୍ରାସ କରିବୁ। ଏହି ବିବୃତ୍ତି ସହିତ ଟ୍ରମ୍ପ ଇଙ୍ଗିତ ଦେଇଛନ୍ତି ଯେ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଉନ୍ନତ ହେବା ସହିତ ଭବିଷ୍ୟତରେ ଆମଦାନୀ ଶୁଳ୍କ ହ୍ରାସ କରାଯାଇପାରିବ।

ସେ ଭାରତକୁ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ମଧ୍ୟବିତ୍ତ ଦେଶ ଭାବରେ ବର୍ଣ୍ଣନା କରିଥିଲେ ଏବଂ କହିଥିଲେ ଯେ ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଆମେରିକା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଏବଂ ରଣନୈତିକ ଅଂଶୀଦାର। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରଦୂତ ଭାବରେ, ସେର୍ଗିଓ ଗୋରଙ୍କ କାର୍ଯ୍ୟ ହେବ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା, ଆମେରିକୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ପ୍ରୋତ୍ସାହିତ କରିବା, ଆମେରିକୀୟ ଶକ୍ତି ରପ୍ତାନି ବୃଦ୍ଧି କରିବା ଏବଂ ସୁରକ୍ଷା ସହଯୋଗକୁ ବିସ୍ତାର କରିବା।



ଖୁବ୍‌ଶୀଘ୍ର ବାଣିଜ୍ୟ ଚୁକ୍ତିରେ ମୋହର

# ଡିସେମ୍ବର ୧୭ରେ ଓଟିଇଟି

**କଟକ,୧୧।୧୧(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) -୨୦୨୫ ପରୀକ୍ଷା ଆସନ୍ତା ଡିସେମ୍ବର ୧୭ରେ ଅନୁଷ୍ଠିତ ହେବ ବୋଲି ଧାର୍ଯ୍ୟ ହୋଇଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ ଆଜି ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ସିଟିଂରେ ପେପର୍-୧ ପରୀକ୍ଷା ସକାଳ ୯ଟାରୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ଓ ଦ୍ୱିତୀୟ ସିଟିଂରେ ପେପର-୨ ପରୀକ୍ଷା ଦିନ୨ଟାରୁ ଅପରାହ୍ଣ ସାଢ଼େ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତାକାଲିଠାରୁ ଏଥିପାଇଁ ଅନଲାଇନ ଆବେଦନ ପାଇଁ ଲିଙ୍କ୍ ବୋର୍ଡ ୱେବସାଇଟ୍‌ରେ ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଉପଲବ୍ଧ ରହିବ। ତେବେ ଫି' ଦେୟ ଓ ଫର୍ମ ଦାଖଲ ଆସନ୍ତା ନଭେମ୍ବର ୨୬ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ କରାଯାଇପାରିବ। ସେହିଭଳି ଆସନ୍ତା ଡିସେମ୍ବର ୧୦ରୁ ଆଡମିଟ କାର୍ଡ ପ୍ରଦାନ କରାଯିବ। ପ୍ରକାଶଥାଉକି ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣା ପାଇଁ ଗତ ଜୁଲାଇ ୨୦ରେ ହେବାକୁ ଥିବା ▶ପୃଷ୍ଠା-୭

## ମାଗଣା ଚକ୍ଷୁ ପରୀକ୍ଷଣ ଶିବିର



ଜଳେଶ୍ୱର,୧୧।୧୧(ସମିସ): ବାଲେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଏବଂ ଜଳେଶ୍ୱର ରୋଟାରୀ ଚକ୍ଷୁ ଚିକିତ୍ସାଳୟ ମିଳିତ ଆନୁକୂଲ୍ୟରେ ଜଳେଶ୍ୱର ରୋଟାରୀ କ୍ଲବ୍ ପରିସରରେ ମାଗଣା ଚକ୍ଷୁ ପରୀକ୍ଷଣ, ମୋତିଆବିନ୍ଦୁ ଚିହ୍ନଟ ଓ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଚକ୍ଷୁ ଚକିତ୍ସାଳୟ ଓ ଜଳେଶ୍ୱର ଚିକିତ୍ସାଳୟର କର୍ମଚାରୀଙ୍କ ଦ୍ୱାରା ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ରୋଟାରୀ କ୍ଲବ୍ ସଭାପତି ସୁବୀର କୁମାର ସେନାପତି, ସମ୍ପାଦକ ଅଂଶୁମାନ ରାଉତ, ପୂର୍ବତନ ସଭାପତି ଇଂ ଭାସ୍କର ରଞ୍ଜନ ସ୍ୱାଇଁ, ଡ. ଦୀପ୍ତିମୟୀ ମହାପାତ୍ର, ରାଜେଶ କୁମାର ଖଟୁଆ, ବିକାଶ କୁମାର ଧର, ତାରାପଦ ମହାନ୍ତି, ସୁବ୍ରତ କୁମାର ରଣା, ସଦସ୍ୟ ମାନସ କୁମାର ମହାନ୍ତି, ରାଜକିଶୋର ହୁଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ମୋତିଆବିନ୍ଦୁ ଚିହ୍ନଟ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ବାଲେଶ୍ୱର ଚକ୍ଷୁ ଚକିତ୍ସାଳୟକୁ ପଠାଯାଇଛି।

## ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀଙ୍କ ଗଣଧାରଣା

ରାଜଘାଟ,୧୧।୧୧(ସମିସ)



ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ରାମଚନ୍ଦ୍ରପୁର ୟୁଜିୟୁପି ବିଦ୍ୟାଳୟ ସମ୍ମୁଖରେ ଆଜି ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଅଭିଭାବକ, ପରିଚାଳନା କମିଟି କର୍ମକର୍ତ୍ତା, ସଭ୍ୟ, ସଭ୍ୟା ଏବଂ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ଦାବିରେ ଗଣ ଧାରଣାରେ ବସିଥିଲେ। ବିବରଣୀରୁ ପ୍ରକାଶ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ ଗୋଟି ଶ୍ରେଣୀ ଅଛି ଏବଂ ମୋଟ ୨୦୭ ପିଲା ପଢ଼ନ୍ତି। ମୋଟ ୬ ଜଣ ଶିକ୍ଷକ, ଶିକ୍ଷୟିତ୍ରୀ ଥିଲେ ମାତ୍ର ଚାରି ମାସ ଆଗରୁ ମିଲିରାଣୀ ମହାପାତ୍ରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଥିଲା। ଅଭିଭାବକ, ପରିଚାଳନା କମିଟି ତରଫରୁ ଏହି ବିଦ୍ୟାଳୟରେ ଅନ୍ୟଜଣେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏବଂ ବସ୍ତା ବିଇଓ ୧୫ଦିନ ଭିତରେ ଶିକ୍ଷକ ନିଯୁକ୍ତି ଦେବେ ବୋଲି ପ୍ରତିଶୃତି ଦେଇଥିଲେ ମାତ୍ର ଅଦ୍ୟାବଧି ଶିକ୍ଷକ ନିଯୁକ୍ତି ନହେବାରୁ ଆଜି ଧାରଣାରେ ବସିଥିଲେ। ଖବର ପାଇ ବସ୍ତା ବିଇଓଙ୍କ ନିର୍ଦ୍ଦେଶରେ ଭେଲୋରା ସିଆରସିସି ଗଣେଶ ଚନ୍ଦ୍ର ଜେନା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବୀନ୍ଦ୍ର କୁମାର ଗିରିଙ୍କୁ ବିଇଓଙ୍କ ସହ କଥା କରାଇବା ସହ ଆସନ୍ତାକାଲି ବିଇଓଙ୍କ କାର୍ଯ୍ୟାଳୟକୁ ଯିବା ପାଇଁ ବିଇଓ ଅନୁରୋଧ କରିଥିଲେ ଏବଂ ଏବାବଦରେ କଥା ହୋଇ ସମସ୍ୟାର ସମାଧାନ ହେବବୋଲି ପ୍ରକାଶ କରିଥିଲେ ବିଇଓ। ପରେ ଧାରଣାରୁ ଓହରିଥିଲେ।

## ଏଟିଏମ୍‌ରୁ ଚୋରି ଉଦ୍ୟମ; ଜଣେ ଅଟକ

ସୋର,୧୧।୧୧(ସମିସ): ସୋର ଥାନା ବାହାନଗା ବଜାରରେ ଥିବା ଏକ



ଏଟିଏମ୍‌କୁ ଭାଙ୍ଗି ଗତକାଲି ବିଳମ୍ବିତ ରାତିରେ ଚୋରି ଉଦ୍ୟମ କରୁଥିବାବେଳେ ପୁଲିସ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ବାହାନଗା ବଜାରରେ ଥିବା ଇଣ୍ଡିଆ ୱାନ୍ ଏଟିଏମ୍ ନିକଟରେ ଦୁଇଜଣ ଯୁବକ ସନ୍ଦେହଜନକ ଭାବେ ବୁଲୁଥିଲେ। କୌଣସି ସୂତ୍ରରୁ ଖବର ପାଇ ରାତିରେ ପାଟ୍ରୋଲିଂ କରୁଥିବା ସୋର ଥାନା ଏସ୍‌ଆଇ କେଶବ ବେଶ୍ରା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୁଲିସ ଗାଡ଼ି ଦେଖି ଏଟିଏମ୍ ଭିତରେ ପଶି ଚୋରି ଉଦ୍ୟମ କରୁଥିବା ଯୁବକ ସମେତ ବାହାରେ ଅପେକ୍ଷା କରିଥିବା ଯୁବକ ଦ୍ୱୟ ଦୌଡ଼ି ଖସି ପଳାଇଯିବାକୁ ଚେଷ୍ଟା କରିଥିଲେ। ଫଳରେ ପୁଲିସ ଉଭୟଙ୍କୁ ପିଛା କରି ଜଣେ ଯୁବକକୁ କାବୁ କରିଥିବାବେଳେ ଅନ୍ୟ ଜଣେ ଯୁବକ ଅନ୍ଧାରରେ ଖସି ପଳାଇଯିବାକୁ ସକ୍ଷମ ହୋଇଥିଲା। ତେବେ ଚୋର ଦ୍ୱୟ ଏଟିଏମ୍ ଭାଙ୍ଗିଥିଲେ ସୁଦ୍ଧା ପୁଲିସର ତତ୍ପରତା ପାଇଁ ଚୋରି କରିବାକୁ ସକ୍ଷମ ହୋଇନଥିଲେ। ତେବେ ପୁଲିସ ଘଟଣାସ୍ଥଳରୁ ଏକ ଶାବଳ ଏବଂ ଏକ ସ୍କ୍ରୁ ଡ୍ରାଇଭର ଜବତ କରିଛି।

## ତାରାପୁର ଉଚ୍ଚ ବିଦ୍ୟାଳୟରେ ବାଲ ବୈଜ୍ଞାନିକ ପ୍ରଦର୍ଶନୀ



ଭୋଗରାଇ/ଚନ୍ଦନେଶ୍ୱର, ୧୧।୧୧(ସମିସ): ଭୋଗରାଇ ବ୍ଲକ୍ ନିମାତପୁର ପଞ୍ଚାୟତ ତାରାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ନାରାୟଣ ମହାନ୍ତି ପଢ଼ିଆରେ ରଜନୀ କାନ୍ତ ଏକାଡେମୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶାଙ୍କ ଶେଖର ପରିଡ଼ା ଯୋଗଦେଇ ଛାତ୍ରଛାତ୍ରୀ ବୈଜ୍ଞାନିକ ପ୍ରତିଭାର ମୂଲ୍ୟାୟନ ଓ ଏଭଳି ବାଳ ବୈଜ୍ଞାନିକ ପ୍ରଦର୍ଶନୀର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପସରବିନ୍ଧା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅନୁପମ ସାହୁ, ପରିଚାଳନା କମିଟିର ସଭାପତି ରବିନ୍ଦ୍ର କୁମାର ରଣା, ସଭ୍ୟ ଦିଲ୍ଲୀପ କୁମାର ପ୍ରଧାନ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ।ଏହି ପ୍ରଦର୍ଶନୀରେ ବିଦ୍ୟାଳୟ ପକ୍ଷରୁ ୫୨ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ବରିଷ୍ଠ ବିଚାରକମାନେ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। ଶିକ୍ଷକ ପର୍ଶୁରାମ ଦାସ ଅତିଥି ପରିଚୟ କରିଥିଲେ। ବିଜ୍ଞାନ ଶିକ୍ଷକ ଧନୁର୍ଜୟ ପରିଡ଼ା ବେଦପାଠ କରିଥିଲାବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତପନ କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଶକ୍ତିଧର ସାହୁ, ପ୍ରାଣକୃଷ୍ଣ ଦେ, ଦୀପକ ଜେନା, ସଞ୍ଜୟ କୁମାର ନନ୍ଦୀ ଶିକ୍ଷୟିତ୍ରୀ ମନ୍ଦାକିନୀ ଜେନା, ମାମୀ ସାହୁ, ବନମାଳୀ ବେହେରା, ଶୁଭକାନ୍ତ ଜେନା, ବାସନ୍ତୀ ଦଳାଇ, ଗୀତା ରାଣୀ ଦାସ, ସ୍ୱର୍ଣ୍ଣମୟୀ ରଣା, ସୁଶାନ୍ତ ସେଠୀ, ଇତିଶ୍ରୀ ସାହୁ, ଅଜିତ୍ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିଲ୍ଲୀରେ ବିସ୍ଫୋରଣ ପରେ ଆଲର୍ଟରେ ବସ୍ତା ପୁଲିସ

ରାଜଘାଟ,୧୧।୧୧(ସମିସ): ଦିଲ୍ଲୀରେ କାର୍ ବିସ୍ଫୋରଣ ପରେ ସାରା ଦେଶକୁ ହାଇଆଲର୍ଟରେ ରଖାଯାଇଛି। ଏହି ଅଘଟଣ ପରେ ଗତକାଲି ରାଜ୍ୟବାସୀ ଙ୍କ ସୁରକ୍ଷା ଉଦ୍ଦେଶ୍ୟରେ କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି, ଏହି ବୈଠକ ରେ ରାଜ୍ୟ ର ସୁରକ୍ଷା ବ୍ୟବସ୍ଥା କୁ ଆହୁରି ସୁଦୃଢ଼ କରିବା ସହ ଯେ କୌଣସି ଅପ୍ରିତୀକର ପରିସ୍ଥିତି କୁ ମୁକାବିଲା କରିବାକୁ ସର୍ବଦା ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି, ସମସ୍ତ ଜନସମାଗମ ସ୍ଥଳ, ବଜାର, ରେଳ ଷ୍ଟେସନ, ବସ୍ ଟର୍ମିନାଲ, ଧାର୍ମିକ ସ୍ଥାନ ସମେତ ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ପେଟ୍ରୋଲିଂ ବଢାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ସିସି ଟିଭି ନିରୀକ୍ଷଣ, ବିସ୍ଫୋରକ ପଦାର୍ଥ ଯାଞ୍ଚ, ସନ୍ଦିଗ୍ଧ ଯାତ୍ରୀ, ଗୁଇନ୍ଦା ବିଭାଗ ସୂଚନା ସଂଗ୍ରହକୁ କ୍ରୀୟାଶୀଳ କରିବାକୁ ନିର୍ଦ୍ଦେଶ ଆସିବା ପରେ ବାଲେଶ୍ୱର ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି,ଅମର୍ଦାରୋଡ଼ ପୋଲିସ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ଙ୍କ



ନେତୃତ୍ୱ ରେ ବାଲେଶ୍ୱର ରୁ ପଶ୍ଚିମବଙ୍ଗ କୁ ସଂଯୋଗ କରୁଥିବା ବ୍ୟସ୍ତ ବହୁଳ ୧୬ ନମ୍ବର ଜାତୀୟ ରାଜପଥ ର ଭେଲୋରା ଛକ ରେ ବସ୍ତା ଥାନା ଏବଂ ଜାତୀୟ ରାଜପଥ ପେଟ୍ରୋଲିଂ ପୋଲିସ ପକ୍ଷରୁ ଯାଞ୍ଚ କୁ କଡା କଡି କରା ଯାଇଛି।ସୋମବାର ବିଳମ୍ବିତ ରାତ୍ରିରେ ଯାତାୟତ କରୁଥିବା ସମସ୍ତ ଜାନବାହାନ କୁ ଅଟକାଇ ଯାଞ୍ଚ କରିବା ସହ ପରିଚୟ ପତ୍ର ମଧ୍ୟ ଯାଞ୍ଚ କରା ଯାଇଛି।

## ସରକାରୀସ୍ତରରେ ଗାଁ ସାଥୀଙ୍କୁ ଅବହେଳା ଅଭିଯୋଗ



ଲଙ୍ଗଳେଶ୍ୱର,୧୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍‌ରେ ୨୦୦୮ ମସିହାରୁ ନରେଗାରେ କାର୍ଯ୍ୟ କରିବା ପାଇଁ ଗାଁରେ ଦୁଇଜଣ ନିଯୁକ୍ତି ପାଇଥିଲେ। ଆଜକୁ ୧୭ ବର୍ଷ ବିତିଯାଇଥିଲେ ମଧ ସରକାର ଗାଁ ସାଥୀ (ମେଟ)ଙ୍କ ଦୁଃଖ ବୁଝୁନାହାନ୍ତି। ବ୍ଲକ୍ ଓ ପଞ୍ଚାୟତରେ ମନରେଗାରେ ଥିବା ସରକାରୀ ଅଧିକାରୀମାନେ ନିଜ ଇଚ୍ଛାରେ କାର୍ଯ୍ୟକ୍ରମ କରୁଛନ୍ତି। ବିଶେଷ କରି ଗାଁ ସାଥୀ (ମେଟ )ଯେଉଁ କାର୍ଯ୍ୟ କରୁଛନ୍ତି ତା'ର ପ୍ରାପ୍ୟ ମିଳୁନାହିଁ। ସମସ୍ତ ଗାଁ ସାଥୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁନାହାନ୍ତି। ଇ-କେୱାଇସି କାର୍ଯ୍ୟରେ ଗାଁ ସାଥୀମାନଙ୍କୁ ବାଦ୍ ଦେଇ ଅନ୍ୟ ବ୍ୟକ୍ତିଙ୍କୁ ଅଫିସ୍ ଆଇ ଡି ଦେଇ କାର୍ଯ୍ୟ ସମ୍ପାଦନ କରାଉଛନ୍ତି। ଜବ୍ କାର୍ଡଧାରୀମାନଙ୍କୁ ତାଲିକାରୁ ବାଦ ଦିଆଯାଇଛି। ପଞ୍ଚାୟତରେ ଯେଉଁ ଜବ୍ କାର୍ଡଧାରୀମାନେ କାର୍ଯ୍ୟ କରିଛନ୍ତି ସେମାନଙ୍କୁ ତାଙ୍କର ପାରିଶ୍ରମିକ ୩/୪ ବର୍ଷ ହେବ ମିଳିନାହିଁ। ବ୍ଲକ୍‌ସ୍ତରରେ ଗାଁ ସାଥୀମାନଙ୍କୁ ଦୀର୍ଘ ବର୍ଷ ହେବ ତାଲିମ ଦେଉନାହାନ୍ତି। ପଞ୍ଚାୟତ ଓ ଗାଁରେ ବିକାଶ ହେବା ଉଦ୍ଦେଶ୍ୟରେ ଆସୁଥିବା କାର୍ଯ୍ୟରେ ଯେଉଁ ଜବ୍‌କାର୍ଡଧାରୀଙ୍କ ପାଇଁ ସରକାରୀ କାର୍ଯ୍ୟ ଆସୁଛି ସେଥିରେ ନିୟୋଜିତ କରୁନାହାନ୍ତି। ଏ ବାବଦରେ ଆଜି ବାଲିଆପାଳ ଡାକ ବଙ୍ଗଳାରେ ବାଲିଆପାଳ ବ୍ଲକ୍‌ର ଗାଁ ସାଥୀ ଭାଇ ଓ ଭଉଣୀମାନେ ଏକ ଖବରଦାତା ସମ୍ମିଳନୀ କରି ନିଜର ଅସନ୍ତୋଷ ଜାହିର କରିଛନ୍ତି। ଯଦି ଉପରୋକ୍ତ ଦାବି ୭ ଦିନ ମଧ୍ୟରେ ପୂରଣ ନହେବ ତେବେ ବ୍ଲକ୍ ଆଗରେ ସମସ୍ତ ଗାଁ ସାଥୀମାନେ ଧାରଣାରେ ବସିବେ ବୋଲି ଉପସ୍ଥିତ ଗାଁ ସାଥୀ ଆନନ୍ଦ ମଲ୍ଲିକ, ସରସ୍ୱତୀ ବେହେରା, ଅନ୍ନପୂର୍ଣ୍ଣା ପଣ୍ଡିତ, ସବିତା ଦାସ, ବିନତିମଣି ସାନ୍ତରା, ଅଞ୍ଜଳି ବାରିକ, ସୁଚିସ୍ମିତା ବେହେରା, ଅର୍ଜୁନ ପ୍ରମାଲିକ, ଉମାକାନ୍ତ ଜେନା, ସୁଜାତା ଜେନା, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଦାନନ୍ଦପୁରରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ରାଜଘାଟ,୧୧।୧୧(ସମିସ): ବସ୍ତା ବ୍ଲକ୍ ବରୁଣଗଡ଼ିଆ ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମରେ ମାଉସୀ ମା ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିବସୀୟ ପାଞ୍ଚ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ମଙ୍ଗଳବାର ଉଦଯାପିତ ହୋଇଛି। ବ୍ୟବସ୍ଥାପକ ଶିବପ୍ରସାଦ ସେନାପତି ଓ ନାରାୟଣ ପ୍ରସାଦ ପରି?ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସୁଦୂର ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରବଚକ ରମଣୀରଞ୍ଜନ, ବ୍ରହ୍ମାନନ୍ଦ ଓ ସୁଧାଂଶୁ ପ୍ରମୁଖ ପ୍ରବଚନ ଦେଇଥିଲେ। ବିଶ୍ୱ ଶାନ୍ତି ଓ ରାଷ୍ଟ୍ର ଶାନ୍ତି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଉକ୍ତ ପାଞ୍ଚ କୁଣ୍ଡୀୟ ଗାୟତ୍ରୀ ଯଜ୍ଞ ଓ ପ୍ରବଚନକୁ ଗ୍ରାମବାସୀ ଆନନ୍ଦ ସହକାରେ ଶୁଣିଥିଲେ। ସୋମବାର ଅର୍ଥାତ୍ ପ୍ରାରମ୍ଭିକ ଦିନ କଳସଯାତ୍ରା, ଦୀପଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ପାଞ୍ଚ କୁଣ୍ଡୀୟ ମହାଯଜ୍ଞ ଓ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପିତ ହୋଇଥିଲା।

## ସୁଲଗ୍ନା କଲେଜରେ ସାଇବର ସୁରକ୍ଷା ଅଭିଯାନ



ବାଲେଶ୍ୱର,୧୧।୧୧(ସମିସ): ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଦ୍ୱାରା ସମ୍ପ୍ରତି ଘଟୁଥିବା ସାଇବର ଅପରାଧ ଏବଂ ଠକେଇଠାରୁ ସୁରକ୍ଷିତ ରହିବା ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଥିଲାବେଳେ ମଠସାହି, ସରିତାନଗରସ୍ଥିତ ସୁଲଗ୍ନା କଲେଜରେ ଜିଲ୍ଲା ପୁଲିସ ଆନୁକୂଲ୍ୟରେ ଏକ ସାଇବର ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନସ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳ ଆୟୋଜିତ ସଭାରେ ସଭାପତିତ୍ୱ କରି କହିଥିଲେ ଯେ, ଆଧୁନିକ ସମାଜରେ ବ୍ୟସ୍ତ ବହୁଳ ଯାନ୍ତ୍ରିକ ଜୀବନଚର୍ଯ୍ୟା ଏବଂ ଲୋଭାସକ୍ତ ମନୋବୃତ୍ତି ଯୋଗୁଁ ସାଧାରଣରେ ସାଇବର ଠକମାନଙ୍କର ସଂଖ୍ୟା ବଢ଼ି ଚାଲିଛି। ପ୍ରତ୍ୟେକ ନାଗରିକ ସାଇବର ସୁରକ୍ଷା ଓ ଗୋପନୀୟତା ଦିଗରେ ସଚେତନ ରହିବା ପାଇଁ ଏହି ଅଭିଯାନ ଆହୁରି ବ୍ୟାପକ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାର ଆଡିସନାଲ୍ ଏସ୍‌ପି ଗାୟତ୍ରୀ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସାଇବର ସୁରକ୍ଷା ସଚେତନତା ଅଭାବରୁ ଶିକ୍ଷା, ବ୍ୟବସାୟ, ଶିଳ୍ପ, ପ୍ରତିରକ୍ଷା ବିଭାଗ ଓ ସରକାରୀ ଓ ବେସରକାରୀସ୍ତରର ଅନୁଷ୍ଠାନରୁ ଡାଟା ଚୋରି, ଅର୍ଥ ଚୋରି ଓ ଗୋପନୀୟତାର ସଙ୍କଟ ଦେଖାଦେଇଛି ବୋଲି ପ୍ରକାଶ କରିଥିଲେ ଏବଂ ଇଣ୍ଟରନେଟ୍ ବ୍ୟବହାର ସମୟରେ ଜରୁରୀ ସତର୍କତାଗୁଡ଼ିକ ବାବଦରେ ସ୍ପଷ୍ଟ କରିଥିଲେ। ପୁଲିସ, ସାଇବର୍ କ୍ରାଇମର ଡିଏସ୍‌ପି ନିବେଦିତା ସୋରେନ, ସାଇବର ଥାନାର ଆଇଆଇସି ମୀନା ବିନ୍ଧାଣି, ସଦର ଥାନା ଆଇଆଇସି ସାଲଖାନ ମୁର୍ମୁ, ବରିଷ୍ଠ କବି ପ୍ରଶାନ୍ତ ଦାସ, ସୁଲଗ୍ନା ବିଜ୍ଞାନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ଼ ଧରଣୀଧର ଘୋଷ, ସୁଲଗ୍ନା ଜୁନିୟର କଲେଜର ପ୍ରିନ୍ସିପାଲ ପ୍ରଫେସର ଚକ୍ରଧର ସାହୁ ଏବଂ ସୁଲଗ୍ନା ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ଦାସ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସୁଲଗ୍ନା ପବ୍ଲିକ ସ୍କୁଲ ଏବଂ ସୁଲଗ୍ନା କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଇବର ସୁରକ୍ଷା ସଚେତନତା ଆଧାରିତ ନାଟକ, ସଂଗୀତ ଓ ନୃତ୍ୟାଭିନୟ ପ୍ରଦର୍ଶିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ଶୁଭେନ୍ଦୁ ଦିଣ୍ଡା, ସୌମ୍ୟରଞ୍ଜନ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ସହଯୋଗ କରିଥିଲେ।

## ଦିଲ୍ଲୀ ବୋମା ବିସ୍ଫୋରଣକୁ ସିପିଆଇଏମ୍‌ର ନିନ୍ଦା

ବାଲେଶ୍ୱର,୧୧।୧୧(ସମିସ): ଦେଶର ରାଜଧାନୀ ଦିଲ୍ଲୀର କେନ୍ଦ୍ରସ୍ଥଳରେ ହୋଇଥିବା ବିସ୍ଫୋରଣକୁ ଦୃଢ଼ ଭାବେ ନିନ୍ଦା କରିଛି ସିପିଆଇଏମ୍। ଏହି ବିସ୍ଫୋରଣରେ ନିଜ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରଙ୍କ ଦୁଃଖକୁ ହୃଦୟଙ୍ଗମ କରି ଶୋକ ପ୍ରକାଶ କରିଛି ଦଳ। ବିଶେଷ କରି ଦିଲ୍ଲୀ ଚାରିପାଖରେ ବହୁତ ପରିମାଣରେ ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ମିଳିଛି। ଯାହାକୁ ଏବେ ଏହି ଆକ୍ରମଣ ସହ ଯୋଡ଼ାଯାଉଛି। ଏଣୁ ଦେଶ ଏବେ ବିପଦରେ ଥିବାବେଳେ ଏହାଏକ ସଙ୍ଗଠିତ ନେଟୱର୍କର ସମ୍ପୃକ୍ତି ରହିଛି। ଏଣୁ ସରକାରଙ୍କର ଦାୟିତ୍ୱ ହେଉଛି ଏହାକୁ ଖୋଜି ବାହାର କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବୋଲି ସିପିଆଇଏମ ପକ୍ଷରୁ ଦାବି କରାଯାଇଛି।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ଲଙ୍ଗଳେଶ୍ୱର,୧୧।୧୧(ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ କୁଣ୍ଡୁଳି ପଞ୍ଚାୟତ ଯୁଧିଷ୍ଠିର ଉଚ୍ଚ ମାଧମିକ ବିଦ୍ୟାଳୟ କୁଣ୍ଡୁଳି ତରଫରୁ ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଦୀର୍ଘ ସାତଦିନ ଧରି ଜାତୀୟ ସେବା ଯୋଜନାର ଏକ ଶୀତକାଳୀନ ସ୍ୱତନ୍ତ୍ର ଶିବିର ପୋଷ୍ୟଗ୍ରାମ୍ୟ କୁଣ୍ଡୁଳି ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ଉଦ୍‌ଘାଟନ କରିଥିଲେ। ୭ ଦିନ ଧରି ପୋଷ୍ୟଗ୍ରାମର ପ୍ରୋଗ୍ରାମ ଅଫିସର ଜଗବନ୍ଧୁ ଦାସ ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ମିଶନ, ନିଶା ନିବାରଣ, ବାଳିକାଙ୍କ ସୁରକ୍ଷା, ବିଭିନ୍ନ ପ୍ରକାରର ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପାଚିଲାଧାନରେ ଚକଡ଼ାପୋକ; ଉପମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପୂର୍ବତନ ବିଧାୟକ

ନୀଳଗିରି,୧୧।୧୧(ସମିସ): ଆଦିବାସୀ ଅଧ୍ୟୁଷିତ ନୀଳଗିରି ଉପଖଣ୍ଡରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଧାନଅମଳ ସମୟରେ ଚକଡ଼ାପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଶହଶହ ହେକ୍ଟର ଜମିରେ ଏହି ପୋକ ଲାଗିବା ଫଳରେ ଧାନଗଛ ସମ୍ପୂର୍ଣ୍ଣ ନଡ଼ା ହେବାରେ ଲାଗିଛି। ଫଳରେ ଚାଷୀର ମେରୁଦଣ୍ଡ ଭାଙ୍ଗିବା ସହିତ ଆତ୍ମହତ୍ୟା ଭଳି ପଦକ୍ଷେପ ନେବାକୁ ମନସ୍ଥ କଲେଣି। ଏହି ଭୟାନକ ପୋକଦାଉରୁ ରକ୍ଷାପାଇବା ପାଇଁ ସରକାରୀସ୍ତରରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ସରକାରୀ ସ୍ତରରେ ଚାଷୀଙ୍କୁ ମାଗଣା କୀଟନାଶକ ଯୋଗାଇଦେବା ସହିତ ନୀଳଗିରିରେ ଦୀର୍ଘଦିନ ଧରି ଜିଲ୍ଲା କୃଷି ଅଧିକାରୀ ନଥିବାରୁ ଜଣେ ସ୍ଥାୟୀ ଜିଲ୍ଲାକୃଷି ଅଧିକାରୀ ନିଯୁକ୍ତି କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଚିଠିଲେଖି ଅବଗତ କରିଛନ୍ତି।

## 'ମୁଁ ବି ହେବି ସାମ୍ବାଦିକ' ପ୍ରତିଯୋଗିତା

ଭୋଗରାଇ,୧୧।୧୧(ସମିସ)



ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ବ୍ଲକ୍ ଆରଆଇଏଚ୍‌ଏସ୍ ମହାବିଦ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ଉପଲକ୍ଷେ ସୋମବାର ପୂର୍ବାହ୍ନରେ ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯାହାର ଶୀର୍ଷକ ରହିଥିଲା 'ମୁଁ ବି ସାମ୍ବାଦିକ ହେବି'। ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର। ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଅଧିକାରୀ ଓ ପ୍ରଫେସର ବ୍ରଜବିହାରୀ ପତି। ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯୁକ୍ତ୨ର ଦ୍ୱିତୀୟ ବର୍ଷ କଳା ଛାତ୍ରୀ ଅଞ୍ଜଳିକା ପତି। ସାମ୍ବାଦିକ ଓ ଗଣମାଧ୍ୟମ ନିରପେକ୍ଷ ଓ ନିର୍ଭୀକ ହୋଇ ସତ୍ୟର ସନ୍ଧାନ କରି ଖବର ପ୍ରକାଶ କଲେ ଲୋକେ ସଚେତନ ହେବା ସହିତ ଗଣତନ୍ତ୍ର ସୁଦୃଢ଼ ରହିବ ବୋଲି ସେ କହିଥିଲେ। ୨ୟ ସ୍ଥାନ ଅଧିକାର କରିଥିବା ଯୁକ୍ତ ୨ର ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ରୀ ସ୍ୱସ୍ତିକା ଗିରି କହିଲେ ଯେ, ଗଣମାଧ୍ୟମ ଓ ସାମ୍ବାଦିକମାନେ ଆମ ସମାଜର ଦର୍ପଣ ସଦୃଶ୍ୟ। ଗଣମାଧ୍ୟମ ଦୁର୍ବଳହେଲେ ଗଣତନ୍ତ୍ର ଭୁଶୁଡ଼ି ପଡ଼ିବ। ୩ ୟ ସ୍ଥାନ ଅଧିକାର କରିଥିବା ଯୁକ୍ତ ୨ର ପ୍ରଥମ ବର୍ଷ କଳା ଛାତ୍ରୀ ସାଇସ୍ମିତା ପଣ୍ଡା ଗଣମାଧ୍ୟମ ଓ ସାମ୍ବାଦିକ ମାନେ ରାଜନୈତିକ ଚାପର ବଶବର୍ତ୍ତୀ ହେବା ଅନୁଚିତ ବୋଲି କହିଥିଲେ। ଘରେ ବାହାରେ ଥିବାବେଳେ ଦେଶ ବିଦେଶର ସମସ୍ତ ଖବରକୁ ସାମ୍ବାଦିକ ମାନେ ପ୍ରକାଶ କରି ଲୋକଙ୍କୁ ସଚେତନ କରିଥାନ୍ତି ବୋଲି ସେ କହିଥିଲେ। ସେହିପରି ଯୁକ୍ତ ୩ରେ ପ୍ରଥମ ହୋଇଥିବା ପ୍ରଥମ ବର୍ଷ କଳା ଛାତ୍ରୀ ସ୍ନେହାଶ୍ରୀ ପାଣିଗ୍ରାହୀ କହିଲେ ସାମ୍ବାଦିକ ମାନେ କଲମମୁନକୁ ଶାଣିତ କଲେ ଦେଶର ବୈପ୍ଳବିକ ପରିବର୍ତ୍ତନ ଆସେ। ୨ ୟ ସ୍ଥାନ ଅଧିକାର କରିଥିବା ଯୁକ୍ତ ୩ ର ପ୍ରଥମ ବର୍ଷ କଳା ଛାତ୍ରୀ ଜ୍ୟୋତିପ୍ରଭା ଦତ୍ତ କହିଲେ ତ୍ୟାଗ, ନିଷ୍ଠା, ସତ୍ୟ, ସ୍ୱଷ୍ଟବାଦିତା, ପ୍ରତିବଦ୍ଧତା, ନିରପେକ୍ଷତା ରଖି ସାମ୍ବାଦିକମାନେ ଖବର ପ୍ରକାଶ କଲେ ଗଣତନ୍ତ୍ର ସୁଦୃଢ଼ ହେବ। ୩ ୟ ସ୍ଥାନ ଅଧିକାର କରିଥିବା ସେହି ଯୁକ୍ତ ୩ ର ପ୍ରଥମ ବର୍ଷ କଳା ଛାତ୍ରୀ ପ୍ରିୟଙ୍କା ବେହେରା କହିଲେ ଦୈନନ୍ଦିନ ଜୀବନରେ ସାମ୍ବାଦିକମାନେ ବହୁ କଷ୍ଟ ସ୍ୱୀକାର କରି ସୁଖ ଦୁଃଖର ଖବର ପ୍ରକାଶ କରି ଯୁବଶକ୍ତିକୁ ସଚେତନ କରିଥାନ୍ତି। ଏହି ପ୍ରତିଯୋଗିତାରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ଡ. ବିଜୟ କେତନ ପଟ୍ଟନାୟକ, ଡ. ନୀଳକଣ୍ଠ ଖଣ୍ଡା, ଅଧ୍ୟାପିକା ତ୍ରିବେଣୀ ଧାରା ପ୍ରମୁଖ ପ୍ରତିଯୋଗିତାର ଫଳାଫଳ ଘୋଷଣା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଆସନ୍ତା ଜାତୀୟ ସାମ୍ବାଦିକ ଦିବସରେ ସମ୍ମାନିତ କରାଯିବ ବୋଲି ଭୋଗରାଇ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ କୁହାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

MISSING



ନାମ - ନରେସ ସ୍ୱାଇଁ
ବୟସ- ୫୨ ବର୍ଷ
ଉଚ୍ଚତା- ୫ ଫୁଟ୍ ୪ ଇଞ୍ଚ୍
(ମଧ୍ୟମ ଶରୀର, ଶ୍ୟାମଳ ରଙ୍ଗ)
ମାନସିକ ଅବସ୍ଥା ଅସ୍ଥିର ଅଟେ। ଶେଷ ଥର ପାଇଁ ଫୁଲନଖରା ଓଭରବ୍ରିଜ ତଳେ ଦେଖାଯାଇଥିଲେ ।ସେ ଲୁଙ୍ଗି ଆଉ ଗେଞ୍ଜି ପିନ୍ଧିଥିଲେ ।ସେ ଛୋଟେଇ କରି ଚାଲନ୍ତି ତାଙ୍କ ବାମ ଗୋଡ ଛୋଟା ଅଟେ । ଯଦି କେହି ସହୃଦୟ ବ୍ୟକ୍ତି ଆଙ୍କର କୌଣସି ସନ୍ଧାନ ପାଆନ୍ତି। ତାହେଲେ ଏହି ଠିକଣାରେ ଜଣେଇବାକୁ ଅନୁରୋଧ ।
କେଶବ ଚନ୍ଦ୍ର ସ୍ୱାଇଁ,
ଖଣ୍ଡାସାହି, କାକଟପୁର, ପୁରୀ,
ମୋ.: ୯୧୨୪୯୦୯୩୨୬,
୮୭୩୩୦୪୬୧୨୩ ।

## ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ପାଚିକା ମହାସଂଘର ବିକ୍ଷୋଭ

# ୭ ଦଫା ଦାବି ପୂରଣ ନ ହେଲେ ବିଧାନସଭା ଘେରାଉ

ବାରିପଦା, ୧୧ ।୧୧(ସମିସ)




ମଙ୍ଗଳବାର ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିର ନିକଟରୁ 'ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘ' ଆନୁକୂଲ୍ୟରେ ପାଚିକା ମାଆମାନଙ୍କ ମୌଳିକ ସାମ୍ବିଧାନିକ ୭ଦଫା ଦାବି ପୂରଣ ପାଇଁ ବିରାଟ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଜଗେନ୍ଦ୍ର ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି ବାରିପଦା ମୁଖ୍ୟ ବଜାର ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ପରେ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପାଚିକାଙ୍କ ପ୍ରତି ଲଗାତାର ଅଣଦେଖା କରାଯାଉଥିବା ନେଇ କ୍ଷୋଭ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ତୁରନ୍ତ ୭ ଦଫା ଦାବି ପୂରଣ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ଅନୁଷ୍ଠାନରେ ମଧ୍ୟାହ୍ନଭୋଜନ ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନାରେ କାର୍ଯ୍ୟକରି ଆସୁଥିବା ପାଚିକା ମା'ମାନଙ୍କ ଏ ଯାଏଁ ନିଯୁକ୍ତିପତ୍ର ପାଇନଥିବା ଯୋଗୁଁ ତୁରନ୍ତ ଏ ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରାଯାଇଛି। ସରକାରଙ୍କ ଦ୍ୱାରା ନିର୍ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ଦୈନିକ ୪୬୨ଟଙ୍କା ହିସାବରେ ସେମାନଙ୍କୁ ମାସିକ ୧୩ହଜାର ୮୬୦ ଟଙ୍କା ପ୍ରଦାନ ସ୍କୁଲ ପରିଚାଳନା କମିଟି ସେମାନଙ୍କ ନିଯୁକ୍ତି ଓ ଅବସର ନିଷ୍ପତ୍ତି ପରିବର୍ତ୍ତ ସରକାର ନିଜେ ବୁଝିବା, ପରିବାରର ଜଣଙ୍କୁ ଉକ୍ତ କ୍ଷେତ୍ରରେ ପୁନଃ ଥଇଥାନ ସହ ଅବସରକାଳୀନ ଭତ୍ତା ବାବଦରେ ୧ଲକ୍ଷ ଟଙ୍କା ପ୍ରଦାନ ପାରିଶ୍ରମିକ ମାସର ପ୍ରଥମ ସପ୍ତାହରେ ସଠିକ୍ ସମୟ ଦେବା, ୧୦ ମାସର ଦରମା ପରିବର୍ତ୍ତେ ୧୨ ମାସର ଦରମା ପ୍ରଦାନ ଓ ମା'ମାନଙ୍କ ସାମାଜିକ ସ୍ୱୀକୃତି ସ୍ୱରୂପ ଉକ୍ତ କାର୍ଯ୍ୟକ୍ଷେତ୍ରର ବୈଧ ପରିଚୟପତ୍ର ପ୍ରଦାନ ଆଦି ଦାବି ଦର୍ଶାଯାଇଛି। ଆଗାମୀ ଶୀତକାଳୀନ ଅଧିବେଶନ ପୂର୍ବରୁ ସମସ୍ତ ଦାବିକୁ ସରକାର ପୂରଣ ନ କଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଛି। ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହିତ ସାକ୍ଷାତ ଆଲୋଚନା କରି ଦାବି ପତ୍ର ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ତୁରନ୍ତ ଉପରୋକ୍ତ ଦାବିଗୁଡିକ ପୂରଣ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ମୁଖ୍ୟ ଉପଦେଷ୍ଟା ପ୍ରଦୀପ କୁମାର ନାୟକ, ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାନେତ୍ରୀ ସରୋଜିନ କୁମୁରା, ରାଜ୍ୟ ଉପସଭାନେତ୍ରୀ ଶାନ୍ତି ଲୋହାର, ରାଜ୍ୟ ସାଧାରଣ ସମ୍ପାଦିକା ସୁମିତ୍ରା ରଥ, ରାଜ୍ୟ ସମ୍ପାଦକ ଜଗନ୍ନାଥ ମୁଦୁଲି, ରାଜ୍ୟ ସଂଯୋଜକ ବିଜୟ ରଥ, ରାଜ୍ୟ ସମ୍ପାଦିକା ସଞ୍ଜୁଲତା ବିଶ୍ୱାଳ, ମୟୂରଭଞ୍ଜ ଜିଲ୍ଲା-ସାଧାରଣ ସମ୍ପାଦିକା ଲୀଳାବତି ମହାନ୍ତ, ଜିଲ୍ଲା ସଭାନେତ୍ରୀ ଗେଲିମଣି ବଗାଳ, କୋଷାଧ୍ୟକ୍ଷ ସୁଭଦ୍ରା ସିଂ, ସହ-ସମ୍ପାଦିକା ରନ୍ଦିନୀ ମହାନ୍ତ, ସମ୍ପାଦିକା, ମନୋରମା ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପ୍ରଥମାଷ୍ଟମୀ ପାଇଁ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସ୍ୱତନ୍ତ୍ର ରୀତିନୀତି



**ବାରିପଦା, ୧୧ ।୧୧(ସମିସ):** ପ୍ରଥମାଷ୍ଟମୀ ନିମନ୍ତେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପ୍ରଭୁ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରେ ସ୍ୱତନ୍ତ୍ର ବିଧି ଅନୁସାରେ ପୂଜାର୍ଚ୍ଚନା ହେବ। ପ୍ରଥମାଷ୍ଟମୀଠାରୁ ମନ୍ଦିରରେ ନବାନ୍ନ ଭକ୍ଷଣ ଆରମ୍ଭ ହୋଇଥାଏ। ଆଗରୁ ଚାଉଳ ଅଧିକ ଆମଦାନୀ ହେଉ ନ ଥିବାରୁ ପ୍ରଥମାଷ୍ଟମୀରୁ ନୂତନ ଚାଉଳର ମନ୍ଦିରରେ ବ୍ୟବହାର ଆରମ୍ଭ ହୋଇଥାଏ। ନୂଆ ବିରି ଓ ଚାଉଳର ଭୋଗ ରାଗ, ପିଠା ପ୍ରସ୍ତୁତ ହୋଇ ସ୍ୱତନ୍ତ୍ର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥାଏ। ଏଥିସହିତ ତିନିଙ୍କ ସମେତ ସମସ୍ତେ ନବାନ୍ନ ଭକ୍ଷଣ କରିଥାନ୍ତି। ରୀତିନୀତି ଅନୁଯାୟୀ, ବୁଧବାର ସକାଳୁ ମନ୍ଦିର ପହଡ଼ ଖୋଲିବା ପରେ ସ୍ୱତନ୍ତ୍ର ପରମ୍ପରା ଅନୁସାରେ ଅବକାଶ ନୀତି ହୋଇଥାଏ। ସକାଳୁ ସ୍ନାନ ପରେ ତିନି ଠାକୁର ସ୍ୱତନ୍ତ୍ର ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ମନ୍ଦିରର ଅନ୍ୟାନ୍ୟ ଦେବଦେବୀ ମଧ୍ୟ ନୂତନ ବସ୍ତ୍ର ପରିଧାନ କରନ୍ତି। ମଧ୍ୟାହ୍ନ ଭୋଜନ ପୂର୍ବରୁ ପ୍ରଥମାଷ୍ଟମୀ ପାଇଁ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ। ନୂଆ ଚାଉଳରେ ଚୁଡା ଘସା, ଦହି ଚୁଡା, ଖିରି, କାକରା, ପିଠା, ପଞ୍ଚାମୃତ ଆଦି ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଲାଗି କରାଯିବ। ମା' ଲକ୍ଷ୍ମୀଙ୍କ ନିକଟରେ ମଧ୍ୟ ସ୍ୱତନ୍ତ୍ର ପୂଜା ନୀତି ହୋଇଥାଏ। ନୂତନ ବସ୍ତ୍ର ପରିଧାନ କରି ପରେ ଭୋଗ ଲାଗିବ। ମନ୍ଦିରର ସମସ୍ତ ପୂଜକ ଓ ସେବାୟତମାନେ ରୀତିନୀତି ଅନୁଯାୟୀ ପୂଜା କରିଥାନ୍ତି। ପରେ ମନ୍ଦିରରେ ସନ୍ଧ୍ୟା ଧୂପ ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ପରେ ରାତିରେ ପହଡ଼ ପଡ଼ିବ।

## ଦୁର୍ଘଟଣାରେ କାର୍ ଚାଳକ ମୃତ

**କରଞ୍ଜିଆ, ୧୧।୧୧(ସମିସ):** ମଙ୍ଗଳବାର ସନ୍ଧ୍ୟାରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ସମ୍ମୁଖରେ ଥିବା ଏକ ଗଛରେ ଏକ କାର ନମ୍ବର ଓଡି୨୨କ୍ୟୁ ୮୫୦୦ ଭାରସାମ୍ୟ ହରାଇ ଧକ୍କା ଦେଇଥିଲା।କାରରେ ଥିବା ଚାଳକ ଭଦ୍ରକ ର ମୁରତାଜ ଆହାତ ହୋଇଥିଲା। ସଙ୍ଗେ ସଙ୍ଗେ ନିକଟସ୍ଥ ଲୋକମାନେ ମୁରତାଜ କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାଉଳ ମୁରତାଜ ଗାଡ଼ିରେ ତେଲ ପକାଇ ଆସୁଥିଲେ।ଷ୍ଟାର ମ୍ୟାଟିଓ ସେଣ୍ଟର ମାଲିକଙ୍କ ଘରକୁ ତାଙ୍କର କିଛି ପରିଜନଙ୍କୁ ନେଇ ଆସିଥିଲେ।

## ଦୁଧିଆଣୀ ବନାଞ୍ଚଳରେ ଚାଷୀଙ୍କୁ ହାତୀ ଚିନ୍ତା



**କରଞ୍ଜିଆ, ୧୧।୧୧(ସମିସ):** କରଞ୍ଜିଆ ବନଖଣ୍ଡ ଦୁଧିଆଣୀ ବନାଞ୍ଚଳ ତାଟୋରେ ଚାଷୀଙ୍କୁ ହାତୀ ଚିନ୍ତା ଘାରୁଛି। ଧାନ ପାଚିଲାଣି। କଟାକଟି ଜୋର ଧରିଛି। ଏହି ସମୟରେ ୭ଟି ହାତୀପଲ ଉପସ୍ଥିତି ଯୋଗୁଁ ଚାଷୀଙ୍କ ଚିନ୍ତା ବଢ଼ିଚାଲିଛି। ଟଙ୍ଗାବିଲା ସେକ୍ସନ ମସିଣାବିଲା, ତାଟୋ ସେକ୍ସନ ବିଉରିଆ ଓ ଭଣ୍ଡା ସେକ୍ସନ ବାଦମପାହାଡ ସଂରକ୍ଷିତ ଜଙ୍ଗଲରେ ୭ଟି ହାତୀ ରହିଛନ୍ତି। ସେମାନେ ଅପରାହ୍ନରେ ଜଙ୍ଗଲରୁ ବାହାରି ନିକଟରେ ଥିବା ପାଚିଲା ଧାନ କ୍ଷେତରେ ପଶି ଧାନ ଖାଇବା ସହ ନଷ୍ଟ କରୁଛନ୍ତି। ଏହି ଅଞ୍ଚଳର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗାଁ ଲୋକେ ଦିନରାତି ପାଚିଲା ଧାନ କ୍ଷେତକୁ ଜଗି ରହିଛନ୍ତି। ରାତିରେ ଶୀତ ଦିନ ଥିବାରୁ ଲୋକମାନେ ନିଆଁ ହୁଳା ଧରି ଜଗିବାକୁ ବାଧ୍ୟ ହେଉଛନ୍ତି। ବନ ବିଭାଗ କର୍ମଚାରୀ ସେମାନଙ୍କ ଉପରେ ନଜର ରଖିଥିଲେ ମଧ୍ୟ ସେମାନଙ୍କୁ ଫସଲ ନଷ୍ଟ କରିବାରୁ ନିବୃତ ରଖି ପାରୁନଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ତେବେ ବିଭାଗ ପକ୍ଷରୁ ଯଥାଶୀଘ୍ର କ୍ଷତିପୂରଣ ଦେବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବାକୁ ଅଧିକାରୀଙ୍କୁ ଦୁଧିଆଣୀ ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ବାସନ୍ଦ ପରିବାର

# ୨୫ରୁ ଆମରଣ ଅନଶନ; ନ୍ୟାୟ ନ ମିଳିଲେ ଆତ୍ମଦାହ



**ବାରିପଦା, ୧୧ ।୧୧(ସମିସ):** ବିଶୋଇ ଥାନା ଅନ୍ତର୍ଗତ ରୁଗୁଳିଡିହି ଗ୍ରାମର ନିରାଶ୍ରୟ ସାମାଜିକ ବହିଷ୍କୃତ ଦମ୍ପତି ମୁଚିରାମ ଟୁଡୁ ଓ ନାକି ନ୍ୟାୟ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅବିଳମ୍ବେ ସାମାଜିକ ବାସନ୍ଦ କରିଥିବା ଅଭିଯୁକ୍ତଙ୍କଠାରୁ ମୁକ୍ତ କରାଯାଇ ନ୍ୟାୟ, ସୁରକ୍ଷା ଏବଂ ଅଧିକାର ଦେବାକୁ ଦାବି କରାଯାଇଛି। ସେପ୍ଟେମ୍ବର ୨୧ତାରିଖରୁ ଏହି ଦମ୍ପତି ନାବାଳକ ସହିତ ନିରାଶ୍ରୟ ହୋଇ ପରପିଣ୍ଡାରେ ଜୀବନ ବିତାଉଛନ୍ତି। ଗ୍ରାମର କେତେକ ବ୍ୟକ୍ତି ସେମାନଙ୍କୁ ଘରୁ ଟାଣି ବାହାର କରି ଠେଙ୍ଗା, ବାଡି, ଲୁହାଛଡରେ ପିଟି ଲହୁଲୁହାଣ କରିବା ସହିତ ଚେତାଶୂନ୍ୟ କରି ଘୋଷାଡି ଘୋଷାଡି ଗାଁରୁ ତଡି ଦେଇଛନ୍ତି। ଏ ନେଇ ବିଶୋଇ ଥାନାରେ ଲିଖିତ ଅଭିଯୋଗ ଦେବା ସତ୍ତ୍ୱେ ପୁଲିସ ନ୍ୟାୟ କି ସୁରକ୍ଷା ଦେଉନାହିଁ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି। ଗ୍ରାମରେ ସାମାଜିକ ବାସନ୍ଦ କରି ପ୍ରାୟ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ହତ୍ୟା ଧମକ ସହିତ ନିର୍ଯାତନା ଦିଆଯାଉଥିଲା। କିନ୍ତୁ ଅଭିଯୋଗ ପରେ ପୁଲିସ କିଛି କଥା ଶୁଣୁ ନ ଥିଲେ ବୋଲି ଅଭିଯୋଗ ହୋଇଛି। ଉକ୍ତ ମାମଲାରେ ମୟୂରଭଞ୍ଜର ଜଣେ ପୂର୍ବତନ ସାଂସଦ ଅଭିଯୁକ୍ତଙ୍କୁ ସହଯୋଗ କରୁଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଦୀର୍ଘ ୨୫ବର୍ଷ ଧରି ରହିଥିବା ଗାଁ ଓ ଘରୁ ବହିଷ୍କୃତ ପରିବାର ଲୋକେ ପୁଣି ଫେରିଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦିଆଯାଇଛି। ସେହିପରି ବାସନ୍ଦ ପରିବାରର ଲୋକେ ତାଙ୍କର ବଡ ମାଆଙ୍କ ପୁଅ ଲକ୍ଷ୍ମଣ ସୋରେନ ତାଙ୍କ ପାଖରୁ ୧୦ ହଜାର ଟଙ୍କା ଉର୍ଦ୍ଧ୍ୱାର ନେଇ ଫେରାଇ ନ ପାରିବାରୁ ଲକ୍ଷ୍ମଣଙ୍କ ସହମତି ଏବଂ ଅନୁମତିରେ ତାଙ୍କ ଘରଡିହରେ ଘର କରି ୨୫ ବର୍ଷ ଧରି ରହିଆସୁଥିଲେ ; କିନ୍ତୁ ଲକ୍ଷ୍ମଣ ଏବେ ବାସନ୍ଦ ପରିବାରକୁ ସେହି ଜାଗାରେ ରହିବାକୁ ଦେଲେ ଗ୍ରାମର ୫ଜଣ ବ୍ୟକ୍ତି ଲକ୍ଷ୍ମଣଙ୍କୁ ମଧ୍ୟ ସାମାଜିକ ବାସନ୍ଦ କରିବାକୁ ଧମକ ଦେଇଛନ୍ତି ବୋଲି ଅଭିଯୋଗ ହୋଇଛି। ତେଣୁ ଅବିଳମ୍ବେ ନ୍ୟାୟ ପାଇଁ ଦାବି କରାଯାଇଛି; ଅନ୍ୟଥା ଆସନ୍ତା ୨୫ ତାରିଖରୁ ବାସନ୍ଦ ପରିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ। ତା ପରେ ବି ଯଦି ନ୍ୟାୟ ନ ମିଳିବ ତାହାହେଲେ ପରିବାରର ସମସ୍ତେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି।

## ରୁଗୁଡ଼ିବେଡ଼ା ରାସ୍ତା ପାର୍ଶ୍ୱ ଘରୁ ଚୋରି ଉଦ୍ୟମ

**ମହୁଲଡିହା, ୧୧।୧୧(ସମିସ):** ଠାକୁରମୁଣ୍ଡା ଥାନାରୁ ୧ କିମି ଦୂର ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ରୁଗୁଡ଼ିବେଡା ରାସ୍ତା କଡ଼ରୁ ତାଲା କାଟି ଚୋରି ଉଦ୍ୟମ ହୋଇଛି। ସ୍ୱର୍ଗତ ସନ୍ତୋଷ କୁମାର ମହାନ୍ତଙ୍କ ଘରେ ରହୁଥିବା ଭଡାଟିଆ ୧୦ ତାରିଖ ରାତିରେ ପହଞ୍ଚିବା ପରେ ତାଲା କଟାଯାଇ ଘର ଖୋଲା ପଡ଼ିଥିବା ଦେଖିଥିଲେ। ଭଡାରେ ରହୁଥିବା ସୁକାନ୍ତ ସାହୁ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱର ନିଜ ଘରକୁ ଯାଇଥିଲେ। ସୋମବାର ରାତିରେ ଏକାକି ଫେରିଥିଲେ। ତେବେ ସୁଯୋଗ ପାଇ ଅନାୟାସରେ ଚୋର ଗେଟ ଏବଂ ଘରେ ଲାଗିଥିବା ୭ଟି ତାଲା କଟର ସାହାଯ୍ୟରେ କାଟି ପ୍ରବେଶ କରିଥିଲେ। ଘରେ ସୁନା ଗହଣା ନ ଥିବାରୁ ଟିଭିଟି କାନ୍ଥରୁ ଉଠାଇବାକୁ ଚେଷ୍ଟା କରି ମଦର ବୋର୍ଡ ବାହାରିଯିବାରୁ ପଳାଇଥିଲେ। ଏ ନେଇ ଥାନାରେ ସୁକାନ୍ତ ଅଭିଯୋଗ ଦାଖଲ କରିଥିଲେ। ରାସ୍ତା କଡରେ ନିର୍ଭୟରେ ଚୋର ପଶି ପାରୁଥିବାରୁ ପୁଲିସ ପାଟ୍ରୋଲିଂକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍; ମୟୂରଭଞ୍ଜ ଦଳ ଚାମ୍ପିଅନ

**ବାରିପଦା, ୧୧ ।୧୧(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ପୋର୍ଟସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ରାଜ୍ୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଆଇଆରସି ଭିଲେଜ ପରିସରରେ ଆୟୋଜିତ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଜିଲ୍ଲାର ୧୪ ବର୍ଷରୁ କମ ବାଳକ ବିଭାଗ ଚାମ୍ପିଅନ ହୋଇଥିଲା। ଏହି ଦଳରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଷ୍ଣୁପଦ ମହାନ୍ତ ସାମିଲ ଥିଲେ। ସେ ହେଉଛନ୍ତି ସାରସକଣା ବ୍ଲକ ଅନ୍ତର୍ଗତ ବାଉଁଶଡା ଗ୍ରାମର ପିତା ସ୍ୱର୍ଗତ କାଶୀନାଥ ମହାନ୍ତ ଓ ମାତା ବିନିମଣୀଙ୍କ ପୁତ୍ର। ପିତାଙ୍କ ମୃତ୍ୟୁପରେ ପାଠପଢ଼ିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ୨୦୨୧ ମସିହାରେ ତାଙ୍କ ମା' ପିସିପୁର ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଛାତ୍ରାବାସରେ ୪ର୍ଥ ଶ୍ରେଣୀରେ ନାମ ଲେଖାଇଥିଲେ।ଓ ପାଠପଢ଼ା ସହ ରଗବୀ ଖେଳପ୍ରତି ତାଙ୍କର ଆଗ୍ରହକୁ ଲକ୍ଷ୍ୟକରି ତତ୍କାଳୀନ ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସଙ୍କ ସହ ଯୋଗାଯୋଗ କରିଥିଲେ। ବର୍ତ୍ତମାନ ୮ମ ଶ୍ରେଣୀରେ ସେ ପଢୁଥିବା ବେଳେ ମୟୂରଭଞ୍ଜ ଦଳରେ ଖେଳିବାର ସୌଭାଗ୍ୟ ଅର୍ଜନ କରି ବିଦ୍ୟାଳୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ୱାର୍ଡେନ ସରୋଜ କୁମାର ସାବତ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲାରେ ହକି ପ୍ରତିଯୋଗିତା




**ବାରିପଦା/ମୋରଡା, ୧୧ ।୧୧(ସମିସ):** ଭାରତୀୟ ହକିର ଶହେବର୍ଷ ପୂର୍ତ୍ତି ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ହକି ଆସୋସିଏସନ ତରଫରୁ ମଙ୍ଗଳବାର ଏକ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୋରଡା ବ୍ଲକସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁ ପରିସରରେ ରାଜ୍ୟ ସରକାର ଓ ଟାଟା ହକି ଦ୍ୱାରା ପରିଚାଳିତ ଗ୍ରାସରୁଟ ହକିକେନ୍ଦ୍ରଠାରେ ମୟୂରଭଞ୍ଜ ଜିଲ୍ଲାର ୪ଟି ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭାରତୀୟ ହକିର ଶହେ ବର୍ଷ ପୂର୍ତ୍ତି ଅବସରରେ ହକି କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ ବାଳକ ଓ ୨ ବାଳିକା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ା ଅଧିକାରୀ ଶୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ସୁନିଲ କୁମାର ମହାନ୍ତ, ଡେଭିଡ ସାରଙ୍ଗ ଓ ଲକ୍ଷ୍ମୀପ୍ରିୟା ପୃଷ୍ଟି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଚଢ଼େଇଗାଁର ପ୍ରଧାନ ଶିକ୍ଷକ ରାଇସେନ୍ ମୁର୍ମୁ ଯୋଗଦେଇ ଚାମ୍ପିଅନ ଚଢେଇଗାଁ ଉଚ୍ଚ ବିଦ୍ୟାଳୟର ଉଭୟ ବାଳକ ଓ ବାଳିକା ଦଳକୁ ପୁରସ୍କୃତ କରିଥିଲେ।

## ରାଜ୍ୟସ୍ତରୀୟ ଦୌଡ଼କୁଦ ଓ ସଫ୍ଟବଲ ପ୍ରତିଯୋଗିତା; ମୟୂରଭଞ୍ଜରୁ ୩୭ କ୍ରୀଡ଼ାବିତ୍



**ବାରିପଦା, ୧୧ ।୧୧(ସମିସ):** ମଙ୍ଗଳବାରଠାରୁ ୧୫ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ଖ୍ରୀଷ୍ଟିଆନ ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ଓଡ଼ିଶା ରାଜ୍ୟସ୍ତରୀୟ ଦୌଡ଼କୁଦ ଓ ସଫ୍ଟବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ୩୭ଜଣ ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେମାନେଙ୍କ ମଧ୍ୟରୁ ଦୌଡ଼କୁଦରେ ୨୫ ଓ ସଫ୍ଟବଲରେ ୧୨ ଜଣ ଯୋଗ ଦେଇଛନ୍ତି। ଦୌଡ଼କୁଦର ୧୭ ବର୍ଷରୁ କମ ବାଳକ ବିଭାଗରେ ଯଶୋବନ୍ତ ବେହେରା, ନଜିର ପଲେଇ, ସୁନ୍ଦର ମୁର୍ମୁ, ବିକାଶ ସେନାପତି, ମହାବୀର କିସ୍କୁ, ରଘୁନାଥ ମାଝୀ ଓ ବାଳିକା ବିଭାଗ ରେ ସାବିତ୍ରୀ ମୁର୍ମୁ, ସଞ୍ଚିତା ପରମିତା ନାୟକ, ପ୍ରୀତିରାଣୀ ନାଏକ, କମଳିନୀ ମାରାଣ୍ଡି, ରୁକ୍ମଣୀ ହାଁସଦା, ଲକ୍ଷ୍ମୀ ସିଂ । ସେହିପରି ୧୪ ବର୍ଷରୁ କମ ବାଳକ ବିଭାଗରେ ମଙ୍ଗଳ ସୋରେନ, ଯସେତ ସୋରେନ, ରାମଚନ୍ଦ୍ର ମୁର୍ମୁ, ରାଜଶେଖର ଠାକୁର, ସୁଦାମା ଜଗନ୍ନାଥ ହେମ୍ବ୍ରମ, ରାମ ହେମ୍ବ୍ରମ, କୁନୁ ମହାକୁଡ଼ ଓ ବାଳିକା ବିଭାଗରେ ଯମୁନା ମହାନ୍ତ, ବନିତା ମହାନ୍ତ, ଲିଜା ରାଣୀ ଗିରି, ବିନ୍ଦି ସିଂ, ଜୟସ୍ମିତା ସିଂ, ସୁନିତା ପିଙ୍ଗୁଆ ସ୍ଥାନ ପାଇଛନ୍ତି। ସେହିପରି ସଫ୍ଟବଲ ପ୍ରତିଯୋଗୀ ଭାବେ ଜୟନ୍ତ ମହାନ୍ତ, ବିଶାଲ ବିନ୍ଧାଣୀ, ସୌଭାଗ୍ୟ ମହାନ୍ତ, ଶିବ ଶଙ୍କର ଥୟାଲ, ସିପୁନ ବାରିକ, ନିତ୍ୟାନନ୍ଦ ଧଳ, ରବୀନ୍ଦ୍ର ତୁଙ୍ଗ, ଶୁଭମ ହେମ୍ବ୍ରମ, ଦେବାଶିଷ ମହାନ୍ତ, ଅମିତ କୁମାର ନାଏକ, ଚନ୍ଦ୍ରଭାନୁ ବେହେରା, ଦୁର୍ଗା ପ୍ରସାଦ ଗିରି। ଏ ନେଇ ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତଙ୍କୁ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି

## ବୁଢ଼ାବଳଙ୍ଗରରୁ ବେଆଇନ ବାଲି ଉତ୍ତୋଳନ

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ; ଏକ୍ସାଭେଟର ଓ ଟ୍ରାକ୍ଟର ଜବତ

ବାରିପଦା, ୧୧।୧୧(ସମିସ)




ମୟୂରଭଞ୍ଜ ଜିଲ୍ଲାରେ ବେଆଇନ ବାଲି ଖନନ ଓ ଉତ୍ତୋଳନକୁ ରୋକିବାରେ ପ୍ରଶାସନ ବିଫଳ ହୋଇଛି। ଫଳରେ ଦିନରାତି ଭାରୀଯାନରେ ଶହଶହ ଟ୍ରିପ ବାଲି ଚାଲାଣ ହେବାଦ୍ୱାରା ପ୍ରଶାସନର ରାଜସ୍ୱ ହାନୀ ହେଉଛି। ଏପରିକି ପରିବେଶ ସନ୍ତୁଳନ ଉପରେ ପ୍ରଭାବ ପଡୁଛି। ନଦୀର ଜଳ ସ୍ରୋତକୁ ବନ୍ଧବାନ୍ଧି ଏକ୍ସାଭେଟର ମାଧ୍ୟମରେ ବାଲି ଉତ୍ତୋଳନ କରାଯାଇ ମାଫିଆମାନେ ବାହାରକୁ ଚାଲାଣ କରୁଛନ୍ତି। ଲଘୁ ଖଣିଜ ଏବଂ ରାଜସ୍ୱ ବିଭାଗ ଡ୍ରୋନ ସର୍ଭେ କରି ନିୟମିତ ନୀରିକ୍ଷଣ ଜରିଆରେ ଅବୈଧ ଖନନ ରୋକିବାକୁ ନିଷ୍ପତ୍ତି ହୋଇଥିଲେ ସୁଦ୍ଧା ଅଧିକାରୀଙ୍କ ନୀରବତା ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଉଦବେଗ ସୃଷ୍ଟି କରିଛି। ଏନେଇ ବଡ଼ସାହି ତହସିଲ ଅଧୀନ କୋଚିଲାଖୁଣ୍ଟା ପଞ୍ଚାୟତ ବାଗୁଲି ଓ ପାଇକପଡ଼ା ଗ୍ରାମବାସୀ ବେଆଇନ ବାଲି ଉତ୍ତୋଳନକୁ ତୁରନ୍ତ ବନ୍ଦ କରିବା ଦାବିରେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏପରିକି ଭାରୀଯାନ ଚଳପ୍ରଚଳ ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ନଷ୍ଟ ହେବା ସହିତ ବୁଢାବଳଙ୍ଗ ନଦୀରେ ନବନିର୍ମିତ ପୋଲ ବିପଦସଂକୁଳ ହେବା ନେଇ ଆଶଙ୍କା ଦେଖାଦେଇଛି। ଘଟଣାରୁ ପ୍ରକାଶ ଯେ, ବୁଢାବଳଙ୍ଗ ନଦୀରେ ବନ୍ଧବାନ୍ଧି ବେଆଇନ ବାଲି ଉତ୍ତୋଳନ ପୂର୍ବକ ମାଫିଆମାନେ ବାଗୁଲି ଓ ପାଇକପଡ଼ା ଗ୍ରାମଦେଇ ଚାଲାଣ କରୁଛନ୍ତି। ନଦୀଗର୍ଭରୁ ବାଲି ଚୋରମାନେ ଏକ୍ସାଭେଟର (ଶକ୍ତିଶାଳୀ ଜେସିବି) ମାଧ୍ୟମରେ ନଦୀଜଳର ଗତିପଥକୁ ବଦଳାଇ ଦେଇ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ନବନିର୍ମିତ ପ୍ରଧାନମନ୍ତ୍ରୀ ସଡକଟି ଭାଙ୍ଗିରୁଜି ଯାଉଥିବା ବେଳେ ଚାଷୀଙ୍କ ପାଇଁ ସମସ୍ୟା ଉପୁଜିଛି। ଉକ୍ତ ରାସ୍ତା ଦେଇ ଧାନ ଫସଲ ଅମଳ କରି ଘରକୁ ଆଣୁଥିବା ବେଳେ ବିପଦସଙ୍କୁଳ ରାସ୍ତାରେ ଦୁର୍ଘଟଣା ଘଟିବାରେ ଲାଗିଛି। କୋମଳମତି ଛାତ୍ରଛାତ୍ରୀ ସ୍କୁଲ କଲେଜ ଯିବା ବାଟରେ ଏଭଳି ଭାରୀଯାନ ଚଳପ୍ରଚଳ କରୁଥିବାରୁ ଅଭିଭାବକମାନେ ଭୟଭୀତ ହୋଇପଡ଼ିଛନ୍ତି। ଏହା ଦ୍ୱାରା ପରିବେଶ ଓ ଜୀବନଜୀବିକା ଉପରେ ଘୋର ପ୍ରଭାବ ପକାଉଛି। ଅତ୍ୟଧିକ ବାଲି ଖନନ ଯୋଗୁଁ ନଦୀପଠା କ୍ଷୟ ହେବା ସହିତ ଚାଷ ଜମି ନଦୀ ଗର୍ଭରେ ମିଶିଲାଣି। ଏହି ଅଞ୍ଚଳରୁ ବାଲି ଖନନ ପାଇଁ ବିଭାଗୀୟ ସ୍ତରରେ କୌଣସି ଲିଜ୍ ଦିଆଯାଇନାହିଁ; ମାତ୍ର ବାଲି ଚୋରଙ୍କ ନାଲି ଆଖି ଓ ମୋଟା ଅଙ୍କର ଦେଣନେଣ ଯୋଗୁଁ ବେଆଇନ ବାଲି ଖନନ ଜାରି ରହିଛି। ଏଭଳି ବେଆଇନ ଉତ୍ତୋଳନ ଓ ପରିବହନକୁ ନେଇ ଅଞ୍ଚଳବାସୀ ପୁଣି ଏନଜିଟିର ଦ୍ୱାରସ୍ଥ ହେବା ନେଇ ସଜବାଜ ହେଉଛନ୍ତି। ଗ୍ରାମବାସୀ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲଘୁ ଖଣିଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲା ଲଘୁ ଖଣିଜ ଅଧିକାରୀ ଉଦୟଭାନୁ ସାହୁ କହନ୍ତି, ଅଭିଯୋଗ ପାଇ ଗୋଟିଏ ଏକ୍ସାଭେଟର ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରାଯାଇଛି। ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବା ସହ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି। ଅନ୍ୟ ଏକ ଘଟଣାରେ କଂଗ୍ରେସର ଆଦିବାସୀ ନେତା ପ୍ରମୋଦ ହେମ୍ବ୍ରମ ମଧ୍ୟ ଜିଲ୍ଲାପାଳଙ୍କୁ ଭେଟି ବେଆଇନ ବାଲି ଉତ୍ତୋଳନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଜିଲ୍ଲା ଖଣି ନୀରିକ୍ଷକ ଜବତ ବାଲି ଟ୍ରାକ୍ଟରକୁ ବଡ଼ସାହି ପୁଲିସକୁ ହସ୍ତାନ୍ତର କରିଥିବା ବେଳେ ଏକ୍ସାଭେଟର ମେସିନ ହସ୍ତାନ୍ତର ନ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି ଘଟଣାରେ ମାମଲା ରୁଜୁ ନ କରି କେବଳ ଜରିମାନା ଆଦାୟ କରି ରଫାଦଫା କରୁଥିବାରୁ ଜିଲ୍ଲାରେ ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ବୋଲି ଅଭିଯୋଗ କରିଛନ୍ତି।



### ଏନ୍‌ଜିଟିର ଦ୍ୱାରସ୍ଥ ହେବାକୁ ଗ୍ରାମବାସୀ ସଜବାଜ

# ସମ୍ପାଦକୀୟ



ଶିକ୍ଷା ନାମକ ବୃକ୍ଷଟିର ଚେର ତିକ୍ତ, କିନ୍ତୁ ତାହାର ଫଳ ମଧୁର
-ଆରିଷ୍ଟୋଟଲ୍

ସକାଳ
THE SAKALA

## ହ୍ୱାଇଟ୍‌କଲାର ଆତଙ୍କ

ଦିଲ୍ଲୀ କାର ବୋମା ବିସ୍ଫୋରଣ ପଛରେ ନିର୍ଦ୍ଦିଷ୍ଟ ଭାବେ କାହାର ଷଡ଼ଯନ୍ତ୍ର ରହିଛି ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ଗଣମାଧ୍ୟମରେ ତରବରିଆ ଭାବେ ଅନେକ ମତ, ମନ୍ତବ୍ୟ ଓ ଅଭିଯୋଗମାନ ଆସିବାରେ ଲାଗିଛି। ସ୍ୱାଭାବିକ ଭାବେ ସନ୍ଦେହର ଛୁଞ୍ଚି ପାକିସ୍ତାନ ଦିଗକୁ ଇଙ୍ଗିତ କରୁଥିବା ବେଳେ ନିର୍ବାଚନ ବେଳେ ଏଭଳି ଆତଙ୍କବାଦୀ କାର୍ଯ୍ୟକଳାପ କାକତାଳିକ ନା ପ୍ରାୟୋଜିତ ବୋଲି ମଧ୍ୟ ଗୁରୁତର ବିବାଦୀୟ ଅଭିଯୋଗ ହୋଇଛି। ଆମ ମତରେ କେଉଁଠି ନା କେଉଁଠି ପୁଣି ଥରେ ଗୁଇନ୍ଦା ସୂଚନାରେ ବିଫଳତା ଓ ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ରହିଛି, ଯାହାକୁ ଅସ୍ୱୀକାର କରି ହେବ ନାହିଁ।

ଦେଶର ରାଜଧାନୀ ନୂଆଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳ ଲାଲକିଲ୍ଲା ନିକଟରେ କାର ବୋମା ବିସ୍ଫୋରଣ ଘଟଣା ଯେତିକି ହୃଦୟବିଦାରକ ଓ ନିନ୍ଦାଜନକ, ତା'ଠାରୁ ଅଧିକ ସମ୍ବେଦନଶୀଳ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଚାରିଜଣ ଡାକ୍ତରଙ୍କ ସମ୍ପୃକ୍ତି। ଯେଉଁମାନଙ୍କୁ କୋଟିକୋଟି ବିଶ୍ୱବାସୀ ଦ୍ୱିତୀୟ ଭଗବାନ ରୂପେ ମାନ୍ୟତା ଓ ସମ୍ମାନ ପ୍ରଦର୍ଶନ କରିଆସୁଛନ୍ତି ସେମାନଙ୍କ ଚେହେରା ପଛରେ ଯେ ଏଭଳି ନରପିଶାଚର ଆତ୍ମାଟିଏ ଲୁଚି ରହିଛି ତାହା କେହି ଚିନ୍ତା ମଧ୍ୟ କରି ନଥିବେ। ଆହୁରି ଉଦ୍‌ବେଗଜନକ ହେଲା ଦେଶର ବିଭିନ୍ନ ଅଞ୍ଚଳରୁ ଆତଙ୍କବାଦୀ ଷଡ଼ଯନ୍ତ୍ରରେ ଲିପ୍ତ ଚାରି ଡାକ୍ତରଙ୍କ ମଧ୍ୟରେ ଜଣେ ମହିଳା ଡାକ୍ତର ମଧ୍ୟ ଅଛନ୍ତି। କୋମଳ ହୃଦୟଧାରୀ ଓ ମମତାଭରା ମହିଳା ମନ ଯେ ନରଖାଦକରେ ରୂପାନ୍ତରିତ ହୋଇପାରେ ତାହା ମଧ୍ୟ ଅପରିକଳ୍ପନୀୟ। ଗିରଫ ବେଳେ ତାଙ୍କ କାରରୁ ଶକ୍ତିଶାଳୀ ସ୍ୱୟଂଚାଳିତ ବନ୍ଧୁକ ମିଳିଛି।

ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଅନୁଯାୟୀ, ଗୁଜରାଟରୁ ଗିରଫ ହାଇଦ୍ରାବାଦ୍‌ର ୩୫ ବର୍ଷୀୟ ଡାକ୍ତର ମହମ୍ମଦ ମୋହିଉଦ୍ଦିନ ସୟଦ ନାମକ ଡାକ୍ତର ଜଣକ 'ଗବ' ବା 'ଜଡ଼ା' ଗଛର ମଞ୍ଜିରୁ ବିଷାକ୍ତ ରାସାୟନିକ ଉତ୍ପାଦ ପ୍ରସ୍ତୁତ କରୁଥିଲେ, ଯାହା ଆମେ ଜାଣିଥିବା ସବୁଠାରୁ ମାରାତ୍ମକ ସିଆନାଇଡ୍ ବିଷଠାରୁ କାହିଁ କେତେଗୁଣରେ ଅଧିକ ଭୟଙ୍କର। ସୟଦ ସଫଳ ହୋଇଥିଲେ ତାଙ୍କ ଉତ୍ପାଦକୁ ମଣ୍ଡି ଓ ବଜାରରେ ବିକ୍ରି ହେଉଥିବା ବିଭିନ୍ନ ଖାଦ୍ୟସାମଗ୍ରୀ, ପନିପରିବା ଓ ଫଳରେ ମିଶାଇ ଥା'ନ୍ତେ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣ ନେଇଥା'ନ୍ତା। ତେଣୁ କାର ବୋମା ବିସ୍ଫୋରଣ ଜନିତ କ୍ଷୟକ୍ଷତିଠାରୁ କାହିଁ କେତେଗୁଣ ଅଧିକ କ୍ଷତି କରିଥା'ନ୍ତା ସୟଦ୍‌ଙ୍କ ଆବିଷ୍କାର ରିସିନ୍ ନାମକ ବିଷ। ସେ ତାଙ୍କ ଷଡ଼ଯନ୍ତ୍ରକୁ ବାସ୍ତବ ରୂପ ଦେବା ପୂର୍ବରୁ ଏଟିଏସ୍ ଦ୍ୱାରା ଗିରଫ ହେବା ଈଶ୍ୱରଙ୍କ ଆଶୀର୍ବାଦ ବିନା ସମ୍ଭବ ନୁହେଁ।

ଡାକ୍ତରୀ ପାଠ ଓ ତାଲିମ୍ ସମାପ୍ତି ପରେ ସମର୍ପିତ ଚିକିତ୍ସା ସେବା ଓ ରୋଗୀଙ୍କ ପ୍ରାଣରକ୍ଷାକୁ ପ୍ରାଥମିକତା ଦେବା ପାଇଁ ହିପୋକ୍ରେଟ୍‌ସଙ୍କ ନାମରେ ଶପଥ ନେଉଥିବା ଡାକ୍ତରମାନେ ଯଦି ମୃତ୍ୟୁର ଦୂତ ସାଜିବେ ସମାଜକୁ ଦିଗ୍‌ଦର୍ଶନ ଦେଉଥିବା ଶିକ୍ଷାବିତ୍‌ମାନେ ଯଦି କୁପଥକୁ ଆବୋରି ନେବେ ତେବେ ମାନବ ସଭ୍ୟତା ତିଷ୍ଠିବ କେମିତି? ଆତଙ୍କବାଦୀ ଡାକ୍ତରମାନେ ଗିରଫ ହେବା ପରେ ଭାରତରେ ହ୍ୱାଇଟ୍‌କଲାର ଟେରରିଜିମ୍ ବା ଶିକ୍ଷିତ ଓ ବୁଦ୍ଧିଜୀବୀଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ପ୍ରୋତ୍ସାହନ ଧାରା ବଢ଼ୁଥିବା ସନ୍ଦେହ କରାଯାଉଛି। ହୁଏତ ଆହୁରି ଏପରି ଅନେକ ଡାକ୍ତର, ବୁଦ୍ଧିଜୀବୀ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିବେ, ଯାହାର ସୂଚନା ମିଳିପାରିନାହିଁ। ଜଣେ ସନ୍ଥ କହିଥିଲେ ଜନ୍ମଜନ୍ମାନ୍ତରର ପୁଣ୍ୟ ବଳରେ ମଣିଷ ଜନ୍ମ ହୁଏ। ଏହି ଜନ୍ମରେ ସତ୍‌କର୍ମ ଓ ସତ୍‌ଚିନ୍ତାରେ ଜଣେ ଦେବତ୍ୱ ଲାଭ କରିପାରିବ। କିନ୍ତୁ ଯଦି କେହି ଦେବତ୍ୱ ବଦଳରେ ଦାନବତ୍ୱକୁ ବାଛି ନିଏ ତାହାକୁ ଲଗାମ ଦେବ କିଏ? କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ପାଇଁ ଚିନ୍ତାଜନକ ହେଉଛି ଧର୍ମାନ୍ଧତା ଓ ଚରମପନ୍ଥୀଙ୍କ ଆଧିପତ୍ୟ ବଢ଼ୁଛି।


## ବ୍ୟାଙ୍କ-ବିବାହ

କେନ୍ଦ୍ର ସରକାର ପୁଣି ଥରେ କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ସମ୍ମିଶ୍ରଣ କରିବାକୁ ଯାଉଛନ୍ତି। କମ୍ପାନୀ ଆଇନ ଭାଷାରେ ଏହି ପ୍ରକ୍ରିୟାକୁ 'ସମ୍ମିଶ୍ରଣ' ନ କହି ବରଂ 'ବିବାହ' କହିବା ଅଧିକ ଠିକ୍ ହେବ। ସୀମିତ ସ୍ଥାନରେ ଏହାର ଯୌକ୍ତିକତା ଦର୍ଶାଇବା ସମ୍ଭବ ନୁହେଁ। ତେବେ ଏତିକି କହିଲେ ବୁଝି ହେବ ଯେ ଏଣିକି ସେହି ବ୍ୟାଙ୍କମାନେ ଗୋଟିଏ ଛାତ ତଳେ ପରିଚାଳିତ ହେଲେ ମଧ୍ୟ ନିଜ ନିଜ ପରିଚୟ ହରାଇବେ ନାହିଁ। ୨୦୨୦ ମସିହାରେ ଏଭଳି ପ୍ରକ୍ରିୟାରେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବିବାହରେ ଚାରିଟି ବୃହତ୍ ବ୍ୟାଙ୍କ ପରିବାର ଗଠନ ହୋଇଥିଲା।

ବ୍ୟାଙ୍କ ସମ୍ମିଶ୍ରଣ ବା ବିବାହ ପଛର କାରଣ ରୂପେ ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି ଯେ ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ଏହା ହିଁ ସମୟର ଆବଶ୍ୟକତା। ଏହାଦ୍ୱାରା ଅର୍ଥନୈତିକ ଭିତ୍ତିଭୂମି ସୁଦୃଢ଼ ହୋଇପାରିବ, ନିବେଶ ସଂପ୍ରସାରିତ ହେବ ଏବଂ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। କିନ୍ତୁ ଏଥିରେ ଥିବା ମୁଖ୍ୟ ଆହ୍ୱାନ ହେଉଛି ପରିଚାଳନା ଓ ନିଷ୍ପତ୍ତିଗତ ବିଭ୍ରାଟ, ଯେଉଁ କାରଣରୁ ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଜି ଏହି ସ୍ଥିତି ଦେଇ ଗତି କରିବାକୁ ପଡୁଛି। ଆମ ରାଷ୍ଟ୍ରାୟତ୍ତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ମୁଖ୍ୟ ସମସ୍ୟା ହେଉଛି ଏନ୍‌ପିଏ ବା ଅନାଦାୟ ଋଣ ବୋଝ। ସରକାରୀ ଚାପରେ ହେଉ ବା ପ୍ରଲୋଭନରେ ବ୍ୟାଙ୍କର ପରିଚାଳନା ମଣ୍ଡଳି ବିନା ଯାଞ୍ଚରେ ଉଦ୍ଦିଷ୍ଟ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ କରି ହଜାର ହଜାର କୋଟି ଟଙ୍କାର ଋଣ ମଞ୍ଜୁର କରିଚାଲୁଛନ୍ତି। ଏହି ଋଣ ଶୁଝିବା ପାଇଁ ପୁଣି ଥରେ ଋଣ ଦିଆଯାଉଛି। ଏହିପରି ଭାବେ ବ୍ୟାଙ୍କର ଋଣ ବୋଝ ବଢ଼ି ଚାଲୁଛି। ସମ୍ପୃକ୍ତ ଋଣଗ୍ରହୀତା ନିଜକୁ ଦେବାଳିଆ ଘୋଷଣା କରି ବା ଦେଶାନ୍ତର ହୋଇ ଋଣ ପରିଶୋଧ ଜଞ୍ଜାଳରୁ ମୁକ୍ତି ପାଇବାର ବାଟ ଟିଏ ପାଇଯାଉଛି। ଶେଷରେ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ି ଗଲା ପରେ ଗରିବ ଜନତାଙ୍କ ଟିକସରେ ଗଠିତ ରାଜକୋଷକୁ ସରକାରୀ ପୁଞ୍ଜି ସହାୟତା ଆଳରେ ହଜାର ହଜାର କୋଟି ଟଙ୍କା ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦିଆଯାଉଛି। ବିଗତ ଦଶନ୍ଧିରେ କେନ୍ଦ୍ର ସରକାର 'ମିଶନ୍ ଇନ୍ଦ୍ରଧନୁଷ୍' ନାମରେ ପ୍ରାୟ ୫୫ ହଜାର କୋଟି ଟଙ୍କାର ସରକାରୀ ପୁଞ୍ଜି ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କୁ ଦେଇଥିଲେ। କିନ୍ତୁ ସ୍ଥିତିରେ ଉନ୍ନତି ଆସିବା ଦୂରେ ଥାଉ ଏବେ ପୁଣି ଥରେ ସରକାରଙ୍କୁ ବ୍ୟାଙ୍କର ଗଣବିବାହ କରିବାକୁ ପଡୁଛି। ଏହି ଷଡ଼ଯନ୍ତ୍ର କେବଳ ସମ୍ପୃକ୍ତ ଋଣଗ୍ରହୀତାଙ୍କ ଦ୍ୱାରା ଏକାକୀ ସମ୍ଭବ ନୁହେଁ।

ଗୋଟିଏ ଛାତ ତଳେ ଯଦି ଏକାଧିକ ବ୍ୟାଙ୍କର ପ୍ରଦର୍ଶନ ଉତ୍ସାହଜନକ ହେବ ତାହା ସ୍ୱାଗତଯୋଗ୍ୟ। କିନ୍ତୁ ତ୍ରୁଟିପୂର୍ଣ୍ଣ ନୀତିଗତ ନିଷ୍ପତ୍ତି ଓ ପକ୍ଷପାତିତାପୂର୍ଣ୍ଣ ମଞ୍ଜୁରୀ ପ୍ରକ୍ରିୟାକୁ କଠୋର କଟକଣା ଦ୍ୱାରା ନିରୁତ୍ସାହିତ ନ କରିବା ପର୍ଯ୍ୟନ୍ତ ଏହି ମହତ୍ ପରିକଳ୍ପନା ତାହାର ମୂଳ ଲକ୍ଷ୍ୟ ହାସଲ କରିପାରିବ ନାହିଁ।

# ଭାରତ ନୋବେଲ୍‌ରୁ ବଞ୍ଚିତ କାହିଁକି?



ପ୍ରାୟ ଏକ ଶତାବ୍ଦୀ ଧରି ବିଜ୍ଞାନ କ୍ଷେତ୍ରରେ ଭାରତ ନୋବେଲ ପୁରସ୍କାର ବିଜେତା ସୃଷ୍ଟି କରି ପାରିନାହିଁ। ଅଥଚ ବିଡ଼ମ୍ବନା ଏହା ଯେ ବିଦେଶର ନାଗରିକତ୍ୱ ଗ୍ରହଣ କରି ଅନେକ ଭାରତୀୟ ବୈଜ୍ଞାନିକ ଏହି ସମ୍ମାନଜନକ ପୁରସ୍କାର ପାଇବାର ଗୌରବ ଅର୍ଜନ କରିଛନ୍ତି। ଏହି ପ୍ରସଙ୍ଗ ଅନେକ ସମ୍ବେଦନଶୀଳ ଦିଗକୁ ଇଙ୍ଗିତ କରେ, ଯାହା ଉପରେ ଆଜି ବିଚାରବିମର୍ଶ କରିବାର ଆବଶ୍ୟତା ରହିଛି।

ଭାରତୀୟ ବୈଜ୍ଞାନିକମାନେ ନୋବୋଲ୍ ପରି ସମ୍ମାନଜନକ ପୁରସ୍କାରରୁ ବଞ୍ଚିତ ହେବା ପଛରେ ଯେଉଁ କେତେକ ଅଭିଯୋଗ ସାମ୍ନାକୁ ଆସୁଛି, ସେଥିମଧ୍ୟରୁ ପ୍ରମୁଖ ହେଉଛି ଗବେଷଣା ପାଇଁ ଭାରତ ସରକାର ପର୍ଯ୍ୟାପ୍ତ ସମ୍ବଳ ଖର୍ଚ୍ଚ କରନ୍ତି ନାହିଁ। ବାସ୍ତବରେ ଗବେଷଣା ଓ ବିକାଶରେ ସରକାରୀ ପୁଞ୍ଜି ନିବେଶ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଅତିକମରେ ୩ ପ୍ରତିଶତକୁ ବୃଦ୍ଧି ପାଇବା ଆବଶ୍ୟକ। ସାମ୍ପ୍ରତିକ ସ୍ଥିତିରେ ଏହି ସ୍ତର ଭାରତରେ ନୈରାଶ୍ୟଜନକ। ଦ୍ୱିତୀୟ ଅଭିଯୋଗ ହେଉଛି ସୃଜନଶୀଳତା ଉପରେ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ଯୋଗୁଁ ବିଜ୍ଞାନର ଅନେକ ସ୍ୱନାମଧନ୍ୟ ଅନୁଷ୍ଠାନ ଅମଲାତାନ୍ତ୍ରିକ ଦୁର୍ଗରେ ପରିଣତ ହୋଇଛି। ତୃତୀୟ କାରଣ ହେଉଛି ଆମ ଦେଶରେ ଆଗଧାଡ଼ିରେ ଥିବା ବୈଜ୍ଞାନିକ, ଗବେଷକମାନେ ଅଧସ୍ତନ ବା କନିଷ୍ଠମାନଙ୍କ ମେଧା ଓ ସୃଜନଶୀଳତା ବୃଦ୍ଧି ପାଇଁ ସୁଯୋଗ ଦିଅନ୍ତି ନାହିଁ। ମାର୍ଗଦର୍ଶନ ଓ ନେତୃତ୍ୱ ବଦଳରେ ଅସୂୟାର ପରିବେଶ ସୃଷ୍ଟି କରନ୍ତି, ଯାହା ଫଳରେ ଉଚ୍ଚତର ଗବେଷଣା ଆରମ୍ଭ ହେବା ପୂର୍ବରୁ ବନ୍ଦ ହୋଇଯାଏ। ତେଣୁ ପର୍ଯ୍ୟାପ୍ତ ପାଣ୍ଠି ସହିତ ସ୍ୱଚ୍ଛତା ବିନା ଭାରତରେ ଉଚ୍ଚତର ଗବେଷଣା ଉଧେଇ ପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଓପନ୍ ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାମ୍ ଅଲଟ୍‌ମ୍ୟାନଙ୍କ ଭାରତ ଗସ୍ତ ଅବସରରେ ସାମ୍ବାଦିକମାନେ ତାଙ୍କୁ ଭାରତରେ ଓପନ୍‌ଏଆଇ ଭଳି ଏକ ସଫ୍ଟୱେର ବିକାଶର ସମ୍ଭାବନା ବିଷୟରେ ପଚାରନ୍ତେ ସେ ଯେଉଁ ଉତ୍ତର ଦେଇଥିଲେ ତାହା ଶ୍ରୁତିକଟୁ ହୋଇଥିଲେ ହେଁ ନିଛକ ବାସ୍ତବତା ଓ ନଗ୍ନ ସତ୍ୟ ଆଧାରିତ। ତାଙ୍କର ଉତ୍ତର ଥିଲା ବିଶ୍ୱ ଆଇଟି କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତୀୟ ପେସାଦାରମାନଙ୍କ ଦକ୍ଷତାକୁ ନେଇ କୌଣସି ସନ୍ଦେହ ନାହିଁ। ଭାରତର ବ୍ୟବସାୟୀ ଜଗତର ଯୁଗୋପଯୋଗୀ ମଡେଲ୍ ଏବଂ ବଜାର ଅର୍ଥନୀତିରେ ନୀତି ନିର୍ଦ୍ଧାରଣରେ ମଧ୍ୟ କୌଣସି ଦୁର୍ବଳତା ନାହିଁ। ଭାରତରେ ମେଧା ଓ ପାଣ୍ଠିର ପର୍ଯ୍ୟାପ୍ତ ସୁଯୋଗ ସତ୍ତ୍ୱେ ଏଆଇ ଭଳି ଏକ ଚାଟ୍‌ବଟ୍ ବିକଶିତ ହେବାର ସମ୍ଭାବନା ଊଣା ପଛର ପ୍ରମୁଖ କାରଣ ହେଉଛି ଏଠାରେ ଗବେଷଣାକୁ ପ୍ରୋତ୍ସାହନ ବଦଳରେ ନିରୁତ୍ସାହିତ କରାଯାଏ। ଆଗକୁ ବଢ଼ିବାର ସୁଯୋଗ ଦେବା ପରିବର୍ତ୍ତେ ବାଟ ଓଗାଳିବାର ହୀନମନ୍ୟତା ଆଧିପତ୍ୟ ବିସ୍ତାର କରି ରହିଛି।

ତେଣୁ ବୈଜ୍ଞାନିକ ଓ ଗବେଷଣା ବ୍ୟବସ୍ଥାରେ ସରକାର ଯେତିକି ଦାୟୀ ତତୋଧିକ ଦାୟୀ ବରିଷ୍ଠ ଶିକ୍ଷାବିତମାନେ। ଏହା ଗୋଟିଏ ଦେଶର ନେତୃତ୍ୱ ଓ ଦୂରଦୃଷ୍ଟିର ଅଭାବକୁ ଇଙ୍ଗିତ କରେ। ଏ କ୍ଷେତ୍ରରେ ହୋମି ଭାଭା ଓ ବିକ୍ରମ ସରଭାଇ ଜଣେ ଜଣେ ବିରଳ ଉଦାହରଣ। ଭାରତୀୟ ବିଜ୍ଞାନ ଗବେଷଣାର ଆଉ ଏକ ନକାରାତ୍ମକ ଦିଗ ହେଲା ବୈଜ୍ଞାନିକମାନଙ୍କ ନିଯୁକ୍ତି ପ୍ରକ୍ରିୟା। ଭାରତରେ ପ୍ରତିଭାବାନ ବୈଜ୍ଞାନିକମାନଙ୍କର ଅଭାବ ନାହିଁ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବାରୁ ଗବେଷଣା କ୍ଷେତ୍ରରେ ପ୍ରବେଶ କରିପାରୁନାହାନ୍ତି କି ନବାଗତମାନଙ୍କୁ ଦିଗ୍‌ଦର୍ଶନ ଦେଇପାରୁନାହାନ୍ତି। ଭାରତର ମିଶାଇଲ୍ ମ୍ୟାନ୍ ଭାବେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡ. ଏ ପିଜେ ଅବ୍‌ଦୁଲ୍ କାଲାମ୍‌ଙ୍କୁ ମଧ୍ୟ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଅଭାବରୁ ଭାରତର ଏକ ବିଶ୍ୱବିଦ୍ୟାଳୟରେ ପଢ଼ାଇବାର ସୁଯୋଗ ମିଳିନଥିଲା। ସେତେବେଳକୁ ଡ. କାଲାମ୍ ମିଶାଇଲ୍ ଟେକ୍‌ନୋଲଜିର ଉତ୍କର୍ଷ ସୋପାନରେ ପହଞ୍ଚି ସାରିଥିଲେ ଏବଂ ସେହି ଜ୍ଞାନକୁ ସେ ନବାଗତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଥିଲେ।

ବୈଜ୍ଞାନିକ ବା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତି ବେଳେ ଯେଉଁ ମାନଦଣ୍ଡ ବା ମାର୍ଗଦର୍ଶିକା ଅନୁସରଣ କରାଯାଏ ତାହାକୁ ନେଇ ମଧ୍ୟ କେତେକ ଗବେଷକ ପ୍ରଶ୍ନ ଉଠାଇଛନ୍ତି। ପ୍ରାର୍ଥୀ ଚୟନ ଓ ନିଯୁକ୍ତିରେ ପ୍ରତିପତ୍ତି, ସରକାରୀ ଚାପ, ଆଞ୍ଚଳିକତା ଏବଂ ଅର୍ଥନୈତିକ ପୃଷ୍ଠପୋଷକତା ଅଯଥା ଓ ଅନାବଶ୍ୟକ ଗୁରୁତ୍ୱ ବହନ କରେ। ଗବେଷଣାଗୁଡ଼ିକ ମଧ୍ୟ ପାରମ୍ପରିକ ଏବଂ ପୂର୍ବଲିଖିତ ଏକ ଧାରାର କେବଳ ପୁନରାବୃତ୍ତି ମାତ୍ର। ଜଣେ ଗବେଷକ ନିଜ ଇଚ୍ଛା କିମ୍ବା ପସନ୍ଦ ଅନୁଯାୟୀ ଗବେଷଣା ପାଇଁ ଏକ ବିଷୟ ଚୟନ କରିପାରିବ ନାହିଁ କି ଗବେଷଣାର ନୂଆ ମାର୍ଗରେ ଯାଇପାରିବ ନାହିଁ। ଅଲିଖିତ ନିୟମ 'ବସ୍ ଇଜ୍ ଅଲ୍‌ୱେଜ୍ ରାଇଟ୍' ଅନୁଯାୟୀ ଗାଇଡ୍ ଦେଇଥିବା ବିଷୟ ଏବଂ ଦେଖାଇଥିବା ମାର୍ଗରେ ଚାଲିବାକୁ ବାଧ୍ୟ। ନତୁବା ଗବେଷଣା ପୂର୍ଣ୍ଣ ହୋଇପାରିବ ନାହିଁ।

ଜଣେ ଯୁବ ବୈଜ୍ଞାନିକ ଏକ ପ୍ରତିଷ୍ଠିତ ପ୍ରତିଷ୍ଠାନରେ ପହଞ୍ଚିବା ପରେ ମଧ୍ୟ ତା'ର ସଂଘର୍ଷ ଶେଷ ହୁଏ ନାହିଁ। ସେମାନଙ୍କୁ ପ୍ରାୟତଃ ପ୍ରତ୍ୟେକ ଉପକରଣ, ପ୍ରତ୍ୟେକ ଛାତ୍ର ଏବଂ ପ୍ରତିଟି ମୁହୂର୍ତ୍ତରେ ନିଜ ସ୍ଥାନ ସୁଦୃଢ଼ କରିବା ପାଇଁ ଲଢ଼ିବାକୁ ପଡ଼ିଥାଏ। ଯୁଗୋପଯୋଗୀ ଗବେଷଣା ପାଇଁ ବ୍ୟବହୃତ ମୂଲ୍ୟବାନ ସମୟ କେବଳ ଆଭ୍ୟନ୍ତରୀଣ ରାଜନୀତି ଓ ପକ୍ଷପାତିତା ସହିତ ସାଲିସ୍ କରିବା ପାଇଁ ଅଭ୍ୟସ୍ତ ହେବାରେ ବିନିଯୋଗ ହୁଏ। ଏଭଳି ବ୍ୟବସ୍ଥାରେ ଜଣେ ଯୁବ ବୈଜ୍ଞାନିକଙ୍କ ସ୍ୱପ୍ନ ହିଁ ମରିଯାଏ ଏବଂ ପ୍ରେରଣା ହଜିଯାଏ। ପ୍ରକାଶନ, ପୁରସ୍କାର ପାଇଁ ଦୌଡ଼ ଭିତରେ ଗବେଷଣାର ମୂଳ ଲକ୍ଷ୍ୟ ସୁଦୂରପ୍ରସାରୀ ହୋଇଯାଏ।

ଭାରତୀୟ ଶିକ୍ଷାକ୍ଷେତ୍ରରେ କିଏ କେତେ ସଫଳ ତା'ର ମାନଦଣ୍ଡ ନିର୍ଦ୍ଧାରଣ ଗବେଷଣାର ବିଷୟବସ୍ତୁ ଚୟନ ଏବଂ ତା'ର ପ୍ରାସଙ୍ଗିକତା ଦ୍ୱାରା ନୁହେଁ, ବରଂ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶନ ପରିମାଣ, ପ୍ରାୟୋଜିତ / ସଂଗୃହୀତ ପୁରସ୍କାର/ପଦକ ସଂଖ୍ୟା ଦ୍ୱାରା କରାଯାଏ। ଅନେକ ଜାତୀୟ ଏକାଡେମୀ ଏବଂ ସଂସ୍ଥା ପ୍ରତିବର୍ଷ ବିଭିନ୍ନ ପ୍ରକାରର ଫେଲୋସିପ୍, ପଦକ ଓ ପୁରସ୍କାର ବଣ୍ଟନ କରୁଥିବାରୁ ବୈଜ୍ଞାନିକମାନେ ଗବେଷଣା ବଦଳରେ ଉଦ୍ଧୃତି, ସମିତି ଓ ସମାରୋହକୁ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। ଭାରତୀୟ ବ୍ୟବସ୍ଥା ନବସୃଜନ ବଦଳରେ ଦୃଶ୍ୟମାନତାକୁ ପୁରସ୍କୃତ କରେ। ବୈଜ୍ଞାନିକ/ ଗବେଷକମାନଙ୍କୁ ପ୍ରାୟତଃ ଏହି ଦୌଡ଼ରେ ସ୍ୱେଚ୍ଛାକୃତ ଭାବରେ କିମ୍ବା ପରୋକ୍ଷ ଚାପ ଦ୍ୱାରା ଅଂଶଗ୍ରହଣ କରିବାକୁ ବାଧ୍ୟ କରାଯାଏ। ଯେଉଁମାନେ ଏହି ଧାରାରେ ସାମିଲ୍ ହେବାକୁ ମନା କରିଦିଅନ୍ତି ସେମାନେ ତା'ର ପରାଭବ ଭୋଗନ୍ତି। ଏଭଳି ସ୍ଥିତିରେ ନୋବେଲ୍ ସ୍ତରୀୟ ଗବେଷଣା କଥା ଚିନ୍ତା କରିବ କିଏ ଓ କେତେବେଳେ?

ଭାରତୀୟ ବିଜ୍ଞାନ ଓ ଗବେଷଣାକୁ ନୋବେଲ୍ ସ୍ତରୀୟ କରିବାକୁ ହେଲେ ଏବେ 'ଜେନ୍ ଜେଡ୍' ପିଢ଼ି ହିଁ ବିଶାଳ ସମ୍ଭାବନା ଭରା ଆଶାର ଆଲୋକ ରୂପେ ଦୃଶ୍ୟମାନ ହେଉଛନ୍ତି। ତେଣୁ ସେମାନଙ୍କୁ ସମସ୍ୟା ସମାଧାନ ସହିତ ନୀତି ନିର୍ଦ୍ଧାରଣରେ ନେତୃତ୍ୱ ନେବାର ସୁଯୋଗ ଦେବା ଆବଶ୍ୟକ। ଆମ ବରିଷ୍ଠ ପେସାଦାରମାନେ କୌଣସି ନୂତନ ପରିବର୍ତ୍ତନକୁ ସବୁବେଳେ ଭୟ କରନ୍ତି। ବରିଷ୍ଠମାନଙ୍କର ଜ୍ଞାନ ଓ ଅଭିଜ୍ଞତା ଅମୂଲ୍ୟ ହେଲେ ମଧ୍ୟ ପ୍ରଗତି ପାଇଁ ନୂତନ ଚିନ୍ତାଧାରା ଓ ବୈଶ୍ୱିକ ଦୃଷ୍ଟିକୋଣ ସହିତ କନିଷ୍ଠମାନଙ୍କ ସହିତ ସହଭାଗିତା ଆବଶ୍ୟକ। ଏବେ ଗବେଷଣା ସ୍ତରରେ ଅନେକ ପଦବୀ ଖାଲି ପଡ଼ିଛି। ସେସବୁର ଉପଯୁକ୍ତ ଯୋଗ୍ୟତା ଆଧାରରେ ପୂରଣ ହେବା ଆବଶ୍ୟକ। ଏହା ଭାରତର ନୋବେଲ୍ ପୁରସ୍କାର ଜିତିବା ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ।

ଗତ କିଛି ବର୍ଷ ହେଲା ମୌଳିକ ଓ ଅନୁସୃଜନ ଗବେଷଣା, ଷ୍ଟାର୍ଟ-ଅପ୍ ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି। ଗବେଷଣାରେ ନିବେଶକୁ ବିସ୍ତାର ନ କଲେ ତାହା ମୂଲ୍ୟହୀନ ହୋଇପଡ଼ିବ। ଯେପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥାକୁ ଭାଙ୍ଗି ସ୍ୱଚ୍ଛ ନିଯୁକ୍ତି, ଯୋଗ୍ୟତା-ଆଧାରିତ ପାଣ୍ଠି ଏବଂ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହିତ ବଦଳାଯାଇ ନାହିଁ, ସେପର୍ଯ୍ୟନ୍ତ ଭାରତ ସମ୍ଭାବନାର ଦେଶ ହୋଇ ରହିବ, ଆବିଷ୍କାର କିମ୍ବା ଉଦ୍‌ଭାବନର ନୁହେଁ।

(ସୌଜନ୍ୟ: ଇଣ୍ଡିଆନ୍ ଏକ୍ସପ୍ରେସ୍)

# ଭାଷାର ଲଢ଼େଇ, ଅସ୍ତିତ୍ୱର ଲଢ଼େଇ

ଡ. ବିକ୍ରମ ବିରୁଲି

'ହୋ' ଭାଷା ସମ୍ବିଧାନର ୮ମ ଅନୁସୂଚୀରେ କାହିଁକି ଏ ପର୍ଯ୍ୟନ୍ତ ସ୍ଥାନ ପାଇ ନାହିଁ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଏବଂ ଦାବି ଉପସ୍ଥାପନ କରିବା ବେଳେ ଏହା ଉଲ୍ଲେଖ କରିବା ଜରୁରୀ ଯେ ଏହା ଏକ ଅଧିକାର, ଦାନ ନୁହେଁ। ୱାରାଂଚିତିର ଇତିହାସଠାରୁ ଜାତୀୟ ପରିଚୟ ପର୍ଯ୍ୟନ୍ତ 'ହୋ' ଭାଷାକୁ ସମ୍ବିଧାନିକ ସ୍ୱୀକୃତି ଏକ ନ୍ୟାଯ୍ୟ ଦାବି।

ଭାରତର ସମ୍ବିଧାନ ଯେପରି ଅନେକତାରେ ଏକତାର କବଚ, ସେପରି ଭାଷା ଏକ ଜାତିର ଆତ୍ମା। ଭାଷା ରହିଲେ ଇତିହାସ ରହେ, ସ୍ମୃତି ରହେ, ପରିଚୟ ରହେ। ତେଣୁ 'ହୋ' ଭାଷାକୁ ୮ମ ଅନୁସୂଚୀ ତାଲିକାରେ ସାମିଲ କରିବା ଅନୁଗ୍ରହ କିମ୍ବା ରାଜନୈତିକ ଭିକ୍ଷା ନୁହେଁ, ସାମ୍ବିଧାନିକ ଅଧିକାର। ଆଜି 'ହୋ' ଭାଷା କେବଳ ଗୃହଭାଷା ନୁହେଁ ଶିକ୍ଷା, ଲିପି, ଆଧୁନିକ ପ୍ରଯୁକ୍ତି ଓ ଡିଜିଟାଲ ମାଧ୍ୟମରେ ବିଶ୍ୱ ଦରବାରରେ ପଦାର୍ପଣ କରିସାରିଛି। ୫୦ ଲକ୍ଷରୁ ଅଧିକ ମାତୃଭାଷୀ ଲୋକ ରହିଥିବା ଏହି ଭାଷାକୁ ଅବହେଳା କରିବା ଇତିହାସ ଓ ନ୍ୟାୟ ପ୍ରତି ଅପମାନ। ୮ମ ଅନୁସୂଚୀରେ ସାମିଲ ହେବା ଆଦିବାସୀମାନଙ୍କ ପାଇଁ ପୁରସ୍କାର ନୁହେଁ, ଏହା ଭାରତର ସଂଘଟିତ ନ୍ୟାୟର ପ୍ରତୀକ।



୧୯୪୨ ମସିହାରେ ୩୨ ଗୋଟି ଅକ୍ଷର ବିଶିଷ୍ଟ 'ୱାରାଂଚିତି' ଲିପିକୁ ଅତ୍ ଗୁରୁ କୋଲ୍ ଲାକୋ ବଦ୍ରା ଆବିଷ୍କାର କରିଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ୧୯୭୬ରେ ସାକ୍ଷାତ କରି ହୋ ଭାଷା ଓ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ ଅନୁରୋଧ କରିଥିଲେ। ଝାଡ଼ଖଣ୍ଡ ସରକାର ୨୦୦୩ରେ ଏବଂ ଓଡ଼ିଶା ସରକାର ୨୦୧୧ ଓ ୨୦୧୯ ରେ ହୋ ଭାଷା ସମେତ ୱାରାଂଚିତି ଲିପିର ସରକାରୀ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ୨୦୧୧ ମସିହାରୁ ଝାଡ଼ଖଣ୍ଡ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପରେ ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ବିଭିନ୍ନ ସରକାରୀ ସ୍ତରରେ ବ୍ୟବହାର କରାଯାଉଛି।

୨୦୧୯ ରେ ପ୍ରଥମ କରି ବିଶାଳ ଗଣଧାରଣା ଦିଲ୍ଲୀ ଜନ୍ତରମନ୍ତରରେ ହେଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ପଞ୍ଚମ ଥର ଦିଲ୍ଲୀରେ ହୋ ଭାଷାକୁ ନେଇ ଗଣଧାରଣ ଚାଲି ଆସୁଛି। ଏହିଭଳି ଭାବରେ ହୋ ମାନଙ୍କର ସଂଗ୍ରାମ ସରି ନାହିଁ ଏବଂ ଦେଖିବାକୁ ବାକି ରହିଲା କେନ୍ଦ୍ର ସରକାର କେବେ ଆଦିବାସୀ ଭାଷାକୁ ସଂରକ୍ଷଣ କରୁଛନ୍ତି। ଏକ ଭାଷା ୮ମ ସୂଚୀରେ ସ୍ଥାନ ପାଇଲେ ସର୍ବଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟସ୍ତରୀୟ ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ପରୀକ୍ଷାରେ ଏକ ବିଷୟ ଭାବେ ସାମିଲ୍ ହୋଇପାରିବ, ସରକାରୀ ନିଯୁକ୍ତିରେ ଏହି ଭାଷାକୁ ଆଧାର ରୂପେ ଗ୍ରହଣ କରାଯିବ, ପାଠ୍ୟକ୍ରମରେ ସାମିଲ୍ ହେବାର ବାଟ ଫିଟିବ ଏବଂ ଡିଜିଟାଲ ଓ ଏଆଇରେ ଉପଯୋଗ ହୋଇପାରିବ।

ଆଜିର ଦିନରେ ଯଦି ଏହି ଭାଷାକୁ ସାମ୍ବିଧାନିକ ମାନ୍ୟତା ମିଳିବ ନାହିଁ ତେବେ ଆଗାମୀ ପିଢ଼ି ନିଜ ପରିଚୟ ହରାଇବେ। ନୀତି ନିର୍ଦ୍ଧାରକମାନେ ଭୁଲିଯିବା ଉଚିତ ହେବ ନାହିଁ ଯେ ବିକାଶ ମାନବକୁ ବଞ୍ଚାଏ, କିନ୍ତୁ ଭାଷା ମାନବତାକୁ ବଞ୍ଚାଏ। ହୋ ଭାଷା ଆଜି ଏଆଇ, ମୋବାଇଲ୍ ଆପ୍, ଡିଜିଟାଲ ଆର୍କାଇଭ୍, ୟୁନିକୋଡ୍‌ରେ ସଫଳ ଭାବେ ବ୍ୟବହୃତ ହୋଇପାରୁଛି। ଆଞ୍ଚଳିକ ଭାଷାର ସୁରକ୍ଷା ଦିଗରେ ବୈଷୟିକ ଜ୍ଞାନକୌଶଳ ଏକ କବଚ ହୋଇଥିବା ବେଳେ ଏହାର ଉପଯୋଗରେ ହୋ ଭାଷାକୁ ଆହୁରି ବିକଶିତ କରାଯାଇପାରିବ।

ଭାଷା ମରିଗଲେ ଜନଜାତି ମରିଯାଏ। ଆଜିର ଲଢ଼େଇ କେବଳ ଏକ ଆଇନ ମାମଲା ନୁହେଁ, ଏହା ପରିଚୟର, ଆତ୍ମସମ୍ମାନର ଓ ଭବିଷ୍ୟତର ଲଢ଼େଇ। ଭାରତର ମାଟିରେ ପ୍ରତ୍ୟେକ ସ୍ୱରର ମୂଲ୍ୟ ଅଛି। ଆମର ଭାଷା ରହିବା ଦରକାର। କାରଣ ଆମ ଜାତିର ଅନେକ କଥା ଅକୁହା ରହିଯାଇଛି।

କପ୍ତିପଦା(ମୟୂରଭଞ୍ଜ), ମୋ: ୯୭୮୧୫୭୭୮୨୮

# ତୋଟା ଗୋପୀନାଥ ମନ୍ଦିର ଓ ମଠ

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

୧୫୧୦ ମସିହାରେ ଚୈତନ୍ୟ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ପଦାର୍ପଣ କଲେ। ତାଙ୍କର ହଜାର ହଜାର ଅନୁଗାମୀ ତାଙ୍କୁ ଶ୍ରୀକୃଷ୍ଣଙ୍କର ଅବତାର ମାନ୍ୟ କରୁଥିଲେ। ସେମାନଙ୍କ ଭିତରୁ ଅନେକ ତାଙ୍କ ସାଙ୍ଗରେ ଶ୍ରୀକ୍ଷେତ୍ର ଆସିଥିଲେ ଏବଂ ଆଉ କେତେକ ତାଙ୍କ ପରେ ଆସି ପହଞ୍ଚିଲେ। ଗଦାଧର ପଣ୍ଡିତ ସେମାନଙ୍କ ଭିତରୁ ଜଣେ ଥିଲେ।

ଆଗେ ଯମେଶ୍ୱର ମନ୍ଦିର ନିକଟରେ ଏକ ଆମ୍ବ ତୋଟା ଥିଲା। ସେ ତୋଟାକୁ 'ଯମେଶ୍ୱର ତୋଟା' କୁହା ଯାଉଥିଲା। ଦିନେ ଚୈତନ୍ୟ ମହୋଦଧିରେ ସ୍ନାନ କରି ଯମେଶ୍ୱର ତୋଟା ଦେଇ ଫେରୁଥିଲେ। ସାଙ୍ଗରେ ଗଦାଧର ପଣ୍ଡିତ ଥିଲେ। ଚୈତନ୍ୟ ତୋଟା ଭିତର ଦେଇ ଆସୁଥିବା ବେଳେ ଇତସ୍ତତଃ ହୋଇ କିଛି ଖୋଜିଖୋଜି ହଠାତ୍ ଗୋଟିଏ ଯାଗାରେ ଠିଆ ହୋଇଗଲେ। ସେ ଯାଗାରୁ ବାଲି ମୁଠାଏ ଆଣି ମୁଣ୍ଡରେ ଲଗେଇଲେ। ତା'ପରେ ସେଠାରେ ବସି ପଡ଼ି ଦୁଇ ହାତରେ ବାଲି ଖୋଳିବାକୁ ଲାଗିଲେ। ଏ ସବୁ ଦେଖି ଗଦାଧର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ- 'କ'ଣ କିଛି ଖୋଜୁଥିଲେ କି ମହାପ୍ରଭୁ?' - 'ହଁ। ଏଇଠି ମାଟି ତଳେ ଏକ ମହାର୍ଘ ପଦାର୍ଥ ଲୁଚି ରହିଛି। ସେ ଜିନିଷ ପାଇଗଲେ ତା'କୁ ତୁମକୁ ଅର୍ପଣ କରିଦେବି। ସେ ପଦାର୍ଥର ଦାୟିତ୍ୱ ନେବା ପାଇଁ ଏକା ତୁମେ ହିଁ ଯୋଗ୍ୟ ମଣିଷ।' ଚୈତନ୍ୟ ଉତ୍ତର ଦେଲେ। ବେଶ୍ କିଛି ସମୟ ଖୋଳିବା ପରେ ବାଲି ତଳୁ ଶ୍ରୀକୃଷ୍ଣଙ୍କର ଏକ ଦିବ୍ୟ ମନୋହର ମୂର୍ତ୍ତି ବାହାରିଲେ। ଶ୍ରୀଚୈତନ୍ୟ ମୂର୍ତ୍ତିଙ୍କୁ ସେହି ତୋଟାରେ ପ୍ରତିଷ୍ଠା କଲେ ଏବଂ ତାଙ୍କର ପୂଜାର୍ଚ୍ଚନା ଦାୟିତ୍ୱ ଗଦାଧର ପଣ୍ଡିତଙ୍କୁ ଅର୍ପଣ କଲେ। ଚୈତନ୍ୟ ସେ ଠାକୁରଙ୍କର ନାମ ଗୋପୀନାଥ ରଖିଥିଲେ ଏବଂ ତୋଟାରେ ପ୍ରତିଷ୍ଠିତ ହୋଇଥିବାରୁ 'ତୋଟା ଗୋପୀନାଥ' ନାମରେ ବିଖ୍ୟାତ ହେଲେ।

କ୍ରମଶଃ ତୋଟା ଗୋପୀନାଥଙ୍କ ପାଇଁ ଏକ ମନ୍ଦିର ନିର୍ମିତ ହେଲା। ଗଦାଧର ପଣ୍ଡିତ ଭକ୍ତି ଓ ସମର୍ପଣ ଭାବ ନେଇ ଠାକୁରଙ୍କ ପୂଜାର୍ଚ୍ଚନା କରିବାକୁ ଲାଗିଲେ। ଠାକୁରଙ୍କର ଦୈନିକ ଅଷ୍ଟପ୍ରହରୀ ସେବା ପୂଜା କରିବା ପାଇଁ ମନ୍ଦିର ନିକଟରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେଠାରେ ରହିଲେ। ଥରେ ନିତ୍ୟାନନ୍ଦ ମହାପ୍ରଭୁ ଗଦାଧର ପଣ୍ଡିତଙ୍କ ପାଖରେ ଆସି ପହଞ୍ଚିଲେ। ସେତେବେଳକୁ ପଣ୍ଡିତେ ଗୋପୀନାଥ ଠାକୁରଙ୍କ ପାଖରେ ଭାଗବତ ପାଠ କରୁଥିଲେ। ତାଙ୍କ କଣ୍ଠରୁ ଭାଗବତ ପାଠ ଶୁଣି ନିତ୍ୟାନନ୍ଦ ମୁଗ୍ଧ ହେଲେ ଏବଂ ତାଙ୍କ ସହ କିଛି ଦିନ ପାଇଁ ଆଶ୍ରମରେ ରହିଗଲେ। ଦୁହେଁ ଅପାର ଭକ୍ତିର ସହ ଗୋପୀନାଥଙ୍କର ଆରାଧନା ଓ ଶାସ୍ତ୍ର ଆଲୋଚନା କରି ଦିନ କାଟିଲେ।

ଶୁଣାଯାଏ ଗଦାଧର ପଣ୍ଡିତ ଖର୍ବକାୟ ଥିଲେ। ଗୋପୀନାଥଙ୍କର ଦଣ୍ଡାୟମାନ ବିଗ୍ରହ ସିଂହାସନ ଉପରେ ବିରାଜମାନ କରୁଥିଲେ। ତେଣୁ ପୂଜାର୍ଚ୍ଚନା ସମୟରେ ଛଡ଼ା ମାଳ ଉଲାଗି କରିବା ଏବଂ ନୂତନ ମାଳ ପିନ୍ଧେଇବା ବେଳେ ପଣ୍ଡିତେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। କାଠ ଘୋଡ଼ା ଉପରେ ଚଢ଼ି ଏହି ନିତ୍ୟକର୍ମ କରୁଥିବା ବେଳେ ବେଳେବେଳେ ପଡ଼ିଯାଉ ଥିଲେ। ତେଣୁ ଦିନେ ସେ ତା'ର କିଛି ଗୋଟେ ପ୍ରତିକାର କରିବା ପାଇଁ ଗୋପୀନାଥଙ୍କୁ ପ୍ରାର୍ଥନା କଲେ। ତା'ପରଦିନ ସକାଳେ ଗଦାଧର କବାଟ ଖୋଲି ପୂଜା ପାଇଁ ଭିତରକୁ ପଶି ଦେଖିଲେ ପୂର୍ବ ଦିନ ପର୍ଯ୍ୟନ୍ତ ଯେଉଁ ବିଗ୍ରହ ସିଂହାସନ ଉପରେ ଦଣ୍ଡାୟମାନ ହୋଇଥିଲେ ସେ ଦିନ ସେ ସିଂହାସନରେ ପଦ୍ମାସନରେ ବସିଥିଲେ। ଗଦାଧର ପ୍ରଭୁଙ୍କର ଅପାର କରୁଣା ଲାଭ କରି ଥିବାରୁ ଆନନ୍ଦରେ କାନ୍ଦି ପକେଇଲେ ଏବଂ ସିଂହାସନ ସମ୍ମୁଖରେ ସାଷ୍ଟାଙ୍ଗ ହୋଇ ପଡ଼ିଗଲେ। ତା'ପରେ ଖର୍ବକାୟ ଗଦାଧରଙ୍କୁ ମାଳ ଉଲାଗି କରିବା ଓ ପିନ୍ଧେଇବାରେ କୌଣସି ଅସୁବିଧା ହେଲା ନାହିଁ।

ଏ କଥାଟା ଶ୍ରୀକ୍ଷେତ୍ର ଓ ବଙ୍ଗ ଭକ୍ତମହଲରେ ବ୍ୟାପି ଗଲା। ତୋଟା ଗୋପୀନାଥ ମନ୍ଦିର ଓ ମଠକୁ ଶହ ଶହ ଭକ୍ତଙ୍କର ସୁଅ ଛୁଟିଲା। ଭକ୍ତମାନଙ୍କର ପୃଷ୍ଠପୋଷକତାରେ ମନ୍ଦିର ଓ ଆଶ୍ରମର କଳେବର ବଢ଼ିବାକୁ ଲାଗିଲା ଏବଂ ସେ ଆଶ୍ରମ 'ତୋଟା ଗୋପୀନାଥ ମଠ' ନାମରେ ବିଖ୍ୟାତ ହେଲା।

ଚୈତନ୍ୟ ମହାପ୍ରଭୁଙ୍କ ପାଇଁ ତୋଟା ଗୋପୀନାଥ ଥିଲେ ଜୀବନ୍ତ ବିଗ୍ରହ। ସେ ପ୍ରାୟ ସବୁଦିନ ଗୋପୀନାଥଙ୍କୁ ଦର୍ଶନ କରି ଗଦାଧର ପଣ୍ଡିତଙ୍କ ସହ ସତ୍‌ସଙ୍ଗ କରୁଥିଲେ। ନିଜର ଶେଷ ସମୟ ଉପସ୍ଥିତ ହେବା ଜାଣି ସେ ଗୋପୀନାଥଙ୍କ ଶ୍ରୀଅଙ୍ଗରେ ଲୀନ ହୋଇଯିବା ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି ଅନେକ ବିଶ୍ୱାସ କରନ୍ତି। 'କି କରବ କୋଥାୟ ଯାବ ବାକ୍ୟ ନାହିଁ ସ୍ଫୁରେ, ହାରାଇଲାମ ଶ୍ରୀଚୈତନ୍ୟ ଗୋପୀନାଥେର ଘରେ।'

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ଖୋଲୁଛି ଷଡ଼ଯନ୍ତ୍ର...

କାର ଭିତରେ ଥିଲେ ବୋଲି କୁହାଯାଉଛି । ତେବେ ଏହା ଆତ୍ମଘାତୀ ବିସ୍ଫୋରଣ କି ନାହିଁ, ତାହା ସ୍ପଷ୍ଟ ହୋଇପାରୁ ନାହିଁ । ଦିଲ୍ଲୀ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାୟତଃ ଜଣେ କି ଦୁଇ ଜଣ ସଂପୃକ୍ତ ଥାଆନ୍ତି । ତେବେ ଜଣ ସଂପୃକ୍ତ ଥିବାର ନଜିର ନାହିଁ । ସେ କହିଛନ୍ତି ଯେ ଉକ୍ତ ବିସ୍ଫୋରକ ଲଦେଇ କାରକୁ ଅନ୍ୟ କୌଣସି ସ୍ଥାନକୁ ନେଇ ବିସ୍ଫୋରଣ କରାଇବାକୁ ଯୋଜନା ଥିଲା । କିନ୍ତୁ କାର ଟ୍ରାଫିକରେ ଫସିବା ପରେ ବିସ୍ଫୋରଣ ହୋଇଥିଲା ।

ଦିଲ୍ଲୀ ପୁଲିସର ଆଉ ଜଣେ ଅଧିକାରୀ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା ଚଳାଯାଉଥିବା ବେଳେ ମିଳିତ ଅପରେସନରେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେଥିରେ ଅଲ ଫଲାହ ମେଡିକାଲ କଲେଜର ତିନି ଜଣ ଡାକ୍ତର ମଧ୍ୟ ଥିଲେ । ପୁଲିସର ଏହି ଅଭିଯାନରେ ଆତଙ୍କିତ ହୋଇପଡ଼ି ଡାକ୍ତର ଉମର ତରବରିଆ ଭାବେ ଏମିତି ଆତ୍ମଘାତୀ ବିସ୍ଫୋରଣ କରିଥିବା ସନ୍ଦେହ କରାଯାଉଛି । ଗତକାଲି ଏହି ମେଡିକାଲ କଲେଜର ତିନି ଜଣ ଡାକ୍ତର ଧରାପଡ଼ିଥିଲେ, ସେମାନଙ୍କ ସହିତ ଡାକ୍ତର ଉମରର ଘନିଷ୍ଠତା ଥିଲା । ଉମର ସଂପର୍କରେ ସୂଚନା ପରେ ପୁଲିସ ଦିଲ୍ଲୀ ଓ କଶ୍ମୀର ପୁଲିସ ଆଜି ପୁଲୱାମା ଯାଇ ତା ଘରେ ଚଢ଼ାଉ କରିଥିଲେ । ପୁଲିସ ଉମରର ଦୁଇ ଭାଇ ଓ ମାଆଙ୍କୁ ଗିରଫ କରିଛି । ଉମର ବିଷୟରେ ସେମାନଙ୍କୁ ପଚରାଉଚରା କରାଯାଉଛି ।

ଇତିମଧ୍ୟରେ ଦିଲ୍ଲୀ ପୁଲିସ ଏକ ଟିମ୍ ଆଜି ସକାଳେ ଫରିଦାବାଦ ଅଲ ଫଲାହ ମେଡିକାଲ କଲେଜ ଯାଇ ସିସିଟିଭି ଫୁଟେଜର ଛାନଭିନ୍ କରିବା ସହିତ ଡାକ୍ତର, କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରିଛି । ଏହାସହିତ ଏହି ମାମଲାରେ ସଂପୃକ୍ତ ଥିବା ସନ୍ଦେହରେ ଆଉ ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଛି । ଗତକାଲି ଏହି କଲେଜର ତିନି ଜଣ ଡାକ୍ତରଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ଡାକ୍ତର ମୁଜାମ୍ମିଲ ଘରୁ ୨୯୦୦ କେଜି ବିସ୍ଫୋରକ ମିଳିଥିଲା । ମୁଜାମ୍ମିଲର ଘନିଷ୍ଠ ସହଯୋଗୀ ଥିଲା ଡାକ୍ତର ଉମର । ଫରିଦାବାଦରୁ ବିସ୍ଫୋରକ ଧରାପଡ଼ିବା ପରେ ପୁଲିସ ପକ୍ଷରୁ କୁହାଯାଇଥିଲା ଯେ ଏକ ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ଯୋଜନାକୁ ପଣ୍ଡ କରିଦିଆଯାଇଛି । କିନ୍ତୁ ଏହାର କିଛି ସମୟ ପରେ ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ ହୋଇଥିଲା ।

### ଏନ୍‌ଡିଏ ସପକ୍ଷରେ...

ଏହାକୁ ଅତି ବେଶିରେ ୫ଟି ଆସନ ମିଳିପାରେ ବୋଲି କୁହାଯାଉଛି । ଦୈନିକ ଭାସ୍କର ଆକଳନ ଅନୁଯାୟୀ ଏନଡିଏକୁ ୧୪୫ରୁ ୧୬୦, ମହାମେଣ୍ଟକୁ ୭୩ରୁ ୯୧ ଏବଂ ଜନ ସୁରଜ ପାର୍ଟିକୁ ୫ଟି ଆସନ ମିଳିପାରେ । ପିପୁଲ୍ସ ଇନସାଇଟ ସର୍ଭେ କହୁଛି ଯେ ଏନଡିଏ ଅଂଶୀଦାର ବିଜେପିକୁ ୬୮ରୁ ୭୨, ଜେଡିୟୁକୁ ୫୫ରୁ ୬୦ ଏବଂ ଏଲଜେପିକୁ ୯ରୁ ୧୨ ଆସନ ମିଳିପାରେ । ସେହିଭଳି ମହାମେଣ୍ଟ ଅଂଶୀଦାର ଆରଜେଡିକୁ ୬୫ରୁ ୭୨, କଂଗ୍ରେସକୁ ୯ରୁ ୧୩ ଏବଂ ବାମପନ୍ଥୀଙ୍କୁ ୧୧ରୁ ୧୪ଟି ପର୍ଯ୍ୟନ୍ତ ଆସନ ମିଳିପାରେ ।

ସୂଚନାଯୋଗ୍ୟ ଯେ ଏବେ ରାଜ୍ୟ ବିଧାନସଭାରେ ଏନଡିଏର ୧୩୦ଟି ଆସନ ଥିବା ବେଳେ ଏହାର ଅଂଶୀଦାର ବିଜେପିର ୮୦ ଏବଂ ଜେଡିୟୁର ୪୫ ବିଧାୟକ ଅଛନ୍ତି । ସେହିଭଳି ମହାମେଣ୍ଟର ୧୧୧ ସଭ୍ୟ ଥିବା ବେଳେ ଅଂଶୀଦାର ଆରଜେଡିର ୭୭, କଂଗ୍ରେସର ୧୯ ଏବଂ ୧୫ ଜଣ ବାମପନ୍ଥୀ ବିଧାୟକ ଅଛନ୍ତି ।

### ନୂଆପଡ଼ାରେ ୭୭.୯୩%...

ଯୋଗାଇଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ସନ୍ଧ୍ୟା ୬ଟା ସୁଦ୍ଧା ଭୋଟଦାନ ପ୍ରକ୍ରିୟା ଶେଷ ହୋଇଛି । ପୋଲିଂ ଅଧିକାରୀମାନଙ୍କୁ ନେଇ ମତଦାନ କେନ୍ଦ୍ରକୁ ଯାଇଥିବା ସମସ୍ତ ୮ଟି ହେଲିକପ୍ଟର ନିଜର ଗନ୍ତବ୍ୟ ସ୍ଥାନକୁ ଫେରି ଆସିଥିବା ବେଳେ ସମସ୍ତ ବୁଥରେ ମତଦାନ ପ୍ରକ୍ରିୟା ସମାପ୍ତ ହୋଇଛି । କେତେକ ସ୍ଥାନରେ ଇଭିଏମରେ ଯାନ୍ତ୍ରିକ ତ୍ରୁଟି କାରଣରୁ ସେଠାରେ ତୁରନ୍ତ ସମାଧାନ କରାଯାଇଥିଲା । ବିଶେଷକରି ମକ୍ ପୋଲ ବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଯିବା କାରଣରୁ ତିନୋଟି ବାଲାଟ ୟୁନିଟ(ବିୟୁ) ଏବଂ ତିନୋଟି କଣ୍ଟ୍ରୋଲ ୟୁନିଟ(ସିୟୁ) ତୁରନ୍ତ ବଦଳାଯାଇଥିଲା । ପରେ ମତଦାନ ଆରମ୍ଭ ହେବା ପରେ ଖଡ଼ିଆର ରୋଡର ମଙ୍ଗୋଲାପାଲି ବୁଥ ନମ୍ବର ୭୬ରେ ଇଭିଏମରେ ସମସ୍ୟା ଦେଖାଦେଇଥିବା ବେଳେ ଏହାର ତୁରନ୍ତ ସମାଧାନ କରାଯାଇଥିଲା ନେଇ ସିଇଓ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ସେହିପରି ବୁଥ ନମ୍ବର ୧୪୬, ବୁଥ ନମ୍ବର ୨୯୮, ବୁଥ ନମ୍ବର ୮୦, ବୁଥ ନମ୍ବର ୨୯୮ରେ ଇଭିଏମ ଏବଂ ଏହାର କେତେକ ଅଂଶ ସଠିକ୍ କାର୍ଯ୍ୟ ନକରିବାକୁ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯାଇଛି ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

ଅପରପକ୍ଷରେ ନୂଆପଡ଼ା ନିର୍ବାଚନମଣ୍ଡଳୀର ଏକାଧିକ ବୁଥରେ ବିଜେପି କର୍ମୀମାନେ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ନେଇ ପ୍ରମାଣ ସହ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ବିଜେଡି ଓ କଂଗ୍ରେସ । ବିଶେଷକରି ବୁଥ ପରିସର ମଧ୍ୟରେ ଛତିଶଗଡ଼ ଓ ଅନ୍ୟାନ୍ୟ ସ୍ଥାନରୁ ଲୋକ ଅଣାଯାଇ ସେମାନଙ୍କୁ ନକଲି ପରିଚୟ ପତ୍ର ଦେଇ ବିଜେପି ସପକ୍ଷରେ ଭୋଟଦାନ କରାଯାଉଛି ବୋଲି ବିରୋଧୀ ରାଜନୈତିକ ଦଳଗୁଡ଼ିକ ଅଭିଯୋଗ କରିଛନ୍ତି । ସେହିପରି ଇଭିଏମରେ ଗୋଟିଏ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେଲା ବେଳେ ଏହା ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଯିବା ଏବଂ ବିଜେପି ବୁଥ ମଧ୍ୟରେ ଭୋଟରଙ୍କୁ ଟିଫିନ ବାଣ୍ଟି ସେମାନଙ୍କୁ ପ୍ରଲୋଭିତ କରିବା ଚେଷ୍ଟା କରିବା, ଜୁଲ୍ଟାରି ଉଠାଇବା ଭଳି ଅନ୍ୟାନ୍ୟ ଭୋଟ ବିଜେପି ସପକ୍ଷରେ ଦିଆଯାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି ।

### ସିବିଆଇ ତଦନ୍ତ...

ପୁଲିସ ସୂଚନା ଦେଇଥିଲା । ପରେ ଏହାର ତଦନ୍ତ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରିବା ପରେ ପର୍ଯ୍ୟାୟକ୍ରମେ ସିଲିକନ୍ ମୁଖ୍ୟ ସୁରେଶ ନାୟକ, ପଞ୍ଚସପ୍ତ ମୁଖ୍ୟ ଶଙ୍କର ପୃଷ୍ଟି, ତା'ର ସହଯୋଗୀ ମୁନ୍ନା ମହାନ୍ତି ଓ ଅନ୍ୟ କେତେକ ଦଲାଲଙ୍କୁ ଗିରଫ କରିଥିଲା । ମୁଖ୍ୟମନ୍ତ୍ରୀ ସିବିଆଇ ତଦନ୍ତ ନିମନ୍ତେ ସୁପାରିସ କରିଥିଲେ ଓ ଏହା ମଧ୍ୟରେ କ୍ରାଇମବ୍ରାଞ୍ଚ ସମଗ୍ର ଘଟଣାରେ ସୁରେଶ ନାୟକ ଓ ଶଙ୍କର ପୃଷ୍ଟିଙ୍କୁ ଦାୟୀ କରିଛି । ମାତ୍ର ପୁଲିସ ଏସ୍‌ଆଇ ପରୀକ୍ଷା ନିମନ୍ତେ ଗଠିତ ଓଡ଼ିଆଇଟି ଓ ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଇଟିଆଇଙ୍କୁ ଏଯାଏ ତଦନ୍ତ ପରିସରଭୁକ୍ତ କରାଯାଇ ନାହିଁ । ଅନ୍ୟପକ୍ଷରେ ସିଲିକନ୍ ଟେକ୍‌ଲାବ୍ ମୁଖ୍ୟ ସୁରେଶ ନାୟକ ଆଉଟିଆରକୁ କିପରି ସବ୍‌ଲେଟ୍ ପାଇଲେ ଓ ଏହା ପଛରେ କେଉଁ ଉଚ୍ଚ ଅଧିକାରୀମାନଙ୍କ ଭୂମିକା ରହିଛି ତାହା ସ୍ପଷ୍ଟ ନୁହେଁ । ତେବେ ଏହି ତଦନ୍ତରୁ ଦୁର୍ନୀତି ଚେର ଅନ୍ଧ୍ର ପ୍ରଦେଶ, ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ବ୍ୟାପି ଥିବାର ସନ୍ଦେହ କରାଯାଉଛି । ଏଥିରେ ଆନ୍ତଃରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା କୁହାଯାଉଛି ।

ଅପରପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ପୁଲିସ ଚାକିରି ବିକ୍ରି ଘଟଣାର ଉପଯୁକ୍ତ ବିସ୍ତୃତ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଗୃହବ୍ୟାପାର ମନ୍ତ୍ରଣାଳୟ ଏହାର ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଦୁର୍ନୀତି ପାଇଁ ହୋଇଥିବା ଉଦ୍ୟମ, ପ୍ରୋଗ୍ରାହନ ଓ ଷଡ଼ଯନ୍ତ୍ର ସମ୍ପର୍କରେ ସିବିଆଇ ତଦନ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ଟ୍ରାକ୍ଟର୍ ମଡ଼ାଇ...

ସୂଚନାନୁଯାୟୀ, ମେରଗଡ଼ାଗ୍ରାମର ଲାଲୁ ଭଙ୍ଗିଆ ପ୍ରତିଦିନ ଭଳି ନିଜର ଟ୍ରାକ୍ଟର ତାଲାକୁ ଗତକାଲି ନିଜ ଘର ସାମ୍ନାରେ ରଖିଥିଲେ । ରାତି ପ୍ରାୟ ୧୧ଟାରେ ସମସ୍ତେ ଶୋଇଥିବା ବେଳେ ୪ରୁ ୫ ଜଣ ଦୁର୍ବୃତ୍ତ ଅନ୍ୟ ଏକ ଟ୍ରାକ୍ଟରରେ ତାଙ୍କ ଘର ତାଲାକୁ ଯୋଡ଼ି ଚୋରି କରିନେଉଥିଲେ । ଏହା ଜାଣିପାରି ଲାଲୁଙ୍କ ବାପା ହରିଶଙ୍କର ଉଠିପଡ଼ିଥିଲେ । ତାଙ୍କ ପାଟି ଶୁଣି ଲାଲୁଙ୍କ ପୁଅ ସତ୍ୟମ ମଧ୍ୟ ଉଠି ପଡ଼ିଥିଲା । ପରେ ଏକ ବାଇକରେ ଦୁହେଁ ଦୁର୍ବୃତ୍ତମାନଙ୍କୁ ପିଛା କରିଥିଲେ । ବ୍ରାହ୍ମଣଚ୍ଛେଣ୍ଡିଆ ଗାଁ ନିକଟରେ ସେମାନେ ଦୁର୍ବୃତ୍ତଙ୍କ ଟ୍ରାକ୍ଟରକୁ ଓଭରଟେକ୍ କରି ଗାଡ଼ି ଅଟକାଇଥିଲେ । ହେଲେ ଦୁର୍ବୃତ୍ତମାନେ ଦୁହିଁଙ୍କ ଉପରେ ଟ୍ରାକ୍ଟର ମଡ଼ାଇ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ପରେ ସେମାନେ କିଛି ଦୂରରେ ରାସ୍ତାକଡ଼ରେ ଚୋରି ଟ୍ରାକ୍ଟର୍ ତାଲାକୁ ଛାଡ଼ି ପଳାଇଥିଲେ । ଅପରପକ୍ଷେ କିଛି ସ୍ଥାନୀୟ ଲୋକ ଗୁରୁତର ଜେଜେ-ନାତିଙ୍କୁ ଧର୍ମଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ । ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ହରିଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା । ସତ୍ୟମଙ୍କୁ ସଂକଟାପନ୍ନ ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ସତ୍ୟମଙ୍କ ମୃତ୍ୟୁ ହୋଇଯାଇଥିଲା । ଏହି ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକେ ଶବଦ୍ୱୟକୁ ଧର୍ମଗଡ଼-ଜୁନାଗଡ଼ ମୁଖ୍ୟ ରାସ୍ତାରେ ରଖି ଅବରୋଧ କରିଥିଲେ । ହତ୍ୟାକାରୀଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ ଦାବିରେ ଶହଶହ ଗ୍ରାମବାସୀ ରାସ୍ତା ଉପରେ ବସି ରହିବାରୁ ଏହି ବାଟ ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପଧାନ ଓ ଏସ୍‌ଡିପିଓ ଡୋଳାମଣି ଭୋଇ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ କ୍ଷତିପୂରଣ ରାଶି ଯୋଗାଇଦେବା ଓ ଅଭିଯୁକ୍ତଙ୍କୁ ତୁରନ୍ତ ଚିହ୍ନଟ କରିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

### ନିଃସର୍ତ୍ତ କ୍ଷମା ମାଗିଲେ...

ପ୍ରକାଶଥାଉକି ଏହି ମାମଲାରେ ବ୍ରହ୍ମପୁର ଏସପିଙ୍କ ପକ୍ଷରୁ ପୂର୍ବରୁ ଏକ ଲିଖିତ ଜବାବ ଦାଖଲ କରାଯାଇଥିଲେ ମଧ୍ୟ ସତ୍ୟପାଠ ଜରିଆରେ ଏହାକୁ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାର ସମ୍ପର୍କ ରହିଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ମନ୍ତବ୍ୟ ଦେଇଥିବା ନେଇ ଦାଖଲ ସତ୍ୟପାଠରେ ସ୍ୱୀକାର କରିଛନ୍ତି । ଏଭଳି ମନ୍ତବ୍ୟ ପ୍ରଦାନ ପାଇଁ ଦୁଃଖ ପ୍ରକାଶ ସହ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରି ଅଦାଲତଙ୍କ ଅବମାନନାର କିଛି ଉଦ୍ଦେଶ୍ୟ ନଥିଲା ବୋଲି ଏସପି ଅଦାଲତଙ୍କୁ ଅବଗତ କରିଛନ୍ତି । ମାମଲାରୁ ପ୍ରକାଶ ଯେ ପୀତବାସ ପଣ୍ଡା ହତ୍ୟା ଘଟଣା ପର୍ଦ୍ଦାଫାସକୁ ନେଇ ବ୍ରହ୍ମପୁର ଏସପି କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ହତ୍ୟା ଘଟଣା ସହ ଉପରୋକ୍ତ ନିର୍ବାଚନୀ ମକଦ୍ଦମାର ସଂଯୋଗ ରହିଥିବା କହିଥିଲେ । ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମାକୁ ପୀତବାସ ପଣ୍ଡା ହତ୍ୟା ଘଟଣାର ଅଭିଯୁକ୍ତ ଶିବଶଙ୍କର ଦାସ ହିଁ ନିଜ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରିଥିଲେ । ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲାତି ଫି' ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି ଗଣମାଧ୍ୟମ ସମ୍ମୁଖରେ କହିଥିଲେ । ଏକ ହତ୍ୟା ଘଟଣା ସହ ଏହି ବିଚାରାଧୀନ ନିର୍ବାଚନୀ ମକଦ୍ଦମାକୁ ଯୋଡ଼ିବା ଅଦାଲତ ଅବମାନନା ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏପରିକି ସେ ଦର୍ଶାଇଥିଲେ ଯେ ଗତ ୨୦୨୫ଅକ୍ଟୋବର୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇନେଇଥିଲେ । ଏପରିକି ସେଠାରେ ଅଟକ ରଖି ବିଧାୟକଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ । ଉକ୍ତ ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଏସପିଙ୍କ ସ୍ପଷ୍ଟୀକରଣ ମାଗିବା ସହ ବ୍ୟକ୍ତିଗତ ହାଜିରା ନିର୍ଦ୍ଦେଶ ଦେଇଥିଲେ ।

### ଡିସେମ୍ବର ୧୭ରେ...

ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା । ପରେ ତରବରିଆ ଭାବେ ଅଗଷ୍ଟ ୩୧ରେ ପରୀକ୍ଷା ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା । ଏହାକୁ ମଧ୍ୟ ସ୍ଥଗିତ ରଖାଯାଇଥିଲା । ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବୋର୍ଡର ପ୍ରାକ୍ତନ ଉପସଭାପତି ନୀହାର ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣାଙ୍କ ସମେତ ମୋଟ ୮ ଜଣଙ୍କୁ ଗିରଫ କରିଥିଲା କ୍ରାଇମବ୍ରାଞ୍ଚ । ଅଭିଯୁକ୍ତମାନଙ୍କ ଜାମିନ ଖାରଜ ପରେ ସେମାନେ ଏବେ ବି ଜେଲରେ ରହିଛନ୍ତି ।

## ବିଜେଡିର ସାଂଘାତିକ ଅଭିଯୋଗ
# ବୁଥରେ ଚାପ ପକାଇଛନ୍ତି ବିଜେପି କର୍ମୀ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି । ମାତ୍ର ଭୋଟ ଗ୍ରହଣ ଦିନ ବି ଆଦର୍ଶ ଆଚରଣ ବିଧିକୁ ମାନି ନାହିଁ ବିଜେପି । ବିଜେପି କର୍ମୀମାନେ ବୁଥ ଭିତରେ ପଶି ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ ଲୋକଙ୍କ ଉପରେ ବଳପୂର୍ବକ ଚାପ ପକାଇଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି । ସେହିପରି ମତଦାନ କେନ୍ଦ୍ର ଆଗରେ ବିଜେପି କର୍ମୀମାନେ ଭୋଟରଙ୍କୁ ଖାଦ୍ୟ ପୁଡ଼ିଆ ଦେଇ ପ୍ରଭାବିତ କରୁଥିବା ସଂକ୍ରାନ୍ତରେ ଅଭିଯୋଗ କରିଛନ୍ତି ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ । ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ.ଲେନିନ୍ ମହାନ୍ତି କହିଛନ୍ତି ଯେ ଭୋଟ ଗ୍ରହଣ ଚାଲିଥିବା ବେଳେ ନୀତି ନିୟମ ଓ କଟକଣାକୁ ବିଜେପି ନେତା ଓ କର୍ମୀ ଆଦୌ ନାହାନ୍ତି । ବୁଥ ଭିତରେ ବଳପୂର୍ବକ ଉପସ୍ଥିତ ରହି ଭୋଟରଙ୍କୁ ଭୟଭୀତ କରି ଜୟ ଢୋଲକିଆଙ୍କ ସପକ୍ଷରେ ଭୋଟ ଦେବା ପାଇଁ ସେମାନେ ଚାପ ପକାଇଛନ୍ତି । ଖରିଆର ରୋଡ ଏନଏସିରେ ଥିବା ବୁଥ୍ ନଂ ୩,୪,୫,୧୩,୧୪,୧୫ ଆଗରେ ଏପରି ସାଙ୍ଘାତିକ ଚିତ୍ର ସାମ୍ନାକୁ ଆସିଛି । ସେଠାରେ ଉପସ୍ଥିତ ସରକାରୀ ଅଧିକାରୀ ସବୁ ଦେଖି ବି କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି । ବିଜେପି ପ୍ରାର୍ଥୀଙ୍କୁ ସୁହାଇବା ଭଳି କାର୍ଯ୍ୟରେ ସେମାନେ ଲିପ୍ତ ଥିଲେ । ତେଣୁ ଏହା ଉପରେ ତୁରନ୍ତ ପଦକ୍ଷେପ ନିଆଯିବା ଜରୁରୀ । ଅପରପକ୍ଷେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ଯୋଶୀ ଅଭିଯୋଗ କରିଛନ୍ତି ଯେ ନୂଆପଡ଼ାର ସବୁ ବୁଥ ଆଗରେ ବିଜେପି ନେତା ଓ କର୍ମୀମାନେ ଷ୍ଟଲ ଲଗାଇ ଭୋଟ ଦେବା ପାଇଁ ଆସୁଥିବା ଲୋକଙ୍କୁ ଟିଫିନ୍ ପୁଡ଼ିଆ ଧରାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବା ପାଇଁ କହୁଛନ୍ତି । ଖାଦ୍ୟ ପୁଡ଼ିଆ ଦେଇ ସେମାନଙ୍କୁ ବିଭ୍ରାନ୍ତ କରାଯାଉଛି । ଆଦର୍ଶ ଆଚାର ବିଧିର ଏହା ଖୋଲା ଉଲ୍ଲଂଘନ । ଏପରି ଏକ ଗୁରୁତର ଓ ସମ୍ବେଦନଶୀଳ ମାମଲାରେ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଯୋଶୀ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ଜଣାପଡ଼ିଛି । ବିଜେପିର ଏହି ନିନ୍ଦନୀୟ କାର୍ଯ୍ୟକୁ ନୂଆପଡ଼ାର ସଚେତନ ନାଗରିକ, ଉଚିତ୍ ଜବାବ ଦେବେ ବୋଲି ବିଜେଡି ନେତୃବୃନ୍ଦ କହିଛନ୍ତି ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

ଏତଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି । ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା ।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତା/ କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୫,୦୦୦/- / ଟ.୨,୧୪,୦୦୦/- / ଟ.୨୧,୫୦୦/- |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୫,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- |
| ୪. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, **୩) ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୧ ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, **୨) ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୬,୯୧,୫୭୨.୭୦** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ଟ.୧୦,୯୮,୦୦୦/- / ଟ.୧,୧୦,୦୦୦/- / ଟ.୧୧,୦୦୦/- |
| ୬. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୨) ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, **୩) ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ମୋଟ ବକେୟା: ୦୭.୧୧.୨୦୧୭ ସୁଦ୍ଧା ଟ.୭,୦୭,୪୪୬/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ଟ.୧୦,୫୦,୦୦୦/- / ଟ.୧,୦୫,୦୦୦/- / ଟ.୧୦,୫୦୦/- |
| ୭. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, **୨) ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ / **ମୋଟ ବକେୟା: ୦୩.୦୮.୨୦୧୯ ସୁଦ୍ଧା ଟ.୯,୬୭,୮୦୨/- ଏବଂ ଟ.୧୨,୪୮,୬୦୪/-** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ଟ.୨୦,୧୦,୦୦୦/- / ଟ.୨,୦୧,୦୦୦/- / ଟ.୨୧,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : **https://baanknet.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୮.୧୧.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା

ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ: ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ଅମାନତ ରାଶି ପୈଠ କରନ୍ତୁ ଏବଂ ଚଲାଣ ଜେନେରେଟ୍ କରି ମଧ୍ୟ ପୈଠ କରନ୍ତୁ ଏବଂ ଅମାନତ ରାଶି ବିଡରଙ୍କ ଇଏମଡି ୱାଲେଟ୍‌କୁ ସ୍ଥାନାନ୍ତର କରନ୍ତୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୭.୧୧.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: **https://baanknet.com and https://www.unionbankofindia.co.in/auction-property/view-auction-property.aspx** ଦେଖନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୧.୧୧.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**
By virtue of an affidavit sworn before Executive Magistrate, K.S.Nagar, Ganjam, I Sri Manoj Jena, S/o- Late Mangulu Jena, resident of Vill.- Sadabarta Nuagan, Po./Via/ Ps.- Kabisurya Nagar, Dist.- Ganjam, Odisha state that, my nick name is Laba Jena. In my Adhar Card and Voter ID Card my name has been mentioned as Laba Jena. Hence **Manoj Jena** and **Laba Jena** S/o- Mangulu Jena is one and same person.

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. 36-KUR-TRD-OT-2025-26
କାର୍ଯ୍ୟର ନାମ : ଯାଜପୁର କେନ୍ଦୁଝର ରୋଡ୍ (JJKR) - ଯଖପୁରା (JKPR) ଷ୍ଟେସନ ମଧ୍ୟରେ ଇଣ୍ଟରମିଡିଏଟ୍ ବ୍ଲକ ସିଗନାଲିଂ (IBS) ବ୍ୟବସ୍ଥା ସହିତ ସହାୟକ ଟ୍ରାନ୍ସଫର୍ମର (AT) ର ବୃଦ୍ଧି ଏବଂ OHE ପରିବର୍ତ୍ତନ ।
ବିଜ୍ଞାପିତ ମୂଲ୍ୟ (₹): 21,70,505.09, EMD (₹) : 43,400.00, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍
PR-786/Q/25-26

**NOTICE**
By virtue of an affidavit sworn before the Executive Magistrate, Athmallik dated 10th November 2025, I, Mr. MANORANJAN PADHAN address Village : OSKAPALI, P.O.: OSKAPALI, P.S.: KISHORENAGAR , District : ANGUL, PIN : 759126 , STATE : ODISHA, declare that I have changed the name of my daughter from HIRANMAREE PADHAN to HIRANMAYEE PADHAN Henceforth, she shall be known as HIRANMAYEE PADHAN for all purposes.
MANORANJAN PADHAN

**AFFIDAVIT**
I, Hrusikesh Dash, aged about 48 years, S/o- Kunja Bihari Dash, resident of At/Po- Puran, Ps- Biridi, Dist- Jagatsinghpur, Odisha, Pin- 754102 declare by this affidavit No. 2296, dtd-10.11.2025, that now onwards I shall be known as **HRUSHIKESH DASH** for all future purposes

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, dated 10/11/2025, CF No.- 92/10.11.2025. I, Jashobanta Rout S/O Late Bishnu Rout, At- Sanamohanpur, PO-Badapada, PS-Pattamundai, Dist- Kendrapada, Pin- 754245, declare that I have changed the name of my son from Suvam Rout to Subham Kumar Rout. Henceforth, he shall be known as new name Subham Kumar Rout for all purposes.
Sd/- Jashobanta Rout

**AFFIDAVIT**
By the virtue of an affidavit sworn before the Notary public, Daringibadi, Dated 30.10.2025. I Upendra Malik, S/o- Mali Malik, Vill : Tudubiju, Po: Gudikia, Ps: Bamunigam, Dist: Kandhamal, State: Odisha-762021 declare that I have changed my minor son's name from DEBA MALIK to DEBAK MALIK. Henceforth, He shall be known as **DEBAK MALIK** for all purposes.
Sd/- Upendra Malik

**AFFIDAVIT**
By virtue of an Affidavit before Notary Public, Malkangiri, **I, Manoj Majumdar**, aged about 43 years, S/o.: Dilip Kumar Majumdar, resident of Village: MV-48, PO.: Tumsapalli, P.S./ Dist: Malkangiri, Odisha, declare by this Affidavit No.: 1397, Dated: 14.10.2025 that I have changed my name from Manoj Kumar Majumdar to **Manoj Majumdar.** Henceforth I shall be known as **Manoj Majumdar** for all future purposes.

**AFFIDAVIT**
By virtue of an affidavit sworn before (Executive Magistrate Daspalla) dated 13.10.2025 I, Tuna Mahakhud Vill-Hanumanta, PO-Chadeyapalli, PS-Banigochha, Dist-Nayagarh, Pin-752089 declare that I have changed the name of my daughter from Loknath Mahakhuda to Adyasarani Mahakhud. Henceforth, she shall be known as Adyasarani Mahakhud for all purposes.
(Tuna Mahakhud)

**AFFIDAVIT**
I Aishwarya Abhinandita Sahoo, D/o- Sarada Prasan Sahoo resident of QR No-E/169,Sector-18, Rourkela, Dist- Sundargarh, Pin-769003, Odisha declare by this Affidavit No - 81 Dtd 10.11.2025 that now onwards I shall be known as S AISHWARYA ABHINANDITA for all future purposes .

**AFFIDAVIT**
By the virtue of an affidavit sworn before the Executive Magistrate, M. Rampur, Kalahandi, Dtd. 10.11.2025. I, Thabira Rana, S/o Chandra Rana, At- Jambahalai, P.O. Nunpur, P.S.: M. Rampur, Dist.- Kalahandi, Odisha – 766102 have changed my minor daughter's name from Suti Rana. to Sruti Rana. Henceforth, she shall be known as Sruti Rana for all purposes.
Sd/- Thabira Rana

**AFFIDAVIT**
By virtue of an affidavit before Notary Public, Bhubaneswar dtd. 17.10.2025, I Deepti Mishra residing at Baramunda, Bhubaneswar, that in Birth Certificate of my Daughter, my name printed wrongly as Deepti Nanda instead of Deepti Mishra and subsequently it was corrected to Deepti Mishra. Hence Deepti Mishra and Deepti Nanda is same and one person.
Deepti Mishra

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar, on dated 11.11.2025, I Jhili Palei W/o- Kalu Charan Palei, resident at Tulasipur, Kendupata, Khalikote, Dist- Ganjam, Odisha, PIN- 761030, declare that I have changed my son's name from Suhan Palei to Sohan Palei. Henceforth, He shall be known as **SOHAN PALEI** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Jajpur, SL NO. 4177, dated 17-10-2025 I, **HADIANI MOHANTY,** Permanent resident- At- Mulapal, Po- Rudhia, Ps- Panikoili, Dist- Jajpur, State- Odisha, PIN- 755033, declare that I have changed my name from **RANGALATA MOHANTY** (Old name) to **HADIANI MOHANTY** (New name), Henceforth, I shall be known as **HADIANI MOHANTY** for all purposes.
Sd-( **HADIANI MOHANTY**)

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF NO. 128, dated 04-09-2025 I, **SANTOSWINI GHATUAL,** Permanent resident- At- Laxmiprasad, Po- Sahaspur, Ps- Banpur, Dist- Khordha, State- Odisha, PIN- 752031, declare that I have changed my name from **SANTOSMINI GHATUAL** (Old name) to **SANTOSWINI GHATUAL** (New name), Henceforth, I shall be known as **SANTOSWINI GHATUAL** for all purposes.
Sd-( **SANTOSWINI GHATUAL**)

**AFFIDAVIT**
By virtue of an affidavit sworn before the Notary Public, Bhubaneswar, dated 06.11.2025,CF No.- 62/ 06.11.2025. I, Manash Kumar Digal S/O Srikant Digal, At- Mayfair Nagar, PO- R.R.L, PS- Maitri Vihar, Dist- Khordha, Pin- 751013, declare that I have changed the name of my son from Alfaz Digal to Jyoti Raditya Digal. Henceforth, he shall be known as new name Jyoti Raditya Digal for all purposes.
Manash Kumar Digal

**AFFIDAVIT**
By virtue of an affidavit sworn before Executive Magistrate, Muniguda, I Pramod Kumar Saraka, S/o- Gobinda Saraka, resident of Vill.- Gojakupuli, Po.- Kutragada, Ps.- Muniguda, Dist.- Rayagada, Pin- 765020 Odisha vide affidavit no.1922/2025 Dtd.11.11.2025 state that, I have changed my name from **Pramod Saraka** to **Pramod Kumar Saraka**. Henceforth I shall be known as **Pramod Kumar Saraka** for all future purposes.

**ପୂର୍ବ ତଟ ରେଳପଥ**
ରେଳ ଓକିଲମାନଙ୍କ ତାଲିକାଭୁକ୍ତିକରଣ
ଅଧିସୂଚନା ସଂ. 01/2025 ତାରିଖ : 10.11.2025
ରେଲୱେ ବୋର୍ଡର ପତ୍ର ସଂଖ୍ୟା 2024/LC/15/1 ତା 06.10.2025 ରିଖ ଅନୁଯାୟୀ ପୂର୍ବ ତଟ ରେଳପଥ ପରିସୀମା ଅଧୀନସ୍ଥ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ୍ ଟ୍ରିବ୍ୟୁନାଲ୍ (CAT)/ କଟକ, ରେଲୱେ କ୍ଲେମ୍‌ସ ଟ୍ରିବ୍ୟୁନାଲ୍ (RCT)/ଭୁବନେଶ୍ୱର ପାଇଁ ରେଲୱେ ଓକିଲଙ୍କ ତାଲିକାଭୁକ୍ତିକରଣ ପାଇଁ ଆବଶ୍ୟକୀୟ ଯୋଗ୍ୟତା, ଉପଯୁକ୍ତତା ଏବଂ ଅଭିଜ୍ଞତା ଥିବା ଓକିଲମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଛି ।
ଆବେଦନ ପତ୍ର, ଯୋଗ୍ୟତା ଏବଂ ଅନ୍ୟ ବିବରଣୀ ନିମନ୍ତେ ଦୟାକରି https://eastcoastrail.indianrailways.gov.in ଦେଖନ୍ତୁ ।
ଆବେଦନ ଜମା କରିବାର ଅନ୍ତିମ ତାରିଖ 11.12.2025 ଅଟେ ।
ଦ୍ରଷ୍ଟବ୍ୟ : ଦୟାକରି କୌଣସି ସବିଶେଷ ତଥ୍ୟ (ଯଦି କିଛି ଥାଏ) ନିମନ୍ତେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ ।
PR-791/Q/25-26
ଉପମହାପ୍ରବନ୍ଧକ (ଆଇନ), ଭୁବନେଶ୍ୱର

### ନୂଆ ବର୍ଷ ଓ ମକରକୁ ନେଇ ସଜେଇ ହେଲାଣି ଜୁଆଆଡ୍ଡା

# ପୁଲିସର ନାକତଳେ ଚାଲିଛି ଜୁଆ ଖେଳ

ରାଇରଙ୍ଗପୁର, ୧୧।୧୧(ସମିସ): ଏବେ ପାର୍ବଣ ଋତୁ ଚାଲିଥିବା ବେଳେ ଆଉ ମାସକ ପରେ ନବବର୍ଷ ଏବଂ ତା' ପରେ ଆସୁଛି ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ସଂକ୍ରାନ୍ତୀ। ଏହି ପର୍ବକୁ ପାଳନ କରିବା ପାଇଁ ଲୋକେ ପ୍ରସ୍ତୁତ ହେଉଥିବା ବେଳେ ଜୁଆଡିମାନେ ସେମାନଙ୍କର ଜୁଆଆଡ୍ଡାକୁ ସଜେଇବାରେ ଲାଗିପଡ଼ିଲେଣି। ବିଶେଷକରି ରାଇରଙ୍ଗପୁର, କରଞ୍ଜିଆ, ଯଶିପୁର ଅଞ୍ଚଳରେ ଜୁଆଖେଳ ହେଉଛି। ଏହି ଖେଳ ପୁଲିସର ନାକତଳେ ଚାଲୁଥିଲେ ମଧ୍ୟ ଜାଣି ନ ଜାଣିଲା ପରି ରହୁଛି ପୁଲିସ। ଲୋକେ ନିଜର କଷ୍ଟ ଉପାର୍ଜିତ ଧନ ହରାଉଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି। ରାଇରଙ୍ଗପୁର ଅଞ୍ଚଳର ଗଡ଼ ନିକଟସ୍ଥ ମଧୁବନ ସାହି, ସିନ୍ଦୁରଗୌରି ଗାଁର ଚଟାଣୀ, ତିଳପୋଷି ଓ ଭାଲୁବସା ଗାଁର ମଧ୍ୟ ଭାଗ, ବିଭିନ୍ନ ସାପ୍ତାହିକ ହାଟ, ବଜାର, ଗ୍ରାମାଞ୍ଚଳ କ୍ରୀଡା ପ୍ରତିଯୋଗିତା ଆଦି ସ୍ଥାନରେ ଜୁଆ ଖେଳ ଚାଲୁଛି। ଏବେ ଜୁଆଡ଼ିମାନେ ପରମ୍ପରାକୁ ଢାଲ କରି ଜୁଆ ଖେଳକୁ ଆହୁରି ବିସ୍ତାର କରୁଛନ୍ତି। ଆଦିବାସୀ ବହୁଳ ରାଇରଙ୍ଗପୁର ଉପଖଣ୍ଡରେ ନବବର୍ଷ ଓ ମକର ସଂକ୍ରାନ୍ତିକୁ ନେଇ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଗାଁ ଗହଳିରେ ଫୁଟବଲ, ହକି, ତୀରନ୍ଦାଜ ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। ଏଥି ସହିତ କୁକୁଡ଼ା ଲଢେଇ ମଧ୍ୟ ଜୋରଦାର ହୋଇଥାଏ। ତେବେ ଉକ୍ତ ସ୍ଥାନଗୁଡିକୁ ଜୁଆଡ଼ିମାନେ ନିଜ ଲକ୍ଷ୍ୟରେ ରଖିଥାନ୍ତି। ଠୁଲ ଠୁଲି, ତିନି ଗୋଟି, କୁକୁଡ଼ା ଲଢେଇ ବାଜି ଆଦି ଜୁଆ ଖେଳ ପ୍ରବଳ ଚାଲିଛି। ଏକ ଚାରି ଚକିଆ ଗାଡିରେ ଜୁଆ ଓ ଦଣ୍ଡିମୁଣ୍ଡି ଖେଳର ସରଞ୍ଜାମ ନେଇ ହାଟ ଏବଂ ପ୍ରତିଯୋଗିତା ସ୍ଥାନରେ ଜୁଆଡିମାନେ ପସରା ମେଲେଇଥାନ୍ତି। ଅଳ୍ପ ଟଙ୍କା ଲଗାଇ ଅଧିକ ଅଧିକ ଜିତିବାର ପ୍ରଲୋଭନ ଦେଖାଇ ଜୁଆ ଖେଳିବାକୁ ବାଧ୍ୟ କରିଥାନ୍ତି ଜୁଆଡି। ଥରେ ଜୁଆ ନିଶାରେ ପଡ଼ିଲେ ସବୁ ଟଙ୍କା ହରାଇ ଲୋକେ ସର୍ବସାନ୍ତ ହୋଇଥାନ୍ତି। ଜୁଆ ଖେଳାଳି ଓ ପୁଲିସଙ୍କ ମଧ୍ୟ ସଲାସୁତୁରାରେ ଖେଳ ହେଉଥିବାରୁ ସ୍ଥାନୀୟ ଥାନାଗୁଡିକ ସବୁ ଜାଣି ଚୁପ୍ ରହୁଛନ୍ତି। ବର୍ଷକୁ ଥରେ କାଁ ଭାଁ ଚଢ଼ଉ କରି ଗୋଟେ ଅଧେ ଜୁଆଡ଼ି ଟିମକୁ ଧରି ପୁଲିସ ଚୁପ ହୋଇ ରହୁଛି। ତେବେ ଏବେ ଜୁଆଡ଼ିମାନେ ନୂଆ ଉପାୟ ଆରମ୍ଭ କରିଛନ୍ତି। ସହର ମଧ୍ୟରେ ଜନବସତି ସ୍ଥାନରେ ଭଡ଼ା ଘର ନେଇ ସେଠାରେ ଜୁଆ ଆଡ୍ଡା ଚଳାଇଛନ୍ତି। ଯାହାକି ଅତି ସହଜରେ ପୁଲିସର ସନ୍ଦେହ ଘେରକୁ ମଧ୍ୟ ଆସୁନାହିଁ। କିଛି ଜୁଆ ଖେଳ ଜାରି ରହିଥିଲେ ହେଁ ସ୍ୱତନ୍ତ୍ର ପୁଲିସ ଟିମ ଚଢ଼ଉ ଭୟରେ ବିଭିନ୍ନ ସମୟରେ ସ୍ଥାନ ପରିବର୍ତ୍ତନ କରି ଜୁଆଡ଼ିମାନେ ଖେଳ ଜାରି ରଖୁଛନ୍ତି। ତେବେ ଜୁଆଡ଼ିମାନେ ଫାଙ୍କା ଓ ଶୂନଶାନ ଅଞ୍ଚଳର ବଡ଼ ଘରକୁ ପ୍ରାଧାନ୍ୟ ଦେଉଛନ୍ତି। ଯାହାକି ସହଜରେ ପୁଲିସ ନଜରକୁ ନ ଆସି ଜୋରଦାର ଜୁଆ ଖେଳ କରୁଛନ୍ତି। ରାଇରଙ୍ଗପୁର ସୀମାରେ ଝାଡ଼ଖଣ୍ଡ ଥିବାରୁ ଆନ୍ତଃରାଜ୍ୟ ଜୁଆଡ଼ି ଏଠାକୁ ଆସି ନିଜର ଆଧିପତ୍ୟ ବିସ୍ତର କରନ୍ତି। ପୁଲିସ ଚଢ଼ଉକୁ ପ୍ରତିହତ କରିବା ପାଇଁ ଜୁଆଡ଼ିଙ୍କ ଏକ ଖବରଦାତା ଟିମ ପୁଲିସର ଗତିବିଧି ଉପରେ ମଧ୍ୟ ନଜର ରଖୁଛନ୍ତି। ଯାହା ଫଳରେ ପୁଲିସ ଚଢ଼ଉ କରିବା ପୂର୍ବରୁ ଜୁଆଡ଼ିଙ୍କ ନିକଟରେ ଖବର ପହଞ୍ଚି ଯାଉଛି। ଏପରିକି ଜୁଆଡ଼ିମାନେ ମାରଣାସ୍ତ୍ର ଆଦି ରଖୁଥିବା ମଧ୍ୟ ନଜିର ରହିଛି। ତେବେ ପାର୍ବଣ ସହ ନୂଆ ବର୍ଷ ଓ ମକର ସଂକ୍ରାନ୍ତି ପାଇଁ ପୁଲିସ ଆହୁରି ରାଇରଙ୍ଗପୁର, କରଞ୍ଜିଆ ଓ ଯଶିପୁର ଆଦି ସ୍ଥାନର ସକ୍ରିୟ ହୋଇ ଜୁଆ ଆଡ୍ଡା ଉପରେ ଚଢଉ କରିବାକୁ ଦାବି ହେଉଛି।



## ଆଜି ପ୍ରଥମାଷ୍ଟମୀ; ବଜାରରେ ମହକୁଛି ହଳଦୀପତ୍ର



ମୋରଡ଼ା, ୧୧।୧୧(ସମିସ): ଆଜ ପ୍ରଥମାଷ୍ଟମୀ। ଏହି ପର୍ବ ଘରେ ଘରେ ପାଳନ ହେବା ସହ ପିଠାପଣାରେ ଘର ମହକି ଉଠିବ। ଖାସ୍ କରି ଏଣ୍ଡୁରି ପିଠା ଏହି ପର୍ବରେ ହଳଦୀ ପତ୍ରରେ ତିଆରି କରାଯାଇଥାଏ। ସେଥିପାଇଁ ମଙ୍ଗଳବାର ବଜାରରେ ହଳଦୀ ପତ୍ରର ପସରା ସବୁଠି ଖୋଲିଲାଣି। ବିଶେଷ କରି କାର୍ତ୍ତିକ ମାସରେ ହଳଦୀ ଚାଷ କରାଯାଏ ଏବଂ ମାର୍ଗଶିର ମାସ ହେଉଛି ହଳଦୀ ପତ୍ର ଅମଳର ସମୟ। ମୋରଡ଼ା ବ୍ଲକର ବିଭିନ୍ନ ଛକ ବଜାର ସହ ରାସ୍ତାକଡ଼ରେ ଦେଖିବାକୁ ମିଳୁଛି ହଳଦୀ ପତ୍ରର ପସରା। ଚିତ୍ରଡା ବଜାର, ଶାର୍ଷାପାଳ, ଝିଙ୍କିରିଆ, ମୋରଡ଼ା, ବାରମାଇଲ ଆଦି ମୁଖ୍ୟ ବଜାରରେ ହଳଦୀ ପତ୍ର ବିକ୍ରି ହେଲାଣି। ବଜାରରେ ଏବେ ହଳଦୀପତ୍ର ମହକୁଛି। ବିଡ଼ା ପ୍ରତି ହଳଦୀପତ୍ରର ଦାମ୍ ରହିଛି ୫ରୁ ୧୦ ଟଙ୍କା। ବଜାରକୁ ଗତ ୨ଦିନ ହେଲା ହଳଦା ପତ୍ର ବିକ୍ରି ପାଇଁ ଆସିଲାଣି। ବଜାରରେ ମଙ୍ଗଳବାର ଗ୍ରାହକଙ୍କ ଭିଡ ଦେଖିବାକୁ ମିଳିଛି।

## ଦେଢଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଓ ଅଳଙ୍କାର ଚୋରି

ରାଇରଙ୍ଗପୁର/ବହଳଦା, ୧୧।୧୧(ସମିସ): କିଛି ଦିନର ବ୍ୟବଧାନ ପରେ ବହଳଦା ଅଞ୍ଚଳରେ ପୁଣି ଚୋର ଗ୍ୟାଙ୍ଗ ସକ୍ରିୟ ହୋଇଛନ୍ତି। ରେଦାମ ଗ୍ରାମର ଏକ ତାଲା ବନ୍ଦ ଘରୁ ସୁନା ଓ ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ଏ ନେଇ ଗ୍ରାମର ରାମଚନ୍ଦ୍ର ମହାନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ବିଲକୁ ଚାଷ କାମ କରିବା ପାଇଁ ଯାଇଥିବାବେଳେ ଏହାର ସୁଯୋଗ ନେଇ ଚୋର ଗ୍ୟାଙ୍ଗ ତାଲାବନ୍ଦ ଘରୁ ଚୋରି କରିଛନ୍ତି। ଦୁର୍ବୃତ୍ତମାନେ ଘରେ ପଶି ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ଓ ୧ ଲକ୍ଷ ୬୩ ହଜାର ଟଙ୍କାର ଚୋରିକରି ନେଇ ପଳାଇଛନ୍ତି। ଚୋରି ସୁନା ଅଳଙ୍କାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସେ ଘରକୁ ଫେରିବା ପରେ ଜାଣି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ରାଇରଙ୍ଗପୁରରେ ଖସୁଛି ପାରଦ

ରାଇରଙ୍ଗପୁର, ୧୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ତାପମାତ୍ରାର ପାରଦ ଧୀରେ ଧୀରେ ନିମ୍ନଗାମୀ ହେଉଥିବା ବେଳେ ରାଇରଙ୍ଗପୁର ଅଞ୍ଚଳରେ ଶୀତର ଲହରୀ ବୃଦ୍ଧି ପାଇଛି। ଫଳରେ ସୋମବାର ରାତିରୁ ଶୀତ ଅନୁଭୂତ ହେବାରେ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଶୀତ ପ୍ରକୋପ ବୃଦ୍ଧି ସମେତ ଥଣ୍ଡା ଅନୁଭୂତ ହେଉଥିବା ବେଳେ ସାଧାରଣ ଜୀବନ ଯାତ୍ରାକୁ ପ୍ରଭାବିତ କରୁଛି। ଭୋରୁ କୁହୁଡ଼ି ପରିମାଣ ବୃଦ୍ଧି ପାଉଥିବାରୁ ଲୋକେ ଚଳାଚଳ କରିବା କଷ୍ଟକର ହେଉଛି। ଆଗାମୀ ଦିବରେ ତାପମାତ୍ରା ଆହୁରି ୨/୩ଡିଗ୍ରୀ ଖସିବା ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବ ଅନୁମାନ କରାଯାଇଛି। ରାଇରଙ୍ଗପୁର ତାପମାତ୍ରା ସର୍ବାଧିକ ୨୬ ଡିଗ୍ରୀ ଥିବା ବେଳେ ସର୍ବନିମ୍ନ ୧୫ ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। ତେବେ ଶିମିଳିପାଳ ପର୍ବତ ମାଳାରେ ଘେରି ରହିଥିବା ଆଦ୍ରତା ପରିମାଣ ବୃଦ୍ଧି ପାଇଁ କୁହୁଡି ବୃଦ୍ଧି ପାଉଛି। ଶିମିଳିପାଳ ଅଭୟାରଣ୍ୟ ଏବଂ ପାଦଦେଶରେ ଅଞ୍ଚଳରେ ଅଧିକ ଶୀତ ଅନୁଭୂତ ହେଉଛି। ନିଷିଦ୍ଧାଞ୍ଚଳ ଗୁଡିକରେ ତାପମାତ୍ରା ହ୍ରାସ ହେଉଛି। ତେବେ ପର୍ଯ୍ୟଟକ ଶିମିଳିପାଳରେ ଏହାର ମଜା ନେଉଛନ୍ତି। ଆଗକୁ କୁହୁଡି ପରିମାଣ ଆହୁରି ବୃଦ୍ଧି ନେଇ ସତର୍କ କରାଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା



ସାନକେରକୋ, ୧୧।୧୧(ସମିସ): ପ୍ରତାପପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ପ୍ରଧାନ ଗୁରୁମା କାଞ୍ଚନ ପ୍ରଭା ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଳାରେ ସମ୍ପାଦକ ଦିଲ୍ଲୀପ ଗିରି ଯୋଗଦେଇଥିଲେ। ଅଧ୍ୟାପକ ସମରେନ୍ଦ୍ର ବଶା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୋମଳମତି ଛାତ୍ରଛାତ୍ରୀଙ୍କ ପାଇଁ ଏହି ବିଜ୍ଞାନ ମେଳା ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ। ସଭାପତି ପରୀକ୍ଷିତ ବେହେରା ସମସ୍ତ ପ୍ରକଳ୍ପର ନିୟମ ଘୋଷଣା କରିଥିଲେ। ଡିବି ଜିଓ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜୟପ୍ରକାଶ ମହାନ୍ତ ମୁଖ୍ୟବକ୍ତା ଓ ସେବତୀ ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଅନେକ ପ୍ରକାରର ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ସମସ୍ତ ବିଚାରକ ଉତ୍କୃଷ୍ଟ ପ୍ରକଳ୍ପ ଗୁଡିକୁ ଚିହ୍ନଟ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିବେଚିତ କରି ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ମେଳାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ଯାଏଁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସହକାରିଣୀ ଗୁରୁମା ଦିପାଳୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଉଦଳାର ୭ ନଂ. ୱାର୍ଡ଼ ରାସ୍ତା ଶୋଚନୀୟ



ଗୋପବନ୍ଧୁନଗର/ଉଦଳା, ୧୧।୧୧ (ସମିସ): ଉଦଳା ବିଜ୍ଞାପିତ ଅଞ୍ଚଳ ୧୨ଟି ୱାର୍ଡକୁ ନେଇ ଗଠିତ। ସହରରେ ରାସ୍ତା, ଡ୍ରେନ, ବିଜୁଳି, ଜଳଯୋଗାଣ ଆଦି ବିଭାଗୀୟ ଅଧିକାରୀ ଦ୍ୱାରା ନିୟନ୍ତ୍ରଣ କରାଯାଇଥାଏ; କିନ୍ତୁ ଗତ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ୭ନଂ ୱାର୍ଡ଼ର ଅଙ୍ଗନବାଡ଼ି କେନ୍ଦ୍ର ଦେଇ ଯାଇଥିବା ରାସ୍ତାରେ ଆଣ୍ଠିଏ ପାଣି ଜମି ରହୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ବର୍ଷା ହେଲେ ବି ରାସ୍ତାରେ କୃତ୍ରିମ ହ୍ରଦ ସୃଷ୍ଟି ହେଉଛି। ଏଥିସହିତ ମଶା, ମାଛିଙ୍କ ଅନ୍ତୁଡ଼ିଶାଳ ପାଲଟିଛି। ଏ ନେଇ କାଉନସିଲରଙ୍କୁ ପଚାରିବାରୁ ନିର୍ବାଚନ ସମୟରେ ମୋର କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଆପଣାଛାଏଁ ୱାର୍ଡ଼ କାଉନସିଲର ହୋଇଛି। କେହି ମୋତେ ସରକାରୀ ସ୍ତରରେ ସହଯୋଗ କରୁନାହାଁନ୍ତି। ଫଳରେ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଏଣୁ ବିଭାଗୀୟ ଅଧିକାରୀ ସରଜମିନ ତଦନ୍ତ କରି ତୁରନ୍ତ ଯୁଦ୍ଧକାଳୀନଭିତ୍ତିରେ ଉକ୍ତ ରାସ୍ତାକୁ ମରାମତି କରିବାକୁ ଦାବି ହେଉଛି।

## ଉଦଳା ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ଗୋପବନ୍ଧୁନଗର /ଉଦଳା, ୧୧।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଉଚ୍ଚ ଶିକ୍ଷାରେ ଅଧ୍ୟୟନରତ ଥିବା ଆଦିବାସୀ ଏବଂ ହରିଜନ ବର୍ଗର ଶିକ୍ଷାର୍ଥୀଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କାର୍ଯ୍ୟକରୁଥିବା ଅଗ୍ରଣୀ ସଂଗଠନ ମୟୂରଭଞ୍ଜ ଆଦିବାସୀ ଓ ହରିଜନ ଛାତ୍ର ସଂଗଠନ ମାସା ପକ୍ଷରୁ ଉଦଳା ମହାବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାସା ସଂଗଠନର ସଭାପତି ବିକ୍ରମ ମୁର୍ମୁ +୩ ତୃତୀୟବର୍ଷ କଳାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୂତନ ଶିକ୍ଷାର୍ଥିଙ୍କୁ ସ୍ୱାଗତ କରିବା ସହିତ ଉତ୍ତମ ବିଦ୍ୟାର୍ଥୀ ହେବାକୁ ପ୍ରେରଣା ଦେଇଥିଲେ। ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡ଼େମି ପୁରସ୍କୃତ ସାହିତ୍ୟିକ ଡ଼. ମହେଶ୍ୱର ସୋରେନ ଏବଂ ସମ୍ମାନିତ ଅତିଥି ଭାବରେ ପୁର୍ବତନ ଆଇ.ଆର.ଏସ୍. ଅଧିକାରୀ ରବୀନ୍ଦ୍ର ନାଥ ସିଂ ଏବଂ ସମାଜସେବୀ ତପନ କୁମାର ମାଝୀ, ଅବସରସରପ୍ରାପ୍ତ ଗ୍ରନ୍ଥାଗାରିକ ଜିତେନ ଟୁଡୁ ଏବଂ ପ୍ରଶାସନିକ ଅଧିକାରୀ ଡ଼. ଦିବ୍ୟଲୋଚନ ଭୁୟାଁ ଏବଂ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଭୀମ ସୋରେନ ଯୋଗଦେଇ ଭଲ ମଣିଷ ହେବା ପାଇଁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ମାନସିଂ ମୁର୍ମୁ, ରାଜନୀତି ବିଭାଗର ଅଧ୍ୟାପକ ଦଶରଥ ଚପେୟାର, ଈଶ୍ୱର ମୁର୍ମୁ, କାନୱାର ସୋରେନ, ଲକ୍ଷ୍ମଣ ଗିଲୁଆ, ଅମାପିକା ଭାରତି ନାଏକ, ଅନୀତା ଦଲେଇ, ରାଜଶ୍ରୀ ସିଂ, ବରିଷ୍ଠ କିରାଣି ରଜତ କୁମାର ସୋରେନ, ଲକ୍ଷ୍ମଣ ଟୁଡୁ, ପୁର୍ବତନ ମାସା ସଭାପତି ଦୁଲାରାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ ପାର୍ବତୀ ହେମ୍ବ୍ରମ ଅତିଥି ପରିଚୟ ଓ ସଂଗଠନ ସମ୍ପାଦକ ଠାକୁରା ସୋରେନ ଏବଂ ସହ ସମ୍ପାଦକ ପୂର୍ଣ୍ଣିମା ସୋରେନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ସମ୍ପାଦକ କାଜଲ ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ମଶାନରେ ଟ୍ରାନ୍ସଫର୍ମର ସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ

ବହଳଦା, ୧୧।୧୧ (ସମିସ): ମୟୂରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ବଡଡାଲିମା ଗ୍ରାମ ଭୂମିଜ୍ ସାହିର ଶ୍ମଶାନରେ ବିଦ୍ୟୁତ ଟ୍ରାନ୍ସଫର୍ମର ସ୍ଥାପନକୁ ନେଇ ଗ୍ରାମବାସୀ ବିରୋଧ କରିବା ସହିତ ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଭୂମିଜସାହି ନିକଟରେ ଥିବା ଶ୍ମଶାନରେ ବହୁ ପୁରାତନ କାଳରୁ ଗ୍ରାମବାସୀ ଶବ ସତ୍କାର କରି ଆସୁଛନ୍ତି। ଉକ୍ତ ଶ୍ମଶାନର ପରିସୀମା ନିର୍ଦ୍ଧାରଣ କରାଯାଇ ପାଚେରୀ ନିର୍ମାଣ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ସୂଚନା ଫଳକ ମଧ୍ୟ ଲଗାଯାଇଛି। ଏହା ସତ୍ତ୍ୱେ ବିଦ୍ୟୁତ ବିଭିଗ ପକ୍ଷରୁ ଗ୍ରାମବାସୀଙ୍କ ବିନା ଅନୁମତିରେ ଶ୍ମଶାନର ମଧ୍ୟଭାଗରେ ଏକ ଟ୍ରାନ୍ସଫର୍ମର ବସାଯିବା ନିମନ୍ତେ ଖୁଣ୍ଟ ପୋତା ଯାଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶ୍ମଶାନ ଭିତରେ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ ହେଲେ ଶବ ସତ୍କାର କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହେବ ବୋଲି ଗ୍ରାମବାସୀ କହିଛନ୍ତି। ଶ୍ମଶାନ ନିକଟରେ ପର୍ଯ୍ୟାପ୍ତ ସ୍ଥାନ ରହିଥିବା ସତ୍ତ୍ୱେ ଏଠାରେ ଟ୍ରାନ୍ସଫର୍ମର ସ୍ଥାପିତ କରାଯିବାର ପ୍ରୟାସ ଅଯଥା ବିବାଦ ସୃଷ୍ଟି କରିବା ସହିତ ଆଇନ ବିଶୃଙ୍ଖଳା ସୃଷ୍ଟି କରିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲାପରିଷଦ ପରେଶ ଚନ୍ଦ୍ର ମୁଣ୍ଡାଙ୍କ ମାର୍ଗଦର୍ଶନରେ ବୁଧୁ ନାଏକ, ମଟୁ ନାଏକ, ବିଜୟ ନାଏକ ଏବଂ ହୁମାଚରଣ ବଦ୍ରା ପ୍ରମୁଖ ବାମନଘାଟୀ ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଅଭିଯୋଗପ୍ରତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଶ୍ମଶାନରୁ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର କରାଯିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।



## ମୟୂରଭଞ୍ଜ ଆଇନ କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

ବାରିପଦା, ୧୧।୧୧(ସମିସ): ତକତପୁରସ୍ଥିତ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ମଙ୍ଗଳବାର ଆଇନ୍ ସହାୟତା କେନ୍ଦ୍ର ଦ୍ୱାରା ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡଃ ରଞ୍ଜନ୍ କୁମାର ତରେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ସମ୍ମାନିତ ଅତିଥି ଭାବେ ସଲାମ ଜୀବନର ପରିଚାଳନା ନିର୍ଦ୍ଦେଶକ ଡ଼ା ଏମଡି ଇମ୍ରାନ ଆଲି, ଡିପିଏଚଓ ଡ଼ା ସୁଭାଷ ଚନ୍ଦ୍ର ନାଏକ, ଏଡିପିଏଚଓ ଡ଼ା ଶାନ୍ତନୁ ଦାଶ, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ନିହାର ରଞ୍ଜନ ପୃଷ୍ଟି, ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ରୁଦ୍ରନାରାୟଣ ସାହୁ, କୃପା ନିଶାନୀବାରଣ କେନ୍ଦ୍ରର ଅଧ୍ୟକ୍ଷ ସୁବ୍ରତ କୁମାର ତରେଇ ଓ ସହିଦ ମୋମୋରିଆଲ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଭୋଇ ପ୍ରମୁଖ ଯୋଗଦେଇ ନିଶାଠାରୁ ନିଜକୁ ଦୂରେଇ ରହିବାକୁ ଅଭିଭାଷଣ ରଖିବା ସହିତ ନିଶାମୁକ୍ତ ଭାରତ ଅଭିଯାନ ଉପରେ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସହକାରୀ ପ୍ରାଧ୍ୟାପକ ଡଃ ବନମାଳୀ ବାରିକ୍, ଭକ୍ତଚରଣ ସୋରେନ, ଜୟଶ୍ରୀ ମିଶ୍ର, ଧୀରେନ୍ଦ୍ର ବେହେରା, ସୁନୀଲ କୁମାର ଜେନା, ଏସ୍ ନାୟକ ଓ ଶ୍ରଦ୍ଧା ସୋରେନ୍ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ନିଶା ଅଭ୍ୟାସକୁ ବର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଦେବଜାନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




## ଉଦଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଉଦଳା, ୧୧।୧୧(ସମିସ): ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ଉଦଳା ବ୍ଲକ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ବିଧାୟକ ଭାସ୍କର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ନିମନ୍ତ୍ରିତ ଅତିଥ ଭାବେ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ବିଡିଓ ଉଦଳା ସମରଜିତ୍ କର, ସହକାରୀ ନିର୍ଦ୍ଦେଶକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଡା. ଗୀତାଞ୍ଜଳି ଦାସ, ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. କୁନ୍ଦନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମରଜିତ୍ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଉପାନ୍ତ ଅଞ୍ଚଳକୁ ଯାଇ ଜନସଚେତନତା ମାଧ୍ୟମରେ ନୂତନ ଚାଷୀ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଅକ୍ଟୋବର ୨୪ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ଏହି ମେଳା ଚାଲିବ। ଶେଷରେ ଶ୍ରେଷ୍ଠ ପ୍ରାଣୀପାଳକ ଭାବେ ପ୍ରକାଶ ନାୟକ (ଭୀମତାଳି), ଜୟରାମ ହାଁସଦା (କୋଚିଲାଡିହା) ମଞ୍ଜୁଲତା ସାହୁ (ଛୋଟରାୟପୁର), ସିନ୍ଦୂର ଗୌରା ସ୍ୱୟଂ ସହାୟକ ଗୋଷ୍ଠୀ ଦୁଗୁଧା, ମତ୍ସ୍ୟ ଚାଷ ପାଇଁ ମନୋରଞ୍ଜନ ଦାସ, ରାଢୋ, କସ୍ତୁରୀ ପୋଥାଳ ଚୁଳିଆପୋଷି, ସକୁନ୍ତଳା ସେଠୀ ଖୁଣ୍ଟାପାଳ ଏବଂ ଜୀବନଦୀପ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଉଦାଙ୍କୁ ପୁରସ୍କୃତ କରାଯାଇଛି। ସେହିପରି ମଈଷି ପାଳନ ପାଇଁ ସସ୍ମିତା ପ୍ରଧାନ, ଚୁଳିଆପୋଷି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ପାଇଁ ସସ୍ମିତା ମହାକୁଡ, ଅଠଣଗାଁ ସବିତା ପ୍ରଧାନ, ଚୁଳିଆପୋଷିଙ୍କୁ କାର୍ଯ୍ୟାଦେଶ ବଣ୍ଟନ ତଥା କୁକୁଡା ଚାଷ ପାଇଁ ଦିଲ୍ଲୀପ ଦାସ, କୋଚିଲାଡିହା, କାମଧେନୁ ଯୋଜନା ପାଇଁ ଗୀତାଞ୍ଜଳି ମହାନ୍ତ, ଶ୍ରୀଦାମଚନ୍ଦ୍ରପୁରଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶରତ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## ଉପଖଣ୍ଡସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା

ବାରିପଦା, ୧୧।୧୧(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ବିଭାଗର ଆନୁକୂଲ୍ୟରେ ବାରିପଦା ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ ଜାତୀୟ ଏକତା ଦିବସ' ବିଷୟ ବସ୍ତୁ ଉପରେ ପ୍ରବନ୍ଧ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ବାରିପଦା ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧା ସୁମନ ଜେନା, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀପ୍ରଭା ପୃଷ୍ଟି, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରଙ୍ଗାମାଟିଆର ସରସ୍ୱତୀ ସିଂ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ବକ୍ତୃତା ପ୍ରତିଯୋଗିତାରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଝାରପୋଖରିଆର ଅଙ୍କନପ୍ରଭା ବେହେରା, ଏମକେସି ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ନବଜିତ ସାସମଲ, ଏମପିକେ ସରକାରୀ ଉଚ୍ଚ ବିଦ୍ୟାଳୟ, ବାରିପଦାର ଆଦ୍ୟାସା ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରଙ୍ଗାମାଟିଆର ଅମ୍ରିତା ସିଂ, ଟିକରପଡ଼ା ଉଚ୍ଚ ବିଦ୍ୟାଳୟର ଶିବାନୀ ମହାନ୍ତ, ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାରିପଦାର ସନିତା ସିଂ ଯଥାକ୍ରମେପ୍ରଥମ, ଦ୍ୱିତୀୟଓତୃତୀୟହୋଇଛନ୍ତି। ଏହିପ୍ରତିଯୋଗିତାକୁ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର କଳିଆ ଉଦଘାଟନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାମଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ପରିଡ଼ା, ଶିକ୍ଷକ ନୟନ କୁମାର ଗିରି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମନୋଜ ପରିଡ଼ା, ଅଜିତ ମହାନ୍ତି, ଦୀପକ ରାମ, ଶିକ୍ଷୟତ୍ରୀ ସୁଦତ୍ତା ବାରିକ, ଆୟୋଜକ ବିଦ୍ୟାଳୟ ଏମପିକେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବିଶ୍ୱେଶ୍ୱର ଦ୍ୱିବେଦୀ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ବାଲି ଘାଟରେ ପୁଲିସ ସ୍ପେସାଲ ସ୍କ୍ୱାଡ୍**

# ୩୬ ବାଲି ବୋଝେଇ ହାଇୱା ଜବତ

ଆନନ୍ଦପୁର, ୧୧।୧୧ (ସମିସ)



ଗତ ସୋମବାର ବିଳମ୍ବିତ ରାତିରେ କେନ୍ଦୁଝର ପୁଲିସର ସ୍ପେସାଲ ସ୍କ୍ୱାଡ୍ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ବାଲିଘାଟରେ ଅଚାନକ ଚଢ଼ଉ କରି ୩୬ଟି ବାଲି ବୋଝେଇ ହାଇୱା ଜବତ କରିଥିବା ଜଣାଯାଇଛି। ଜବତ ହାଇୱାର କାଗଜପତ୍ର ଯାଞ୍ଚ କରୁଥିବା ବେଳେ ଖଣି ବିଭାଗ ଚଢ଼ଉ ଜାରି ରଖିଛି। ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀର ବିଭିନ୍ନ ବାଲି ଘାଟରୁ ବିନା କାଗଜପତ୍ରରେ ବାଲି ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ପରେ ଗତରାତିରେ ଆକ୍ସନ ମୋଡକୁ ଆସିଛି ପୁଲିସ। ୨ଟି ଟିମ୍ ଗଠନ କରାଯାଇ ଗତକାଲି ରାତିରେ ରାମଚନ୍ଦ୍ରପୁର ଥାନା ଓ ନନ୍ଦିପଦା ଥାନା ଅଞ୍ଚଳରେ ବାଲି ଗାଡି ଉପରେ ଚଢ଼ଉ ହୋଇଛି। ବାଲି ବୋଝେଇ କରି ଆସୁଥିବା ସମୟରେ ରାମଚନ୍ଦ୍ରପୁର ଥାନାଞ୍ଚଳରୁ ୧୭ଟି ଓ ନନ୍ଦିପଦା ଥାନାଞ୍ଚଳରୁ ୧୯ଟି ବାଲି ବୋଝେଇ ହାଇୱାକୁ ଜବତକରି ଥାନାରେ ଅଟକ ରଖିଛି ପୁଲିସ୍। ଖଣି ବିଭାଗ ଅଧିକାରୀମାନେ ପହଞ୍ଚି ଜବତ ଗାଡିଗୁଡିକର କାଗଜପତ୍ର ଯାଞ୍ଚ ଚଳାଇଛନ୍ତି। ତେବେ ଉପଯୁକ୍ତ କାଗଜପତ୍ର ନଥିଲେ ଜରିମାନା ସହ ଏମାନଙ୍କ ବିରୋଧରେ ମାମଲା ରୁଜୁ ହେବାକୁ ଥିବା ସୂଚନା ମିଳିଛି। ଏହି ଘଟଣାରେ ଜବତ ଗାଡି ମଧ୍ୟରୁ କେତେକ ଗାଡିକୁ ଖସାଇ ଦେବାକୁ ଉଦ୍ୟମ ହେଉଥିବାରୁ ବିଜେପି ନେତା ପୃଥ୍ୱୀରାଜ କୁଁଅର ଓ ଯଜ୍ଞପ୍ରସାଦ ସାହୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି।

**ଲୁହାପଥର ଚୋରା ଚାଲାଣ**

# ଜେସିବି ସହ ବାଇକ୍, ୨ ହାଇୱା ଜବତ; ୪ ଖଣି ମାଫିଆ ଗିରଫ



ଯୋଡ଼ା, ୧୧।୧୧(ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅନ୍ତର୍ଗତ ପୀଡ଼ପୋଖରୀ ଅଞ୍ଚଳରେ ରବିବାର ବିଳମ୍ବିତ ରାତ୍ରିରେ ବାମେବାରୀ ପୁଲିସ ପାଟ୍ରୋଲିଙ୍ଗ କରୁଥିବା ବେଳେ କୌଣସିମତେ ଖଣିଜ ଚୋରା କାରବାରର ସୁରାକ ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ପୁଲିସ। ଚୋରାରେ ଖଣିଜ ବୋଝେଇ କରୁଥିବା କିଛି ମାଫିଆ ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇବାରେ ସକ୍ଷମ ହୋଇଥିବା ବେଳେ ତନ୍ମଧ୍ୟରୁ ଦୁଇ ଜଣକୁ ପୁଲିସ କାବୁ କରିଥିଲା। ପରେ ସୋମବାର ସକାଳେ ଚୋରା ଖଣିଜ ବୋଝେଇରେ ବ୍ୟବହୃତ ଗୋଟିଏ ଜେସିବି ମେସିନ ଓ ଦୁଇଟି ହାଇୱା ଗାଡି ଓ ଗୋଟିଏ ମଟର ସାଇକଲ ଜବତ କରି ବାମେବାରୀ ଥାନା ଆଣିବା ସହ ଦୁଇ ଖଣି ମାଫିଆଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ଉକ୍ତ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ ଏଥିରେ ଆଉ ଦୁଇ ଜଣ ସମ୍ପୃକ୍ତି ଥିବା ଜାଣି ଚାରି ଜଣ ଖଣି ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ, ଯୋଡ଼ା ହୁଡ଼ିସାହିର ପୁନିସ ଜଜ (୨୨), ବଡ଼ବିଲ ଆଜାଦ ବସ୍ତିର ଏମଡି ମହସିନ ଆଲାମ (୩୨), ବଡ଼ବିଲ ଦାମୁ ହଟିଙ୍ଗର ୱାସିମ ଆକ୍ରାମ (୨୮), ଝାରଖଣ୍ଡ ରାଜ୍ୟ ଦେଓଘରର ହାଡ଼ିସ ମିଆଁ (୪୦)। ଖଣିଜ ବୋଝେଇ ନିମନ୍ତେ ବ୍ୟବହୃତ ଗୋଟିଏ ଜେସିବି ମେସିନ (ଓଡି୨୨ୟୁ-୮୪୪୭), ଦୁଇଟି ଟ୍ରକ, (ଓଡି୦୯ଭି-୩୪୦୬, ଓଡି୦୯ପି-୨୨୯୨), ଗୋଟିଏ ମଟର ସାଇକେଲ (ଓଆର୦୯ପ-୦୧୫୩)କୁ ବାମେବାରୀ ପୁଲିସ ଜବତ କରିଛି।

**ଚୋରା ବାଲି ଚାଲାଣ**

# ୬ ଟ୍ରାକ୍ଟର ସହ ୩ ହାଇୱା ଜବତ

ତୁରୁମୁଙ୍ଗା/ଚମ୍ପୁଆ, ୧୧।୧୧ (ସମିସ): ଚମ୍ପୁଆ ଉପଖଣ୍ଡରେ ବାଲି ଚୋରା ଚାଲାଣ ନେଇ ଚଢ଼ଉ କରାଯାଇଛି। ପୃଥକ ଥାନାଞ୍ଚଳରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୬ଟି ଟ୍ରାକ୍ଟର ସହ ୩ଟଇ ହାଇୱାକୁ ଜବତ କରାଯାଇଥିବା ଜଣାପଡ଼ିଛି। ଚମ୍ପୁଆ ପୁଲିସ ପକ୍ଷରୁ ୬ଟି ଚୋରା ବାଲି ବୋଝେଇ ଟ୍ରାକ୍ଟର ସହ ଗୋଟିଏ ହାଇୱା ଗାଡ଼ିକୁ ଜବତ କରାଯାଇଛି। ଏସଡିପିଓ ରଶ୍ମିରଂଜନ ସାହୁଙ୍କ ସୂଚନା ମୁତାବକ, ଗତ ୧୦ ତାରିଖ ରାତି ୪ଟା ବେଳେ ଚମ୍ପୁଆ ଆଇଆଇସି ରମାକାନ୍ତ ମୁଦୁଲିଙ୍କ ତତ୍ତ୍ୱାବଧାନରେ ସବଇନସପେକ୍ଟର ନିତିଶ ବେହେରା ସଦଳବଳେ ଚମ୍ପୁଆ ମୟୂରଭଂଜ ସୀମାବର୍ତ୍ତୀ ଅଞ୍ଚଳରେ ଅତର୍କିତ ଚଢ଼ଉ କରିବା ସହ ମୟୂରଭଂଜ ଅଞ୍ଚଳରୁ ଚମ୍ପୁଆ ସହରକୁ ଚୋରାବାଲି ବୋଝେଇ ହୋଇଆସୁଥିବା ଓଡି ୧୧ଟି ୧୯୭୬, ଓଡି ୧୪ଜେ ୮୩୧୧, ଓଡି୨୯ବି ୯୪୬୩, ଓଡି୦୯ ଏବି୦୬୧୧, ଓଡି୧୧ଡବ୍ଲୁ ୫୩୨୫, ଓଡି ୧୧ଟି ୩୭୯୨ ଟ୍ରାକ୍ଟର ଗାଡି, ଓଡି ୦୯ ଏକ୍ସ ୧୦୬୯ ନଂ ହାଇୱାକୁ ଜବତ କରିବା ସହିତ ଡ୍ରାଇଭରମାନଙ୍କୁ ଅଟକ ରଖାଯାଇଥିବା ଜଣାଯାଇଛି। ଆଗାମୀ ଦିନରେ ଏହି ଚଢାଉ ଜାରିରହିବ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି। ସେହିପରି ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ନିହୁଆଁ ଛକ ନିକଟରୁ ସୋମବାର ରାତିରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ୨ଟି ବାଲି ବୋଝେଇ ହାଇୱାକୁ ଜବତ କରିଛି। ବିନା କୌଣସି କାଗଜପତ୍ରରେ ଓଡି୦୯ ସି୮୨୦୫ ଏବଂ ଓଡି୦୯ସି ୬୬୫୫ ନମ୍ବର ବିଶିଷ୍ଟ ହାଇୱାଗୁଡ଼ିକରେ ବାଲି ବୋଝେଇ କରି ନେଇ କେନ୍ଦୁଝର ପଟକୁ ଯାଉଥିବା ସମୟରେ ତୁରୁମୁଙ୍ଗା ଥାନା ଏଏସଆଇ ସୁଜାତା ମହାନ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ବିନା ଟିପିରେ ବାଲି ଚୋରାଚାଲାଣ ହେଉଥିବା ଜଣାପଡ଼ିବା ପରେ ଗାଡିଗୁଡିକୁ ଜବତ କରାଯିବା ସହ ଦୁଇ ଗାଡିର ଡ୍ରାଇଭରଙ୍କୁ ଅଟକ ରଖାଯାଇଛି। ଏନେଇ ତୁରୁମୁଙ୍ଗା ଥାନାରେ ୨୭୯/୨୫ରେ ମାମଲା ରୁଜୁ ହୋଇଥିବା ଏସଆଇ କିରଣ ସାହୁ କହିଛନ୍ତି।






## ଯୁବତୀ ନିଖୋଜ

ତୁରୁମୁଙ୍ଗା, ୧୧।୧୧(ସମିସ): ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସାନ ଗମ୍ଭାରୀଆ ଗ୍ରାମର ବାଇଧର ମହାନ୍ତଙ୍କ ଝିଅ ପଦ୍ମିନୀ (୧୯) ଗତ ୯ ତାରିଖ ରବିବାର ସନ୍ଧ୍ୟା ୭ଟାରେ ଘରୁ କୁଆଡେ ପଳାଇ ଯାଇଥିବା ନେଇ ଯୁବତୀଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ୩ ପଞ୍ଚାୟତକୁ ଡିଏମ୍‌ଏଫ୍‌ରେ ସାମିଲ ଦାବି

ଚମ୍ପୁଆ,୧୧।୧୧(ସମିସ): ଜିଲ୍ଲା ଖଣିଜ ପାଣ୍ଠିରୁ ଚମ୍ପୁଆ ବ୍ଲକର ବାଦ୍ ପଡ଼ିଥିବା ୩ଟି ପଞ୍ଚାୟତ ଓ ଗୋଟାଏ ଏନଏସିକୁ ସାମିଲ କରିବାକୁ ଚମ୍ପୁଆ ବ୍ଲକ ବିଜେଡି ସଭାପତି ଗଣେଶ ଖିଲାର ଦାବି କରିବା ସହ ତୁରନ୍ତ ପଦକ୍ଷେପ ପାଇଁ ଜିଲ୍ଲାପାଳ ବିଶାଲ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ ୧୦ ତାରିଖ ଚମ୍ପୁଆ ବ୍ଲକ ପରିସରରେ ମିଳିତ ଅଭିଯୋଗ ଶୁଣାଣିରେ ଶ୍ରୀ ଖିଲାର ଏନେଇ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ଅନୁସାରେ, ଚମ୍ପୁଆ ବ୍ଲକର ୨୨ଟି ପଞ୍ଚାୟତରୁ ୧୯ଟି ପଞ୍ଚାୟତ ଜିଲ୍ଲା ଖଣିଜ ପାଣ୍ଠି ଦ୍ୱାରା ହେବାକୁ ଥିବା ଉନ୍ନୟନ କାର୍ଯ୍ୟରେ ସାମିଲ ହୋଇଥିଲେ ମଧ୍ୟ ରିମୁଳି, କାଳିକାପ୍ରସାଦ, ରଜିଆ ଓ ଚମ୍ପୁଆ ଏନଏସି ଏଥିରୁ ବାଦ୍ ପଡିଛି। ଅନ୍ୟପକ୍ଷରେ, ଖଣିଜ ସହର ଯୋଡା, ବଡବିଲର ମାଲ ପରିବହନ ପାଇଁ ଧୂଳିଧୂଆଁରେ ପ୍ରଭାବିତ ହୋଉଥିବା ରିମୁଳି, କାଳିକାପ୍ରସାଦ, ରଜିଆ ଓ ଚମ୍ପୁଆ ଏନଏସି ରାସ୍ତା ପ୍ରମୁଖ ରାସ୍ତା ଭାବରେ ଗଣାଯାଉଥିଲେ ମଧ୍ୟ ଏମାନଙ୍କୁ ପାଣ୍ଠିରୁ ବାଦ୍ ପଡିବା ଏପରିକି ଦୂରବର୍ତ୍ତୀ ପଞ୍ଚାୟତଗୁଡିକ ଏଥିରେ ସାମିଲ ହୋଇଥିବା ବେଳେ ପୂର୍ବରୁ ହୋଇଥିବା ସର୍ଭେ ଅନୁଯାୟୀ କିପରି ଏହି ପଞ୍ଚାୟତ ଏନଏସି ବାଦ୍ ପଡିଲା ତାହା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ଖିଲାର ସୂଚନା ଦେଇଛନ୍ତି।

## ମଉଦାକୁ ଗ୍ରାମପଞ୍ଚାୟତ ମାନ୍ୟତା ଦାବି

ହାଟଡ଼ିହୀ,୧୧।୧୧(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ମଉଦା ଗ୍ରାମକୁ ନୂତନ ପଞ୍ଚାୟତର ମାନ୍ୟତା ଦେବାକୁ ୩୦ରୁ ଅଧିକ ଗ୍ରାମବାସୀ ବିଡ଼ିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଗ୍ରାମଟି ସଡ଼ା ଗ୍ରାମପଞ୍ଚାୟତ ଅଧୀନରେ ଅଛି। ଏହା ୧୦ରୁ ଊର୍ଦ୍ଧ୍ୱ ରାଜସ୍ୱ ଗ୍ରାମକୁ ନେଇ ଗଠନ ହୋଇଥିବା ବେଳେ ଜନସଂଖ୍ୟା ଦୃଷ୍ଟିରୁ ଏହି ପଞ୍ଚାୟତଟି ଜନବହୁଳ। ମଉଦା ଗ୍ରାମର ଲୋକସଂଖ୍ୟା ୨ହଜାରରୁ ଅଧିକ ହୋଇଥିବା ବେଳେ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଏହାର ଦୂରତା ୭ କି.ମି.ରୁ ବେଶି। ଫଳରେ ମଉଦା ଗ୍ରାମଟି ଅବହେଳିତ ଅବସ୍ଥାରେ ରହୁଛି। ପଞ୍ଚାୟତକୁ ଯାଉଥିବା ଅନେକ ସୁବିଧା ସୁଯୋଗ ଲୋକେ ପାଇପାରୁ ନାହାନ୍ତି। ଭତ୍ତା ପାଇଁ ବୁଢାବୁଢ଼ୀମାନେ ଏତେ ଦୂରକୁ ଆସିପାରୁ ନାହାନ୍ତି। ତେଣୁ ସଢା ପଞ୍ଚାୟତର ମୌଦା, ଜନ୍ତାଳପଦୀ, ରଘୁନାଥପୁର, ପଦାରୁଖା, ମିଠିଗାଁ ଓ ସୋସୋ ପଞ୍ଚାୟତର ବେରୁଣପଦୀ, ଅଁଳାଗଡ଼ିଆ, ଭରଡ଼ାଗଡିଆ, ବାଲିଆ, କଖାରୁଗଡ଼ିଆ ଆଦି ଗ୍ରାମକୁ ନେଇ ମୌଦା ପଞ୍ଚାୟତ ଗଠନ ହେଲେ ଏହିସବୁ ଗ୍ରାମର ଲୋକମାନେ ଉପକୃତ ହୋଇପାରିବେ ବୋଲି ଗ୍ରାମର ଦୁର୍ଯ୍ୟୋଧନ ଜେନା, ନାରଣ ଜେନା, ସୁବୋଧ ସାହୁ, ନିରାକାର ଜେନା, ଧନେଶ୍ୱର ସାହୁ, ନିର୍ମଳ ସେଠୀ, ହରମୋହନ ରାଉତ, ଦାଶରଥୀ ଜେନା, ପୁଷ୍ପଲତା ଜେନା, ସସ୍ମିତା ସାହୁ, କବିତା ସେଠୀ, ମଣିଭଦ୍ର ଜେନା, ଜଗବନ୍ଧୁ ନାୟକ, ସୁଧାଂଶୁ ପଡିଆରୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଏଥିପାଇଁ ସେମାନେ କେନ୍ଦୁଝର ଜିଲ୍ଲାପାଳ, ପଞ୍ଚାୟତରାଜ ସଚିବ, ପଞ୍ଚାୟତିରାଜ ମନ୍ତ୍ରୀ ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଥିବା ବେଳେ ହାଟଡ଼ିହୀ ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଟ୍ରେନ୍‌ରେ ଖାଦ୍ୟ ଖାଇ ୮ ଛାତ୍ରୀ ଅସୁସ୍ଥ



ଆନନ୍ଦପୁର, ୧୧।୧୧(ସମିସ): କେନ୍ଦୁଝର ଜିଲ୍ଲା ବିହାର ବାଙ୍କାଠାରେ ଥିବା ଜବାହାର ନବୋଦୟ ବିଦ୍ୟାଳୟର ୮ ଛାତ୍ରୀ ଝାଡ଼ାବାନ୍ତିରେ ଗୁରୁତର ହୋଇପଡ଼ିବାରୁ ସମସ୍ତ ଛାତ୍ରୀଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଖାଦ୍ୟ ବିଷକ୍ରିୟାଜନିତ ଛାତ୍ରୀମାନେ ଏପରି ଅସୁସ୍ଥ ହୋଇଥିବା ସୂଚନା ମିଳିଛି। ମାଇଗ୍ରେସନ୍ ନିୟମ ଅନୁସାରେ ଛାତ୍ରଛାତ୍ରୀମାନେ ସେଠାରୁ ୯ ତାରିଖରେ ବାହାରି ହଦଗଡ ଆସୁଥିଲେ। ତେବେ ଟ୍ରେନ୍‌ଟି ପ୍ରାୟ ୧୦ ଘଣ୍ଟା ବିଳମ୍ବରେ ଆସୁଥିବାରୁ କିଛି ଖାଦ୍ୟ ଖାଇଥିଲେ। ଗତକାଲି ସେମାନେ ଆସି ପହଞ୍ଚିବା ପରେ ଛାତ୍ରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ଗୁରୁତର ହେବାରୁ ସେମାନଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଇଛନ୍ତି ସ୍କୁଲ କର୍ମଚାରୀ। ଏମାନଙ୍କ ସହ ବିହାରରୁ ମଧ୍ୟ କେତେକ ଛାତ୍ର ଆସିଛନ୍ତି। ହେଲେ ସେମାନେ ସୁସ୍ଥ ଥିବା ଷ୍ଟାଫ ନର୍ସ ପ୍ରକାଶ କରିଛନ୍ତି।

# ଆମ୍ବେଦକର ସେବାସଙ୍ଘ ପକ୍ଷରୁ ରାଣୀଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୧୧।୧୧ (ସମିସ): ସଙ୍ଗମ (ବୀଣାପାଟିଆ) ଗ୍ରାମର ଆଦିବାସୀ ଛାତ୍ରୀ ସାଲଖାନ୍ ହେମ୍ବ୍ରମ ଓ ଶୁଠା ହେମ୍ବ୍ରମଙ୍କ ଝିଅ ରାଣୀ ହେମ୍ବ୍ରମଙ୍କୁ ଆନନ୍ଦପୁର ବାବା ସାହେବ ଆମ୍ବେଦକର ସେବାସଂଘ କର୍ମକର୍ତ୍ତାମାନେ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ନିଟ୍ ପ୍ରବେଶିକା ପରୀକ୍ଷାରେ ସଫଳ ହୋଇ ଫୁଲବାଣୀ ମେଡିକାଲ କଲେଜରେ ଡାକ୍ତରୀ ପାଠ ପଢିବାକୁ ନାମ ଲେଖାଇଥିବା ରାଣୀଙ୍କ ଏହି ସଫଳତାରେ ଖୁସି ହୋଇ ସେବାସଂଘର କର୍ମକର୍ତ୍ତା ତାଙ୍କ ଅଭିନନ୍ଦନ ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରି ଆଗାମୀ ଭବିଷ୍ୟତର ଶୁଭେଚ୍ଛା ଜଣାଇଥିଲେ। ସେବାସଂଘର ସାଧାରଣ ସମ୍ପାଦକ ଆଇନଜୀବୀ ଚତୁର୍ଭୁଜ ଜେନା ରାନୀଙ୍କୁ ପଢ଼ିବା ସମୟରେ ଯଥାସମ୍ଭବ ଆର୍ଥିକ ସହାୟତା କରିବାକୁ କଥା ଦେଇଛନ୍ତି। ଏହି ସମୟରେ ସେବାସଂଘର ମୁଖ୍ୟ ଉପଦେଷ୍ଟା ଅକ୍ରୁର ଚରଣ ଜେନା, ସଭାପତି ଚତୁର୍ଭୁଜ ଦାସ, ଉପସଭାପତି ପ୍ରାଣନାଥ ଜେନା ଏବଂ ଶ୍ରୀକାନ୍ତ ଜେନା, ସହସାଧାରଣ ସମ୍ପାଦକ ସୁରେଶ କୁମାର ଜେନା, ସାଂସ୍କୃତିକ ସମ୍ପାଦକ କଳାକାର ଜେନା, ଉପଦେଷ୍ଟା ହରିହର ଦାସ, ଅଭିମନ୍ୟୁ ଜେନା, ବିଦେଶୀ ଚରଣ ଜେନା, ପଦ୍ମନାଭ ଜେନା, ମାଆ ଶୁଠା ହେମ୍ବ୍ରମ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ହଷ୍ଟେଲରେ ନିଆଁରେ ପୋଡ଼ି ଛାତ୍ରୀ ଗୁରୁତର

ତୁରୁମୁଙ୍ଗା, ୧୧।୧୧(ସମିସ): ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଡୁମୁରିଆ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୪୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସରେ ସୋମବାର ରାତିରେ ନିଆଁ ପୋଉଁଥିବା ସମୟରେ ଦେହରେ ନିଆଁ ଲାଗି ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଟଣା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଛାତ୍ରୀ ହେଲେ ତୁରୁମୁଙ୍ଗା ଥାନା କେନ୍ଦେଇପଶି ପଞ୍ଚାୟତ ଗମ୍ଭାରୀଆ ଗ୍ରାମର ଜୟନ୍ତୀ ମୁଣ୍ଡା (୭)। ସେ ବିଦ୍ୟାଳୟର ଛାତ୍ରାବାସରେ ରହି ପଢୁଥିଲେ। ଗତକାଲି ସନ୍ଧ୍ୟାରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଅନ୍ୟ ସହପାଠୀଙ୍କ ସହ ନିଆଁ ପୁଇଁ ହେଉଥିବା ସମୟରେ ହଠାତ ଦେହରେ ନିଆଁ ଲାଗି ଯାଇଥିଲା। ପରେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ ହଷ୍ଟେଲରେ ଛାତ୍ରୀଙ୍କ ଦେହରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ଏନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନନ୍ତ ଚରଣ ମୁର୍ମୁ ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସିପ୍ରାରାଣୀ ମହାନ୍ତଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଛାତ୍ରୀଙ୍କ ପିଠି, ପେଟ ଓ ଜଙ୍ଘରେ ନିଆଁ ଲାଗିଥିଲା।



# ବୋଉଲାଖଣିରୁ ଲୋଡିଂ ଅନୁମତି ପାଇଁ ଦାବି

ଆନନ୍ଦପୁର, ୧୧।୧୧ (ସମିସ): ଆନନ୍ଦପୁର ଉପଖଣ୍ଡର ବୋଉଲା ଓଏମସି ଖଣିରୁ ଢେଙ୍କା, ସଢ଼ା ପଞ୍ଚାୟତର ଟ୍ରକ୍ ମାଲିକଙ୍କୁ ଲୋଡିଂ ଦିଆଯାଉ ନଥିବାରୁ କେତେକ ଟ୍ରକ ମାଲିକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସମସ୍ତଙ୍କୁ ସମାନ ନୀତିରେ ପରିବହନ ଅନୁମତି ଦେବା ଉଦ୍ଦେଶ୍ୟରେ ମାଲିକମାନେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବୋଉଲା ମାଇନ୍ସରୁ ପ୍ରତ୍ୟେକ ଦିନ ୨୦ଟି ଟ୍ରକ୍‌କୁ କ୍ରୋମାଇଟ ଲୋଡିଂ ଦିଆଯାଉଥିବା ବେଳେ ସ୍ଥାନୀୟ ଢେଙ୍କା ଓ ସଢ଼ା ପଞ୍ଚାୟତର ୧୬ ଜଣ ମାଲିକଙ୍କ ୩୧ଟି ଗାଡ଼ିକୁ ଗତ ୨୦୨୫ ଜୁନ୍ ମାସରୁ ଲୋଡ୍ ବନ୍ଦ କରି ଦିଆଯାଇଥିବାର ଅଭିଯୋଗ ହୋଇଛି। ଅନ୍ୟ ଅଞ୍ଚଳର ଟ୍ରକ୍‌କୁ ଲୋଡ ଦିଆଯାଉଥିବା ବେଳେ ବୋଉଲା ଅଞ୍ଚଳକୁ ଲାଗି ରହିଥିବା ସଢ଼ା ଓ ଢେଙ୍କା ପଞ୍ଚାୟତ ଟ୍ରକ୍ ମାଲିକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଲୋଡିଂ ଦିଆଯାଉ ନଥିବାରୁ ସୋମବାର ଟ୍ରକ୍ ମାଲିକମାନେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ସାକ୍ଷାତ କରି ଏହାର ପ୍ରତିକାର ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ଯଦି ଢେଙ୍କା ଓ ସଢ଼ା ପଞ୍ଚାୟତର ଟ୍ରକ୍‌ଗୁଡ଼ିକୁ ଲୋଡ୍ ଦିଆ ନଯାଏ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମାଲିକମାନେ ପ୍ରକାଶ କରିଛନ୍ତି।



# ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର

ଆନନ୍ଦପୁର, ୧୧।୧୧ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ୫ମ, ୬ଷ୍ଠ, ୭ମ ଶ୍ରେଣୀର ଶିଶୁ ଭଉଣୀଙ୍କୁ ନେଇ କନ୍ୟା ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୁନିମତୀ ଝରଣା ଦେବୀ (ଓଁକାରମୟ ଯୋଗାଶ୍ରମର ପ୍ରଚାର ଓ ପ୍ରସାର ମନ୍ତ୍ରୀ) ଯୋଗଦାନ କରିଥିଲେ। ଡାକ୍ତର ଲିପିପୁଷ୍ପା ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର କନ୍ୟାଭାରତୀ ପ୍ରଶ୍ନ ପ୍ରମୁଖ ଗୁରୁମା ମାନସ ମଞ୍ଜରୀ ସାହୁ କନ୍ୟା ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶଙ୍ଖ ଫୁଙ୍କା, ହୁଳହୁଳି, ଗୀତାପାଠ, ଝୋଟି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, ସଦସ୍ୟା ମୋହିନୀ ମହାନ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଆଚାର୍ଯ୍ୟ ତୃପ୍ତିରାଣୀ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଗୁରୁମା ଅହଲ୍ୟା ପରିଚାଳନା କରିଥିଲେ। ସମସ୍ତ ଗୁରୁମା ସହଯୋଗ କରିଥିଲେ।



**କୌଶଳଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ**

# ୨୨ ଗ୍ରାମୀଣ ମହିଳାଙ୍କୁ ନିଯୁକ୍ତି

କେନ୍ଦୁଝର, ୧୧।୧୧ (ସମିସ)

କୌଶଳଭିତ୍ତିକ ନିଯୁକ୍ତି ମାଧ୍ୟମରେ ଗ୍ରାମୀଣ ଯୁବକଯୁବତୀମାନଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, କେନ୍ଦୁଝର କେନ୍ଦ୍ରର ୨୨ ଜଣ ପ୍ରାର୍ଥୀ ଭାରତ ସରକାରଙ୍କ ପ୍ଲେସମେଣ୍ଟ ଲିଙ୍କ୍ଡ୍ ଟ୍ରେନିଂ ପ୍ରୋଗ୍ରାମ୍ ଅଧୀନରେ ହାଇଦ୍ରାବାଦ ଏବଂ ତିରୁଚିରାପାଲିରେ ଚାକିରି ସୁଯୋଗ ପାଇଛନ୍ତି। ଏହି ପ୍ରାର୍ଥୀମାନଙ୍କୁ କେନ୍ଦୁଝର ମାଇନିଂ ରୋଡସ୍ଥିତ ଦକ୍ଷତା ବିକାଶ ଏବଂ ସମ୍ପ୍ରସାରଣ କେନ୍ଦ୍ର (ଝଉରଉ)ରେ ତାଲିମ ଦିଆଯାଇଥିଲା। ଏହି ତାଲିମ କେନ୍ଦ୍ରକୁ ଡାଲମିଆ ଭାରତ ଫାଉଣ୍ଡେସନ ଦ୍ୱାରା ପରିଚାଳନା କରାଯାଉଛି।

ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଟ୍ରେଡ୍ ଅଧୀନରେ, ମୋଟ ୧୬ ଜଣ ପ୍ରାର୍ଥୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଲିମ ନେଇଥିଲେ। ସେମାନଙ୍କ ମଧ୍ୟରୁ ୧୨ ଜଣ ପ୍ରାର୍ଥୀଙ୍କୁ ଲା ମ୍ୟାକଲିନ୍ ଇଣ୍ଡିଆ ଲିମିଟେଡ୍, ହାଇଦ୍ରାବାଦରେ ନର୍ସିଂ ଆସିଷ୍ଟାଣ୍ଟ ଭାବରେ ନିଯୁକ୍ତି ମିଳିଛି। ଏବେ ସେମାନେ ହାଇଦ୍ରାବାଦର ଇଓଏ ହସ୍ପିଟାଲରେ କାର୍ଯ୍ୟ କରିପାରିବେ। ସେହିପରି, ସିଲାଇ ମେସିନ୍ ଅପରେଟର୍ ଟ୍ରେଡ୍‌ରେ, ୧୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଶ୍ରୀ ସରଭାନା ମିଲ୍ସ ପ୍ରାଇଭେଟ୍ ଲିମିଟେଡ୍, ତିରୁଚିରାପାଲି, ତାମିଲନାଡୁର ଏକ ୟୁନିଟ୍ କଲର୍ ଜର୍ସି ସଂସ୍ଥାରେ ନିଯୁକ୍ତି ମିଳିଛି। ସଫଳ ପ୍ରଶିକ୍ଷାର୍ଥୀମାନଙ୍କୁ ଡିଏମଏଫ କେନ୍ଦୁଝରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ରିନା ପ୍ରଧାନ ଏବଂ କେନ୍ଦୁଝରର ଜିଲ୍ଲା ପରିଷଦର ସିଡିଓ-କମ-ଇଓ କୁମାର ନାଗଭୂଷଣ ସମ୍ମାନିତ କରିଛନ୍ତି।

ନିଯୁକ୍ତି ଭିତ୍ତିକ ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଚାହିଦା-ଅନୁଯାୟୀ ବୃତ୍ତିଗତ ତାଲିମ ଏବଂ ସଂଗଠିତ କ୍ଷେତ୍ରରେ ନିଶ୍ଚିତ ନିଯୁକ୍ତି ମାଧ୍ୟମରେ ନିଯୁକ୍ତି କ୍ଷମତା ବୃଦ୍ଧି କରିବା। ଏହା ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ମୁଖୀ ତାଲିମ ଏବଂ ନିଶ୍ଚିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, ଖଣି ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ଜୀବିକା ସୃଷ୍ଟି ଏବଂ ଅନ୍ତର୍ଭୁକ୍ତ ବିକାଶ ସୁନିଶ୍ଚିତ କରିବା। ସମ୍ମାନ ସମାରୋହରେ ପବନ କୁମାର, ଶିକ୍ଷାନବୀଶ ଆଇଏଏସ୍ ଜିଲ୍ଲା ଦକ୍ଷତା ବିକାଶ ଏବଂ ନିଯୁକ୍ତି ଅଧିକାରୀ ଗଣେଶ୍ୱର ନାୟକ ଓ କେନ୍ଦ୍ର ପରିଚାଳକ ନିମାଇଁ ନାୟକ ଉପସ୍ଥିତ ଥିଲେ।



### ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୯ମ ସନ୍ଧ୍ୟା

# କୁନିକୁନି କଳାକାରଙ୍କ ନୃତ୍ୟରେ ଦର୍ଶକ ବିମୋହିତ





ବାରିପଦା, ୧୧।୧୧(ସମିସ): ଭଂଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୯ମ ସନ୍ଧ୍ୟାରେ ଜୁନିୟର ଗ୍ରୁପର ସୋଲୋ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ୧୦ ବର୍ଷରୁ କମ ୧୨୪ ଜଣ ପ୍ରତିଯୋଗୀଙ୍କୁ ନେଇ ଏକ ଅଡିସନ ହୋଇଥିଲା। ସେମାନଙ୍କ ମଧ୍ୟରୁ ଯେଉଁ ୬୯ ଜଣ ଫାଇନାଲକୁ ଉନ୍ନୀତ ହୋଇଥିଲେ। ପରେ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍ନେହାଶ୍ରୀ ସଲୋନୀ କାର୍ଯ୍ୟକ୍ରମର ଉପସ୍ଥାପନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ୧୪ ତାରିଖ ଉଦଯାପନୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କାର୍ଯ୍ୟକ୍ରମ ମୁଖ୍ୟ ପ୍ରିତମ ପଣ୍ଡା ଜଣାଇଛନ୍ତି। ବାଲେଶ୍ୱରର ରମିୟା ହୁଇ ଏବଂ ବାରିପଦାର ମେଘା ସାହା ବିଚାରକ ଭାବେ ଯୋଗ ଦେଇଥିଲେ। କୁନିକୁନି କଳାକାରଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ତଥା ଅବିନାଶ ରଥ, ଅନିଶ ମିଶ୍ର, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ। ଆସନ୍ତାକାଲି ସିନିୟର ସୋଲୋ, ଡୁଏଟ ଏବଂ ଗ୍ରୁପ ଡ୍ୟାନ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ଯେ, ସୋମବାର ଅଷ୍ଟମ ସନ୍ଧ୍ୟାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ■ 'ମୁଁ ସ୍ୱାବଲମ୍ବୀ ହେବି' ଦାବିରେ ଡିସେମ୍ବର ୨୨ରେ ଭଞ୍ଜସେନାର ଗଣଧାରଣା

# ସଂଗଠନର ସମସ୍ତ କମିଟି ଭଙ୍ଗ ହେଲା

ବାରିପଦା, ୧୧।୧୧(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ସହିତ ପରିବେଶ ଜଙ୍ଗଲ, ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା, ବନ୍ୟଜାତ ଦ୍ରବ୍ୟ ତଥା ହସ୍ତତନ୍ତ କୁଟୀର ଶିଳ୍ପରୁ ପ୍ରସ୍ତୁତ ସମାଗ୍ରୀର ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଜିଲ୍ଲାର ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ। ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ସେ ବାବଦରେ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ଆଗାମୀ ଡିସେମ୍ବର ୨୨ ତାରିଖରେ ଏକ ବିଶାଳ ଗଣଧାରଣା ଦିଆଯିବ। ଜିଲ୍ଲାରେ ବସବାସ କରୁଥିବା ପ୍ରତ୍ୟେକ କୁଶଳୀ କାରିଗର ସହିତ ବିଭିନ୍ନ କଞ୍ଚାମାଲ ସଂଗ୍ରହ କରୁଥିବା ଶ୍ରମିକଙ୍କୁ ନେଇ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ମୁଁ ସ୍ୱାବଲମ୍ବୀ ହେବି'ର ଦାବି ନେଇ ଏକ ଗଣଧାରଣା ଦିଆଯିବ। କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲା ପ୍ରଶାସନକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସୂଚନା ଦେଇଛନ୍ତି। ଏଥିସହିତ ଶ୍ରୀ ଜେନାଙ୍କ ଅନୁମୋଦନ କ୍ରମେ ସଂଗଠନର ସମସ୍ତ ଜିଲ୍ଲା, ଉପଖଣ୍ଡ, ପୌରାଞ୍ଚଳ, ଏନ୍‌ଏସି, ବ୍ଲକ ସମେତ ସମସ୍ତ ଛାମୁଆ (ଯୁବ, ଛାତ୍ର, ମହିଳା) ସଂଗଠନର ପୂର୍ବରୁ ଥିବା କମିଟିକୁ ଭାଙ୍ଗି ଦିଆଯାଇଛି। ପର୍ଯ୍ୟାୟ କ୍ରମେ ଜିଲ୍ଲାର ନ୍ୟାର୍ଯ୍ୟ ଦାବିଗୁଡିକୁ ହାସଲ କରିବା ପାଇଁ ଜିଲ୍ଲା ପ୍ରୀତି ସହିତ ସାଙ୍ଗଠନିକ ଦକ୍ଷତା ସମ୍ପନ୍ନ ଯୁବ ଛାତ୍ର ସଂଗଠକଗୁଡିକୁ ଦାୟିତ୍ୱ ଦିଆଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

### ■ ରୁଙ୍ଗ୍‌ଟା କମ୍ପାନୀ କର୍ମଚାରୀଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ଘଟଣା

# ଆନନ୍ଦପୁର ଗ୍ରାମବାସୀଙ୍କ ବିରୋଧରେ ମାମଲା ରୁଜୁ

ରାଇରଙ୍ଗପୁର,୧୧।୧୧(ସମିସ):



ରାଇରଙ୍ଗପୁର ଅଞ୍ଚଳରେ ରୁଙ୍ଗ୍‌ଟା କମ୍ପାନୀ ସ୍ଥାପନ ନିମନ୍ତେ ଆଦିବାସୀଙ୍କ ଜମି ହାତେଇବାକୁ ନଜର ରହିଛି। ଏନେଇ ରୁଙ୍ଗଟା କମ୍ପାନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ବାରମ୍ବାର ବିବାଦ ଦେଖିବାକୁ ମିଳୁଛି। ଗତ ସୋମବାର ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମବାସୀଙ୍କ ସହ କମ୍ପାନୀ କର୍ମଚାରୀ ଆଲୋଚନା ନିମନ୍ତେ ଯାଇଥିବା ବେଳେ ଉତ୍ତେଜିତ ଗ୍ରାମବାସୀ ସେମାନଙ୍କୁ ବିଦ୍ୟୁତ ଖୁଣ୍ଟିରେ ବାନ୍ଧି ଦେଇଥିଲେ। ଜମି ଅଧିଗ୍ରହଣ କରିବାକୁ ଗ୍ରାମବାସୀଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ସାଦା କାଗଜରେ ଦସ୍ତଖତ କରାଉଥିବା ସମୟରେ ଗ୍ରାମବାସୀ ପହଞ୍ଚି ରୁଙ୍ଗଟା କର୍ମଚାରୀଙ୍କୁ ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ସହିତ ଜୋତା ମାଳ ପିନ୍ଧାଇଥିଲେ। ଏ ନେଇ କମ୍ପାନୀ କର୍ମଚାରୀଙ୍କ ଅଭିଯୋଗକ୍ରମେ ଆନନ୍ଦପୁର ଗ୍ରାମର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ରାଇରଙ୍ଗପୁର ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରାଇରଙ୍ଗପୁରର ପୁରୁଣାପାଣି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଣ୍ଟାବଣି, ଦାଣ୍ଡବୋଷ ଓ ଆନନ୍ଦପୁର ଗ୍ରାମରେ ଆର୍‌ସି ରୁଙ୍ଗଟା ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ନେଇ ଜମି ଚିହ୍ନଟ ହୋଇଛି। ହେଲେ କମ୍ପାନୀ ଶିଳ୍ପ ପ୍ରତିଷ୍ଠାକୁ କିଛି ଗ୍ରାମବାସୀ ବିରୋଧ କରୁଛନ୍ତି। ଏ ନେଇ ପୂର୍ବରୁ କଣ୍ଟାବଣିରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା; କିନ୍ତୁ ସମସ୍ୟା ସମାଧାନ ପରିବର୍ତ୍ତେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଉକ୍ତ ଅଞ୍ଚଳରେ ବହୁ ବର୍ଷ ହେବ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ତାଙ୍କ ଭିଟାମାଟିରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଜମି ହାତେଇବାକୁ ଆନନ୍ଦପୁର ଗ୍ରାମରେ ଆରସି ରୁଙ୍ଗଟାର କର୍ମଚାରୀ ସୁରଜ୍ ତାମୁଡିଆଙ୍କ ସମେତ ୩ଜଣ ଗ୍ରାମବାସୀଙ୍କ ପାଖକୁ ଯାଇ ଅର୍ଥ ପ୍ରଲୋଭନ ଦେଖାଉଥିଲେ। କାଗଜରେ ଦସ୍ତଖତ କରାଇବା ପ୍ରୟାସ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଗ୍ରାମବାସୀ କର୍ମଚାରୀଙ୍କୁ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଟାଉନ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିଥିଲେ। କର୍ମଚାରୀଙ୍କ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରିଛନ୍ତି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ କହିଛନ୍ତି।

## ନିଖୋଜ ଡାକ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାରିପଦା, ୧୧।୧୧(ସମିସ): ବାରିପଦା ଉପକଣ୍ଠ କାଠପାଳ ସୁବର୍ଣ୍ଣରେଖା କେନାଲ ପାଶ୍ୱର୍ ଜଙ୍ଗଲରୁ ୩ ଦିନ ଧରି ନିଖୋଜ ଥିବା ଜଣେ ଡାକ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। କେନାଲ ପାଶ୍ୱର୍ରେ ଏକ ସ୍କୁଟି ୩ ଦିନ ହେବ ଛିଡା ହୋଇଥିବା ଦେଖି ସରପଞ୍ଚ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଶବବ୍ୟବଚ୍ଛେଦ କରାଇଛି। ମୃତକ ଜଣଙ୍କ ହେଲେ ବଡସାହି ଥାନା ହଳଦୀପଦା ଗ୍ରାମର ବାପୁନ ଓରଫ ଶିବଶଙ୍କର ନାୟକ(୨୬)। ସେ ଅନଲାଇନ ଗେମରେ ଟଙ୍କା ବିନିଯୋଗ ପରେ ସର୍ବସ୍ୱାନ୍ତ ହୋଇଥିଲେ। ବହୁ ଧାରକରଜ ଓ ଋଣରେ ବୁଡି ରହିଥିବାରୁ ଚାପଗ୍ରସ୍ତ ହୋଇ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ବେତନଟୀ ଆଇଆଇସି ସସ୍ମିତା ମହାନ୍ତ କହିଛନ୍ତି।

## ଏମପିସି କଲେଜରେ ଜାତୀୟ ଶିକ୍ଷା ଦିବସ

ବାରିପଦା, ୧୧।୧୧(ସମିସ): ସ୍ଥାନୀୟ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଦେଶର ପ୍ରଥମ ଶିକ୍ଷା ମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଏହି ଉପଲକ୍ଷେ ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ 'ଦେଶ ଗଠନରେ ଶିକ୍ଷାର ଭୂମିକା: ଅତୀତ ଓ ବର୍ତ୍ତମାନ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାରିପଦା ଓ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ବାଲେଶ୍ୱରର ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ନିପୁଣ ଓଡ଼ିଶା ଶିକ୍ଷା କର୍ମୀଙ୍କ ଅନିର୍ଦ୍ଦିଷ୍ଟ ଧାରଣା



ବାରିପଦା, ୧୧।୧୧(ସମିସ): ସାକ୍ଷରତା କାର୍ଯ୍ୟକ୍ରମ ନିପୁଣ ଓଡିଶାରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲ୍ଲାର ୬୦୦୦ କର୍ମୀ ଦୀର୍ଘ ଦିନ ହେଲା (ଚାକିରି ଆରମ୍ଭରୁ) ସେମାନଙ୍କ ପାରିଶ୍ରମିକ ପାଇବାରୁ ବଞ୍ଚିତ ଅଛନ୍ତି। ମଙ୍ଗଳବାର (ମାଆ ଅମ୍ବିକା ମହିଳା ମଣ୍ଡଳ ଫେଡେରେସନ) ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଇଥିଲା। ଏଥିରେ ୨୬ଟି ବ୍ଲକରୁ ପ୍ରାୟ ୩୦୦କର୍ମୀ ସାମିଲ ହୋଇଥିଲେ। ଖବର ପାଇ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ୟା ସମାଧାନ ପାଇଁ ସଂଘର ସଭାନେତ୍ରୀ, ସମ୍ପାଦିକା ଓ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ପରେ ବି ସମାଧାନ ପନ୍ଥା ବାହାରି ନ ଥିଲା। ଅଫିସ ସମୟ ଅତିକ୍ରାନ୍ତ ପରେ ଶ୍ରୀ ସେଠୀ ଓ ତାଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ/କର୍ମଚାରୀ ତାଲା ପକାଇ ପଳାଇଥିବା ବେଳେ ନିପୁଣ ଓଡିଶା କର୍ମୀଙ୍କ ଜିଲ୍ଲା ସଂଘର କର୍ମକର୍ତ୍ତା ଖୋଲା ଆକାଶ ତଳେ ଧାରଣାରେ ବସିଛନ୍ତି।

## ସାଇବର ଅପରାଧ ସଚେତନତା ପାଇଁ ସାଇକ୍ଲୋଥନ୍



ବଡବିଲ,୧୧।୧୧ (ସମିସ): ସାଇବର ଅପରାଧ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ବଡ଼ବିଲ ପୁଲିସ ତତ୍ତ୍ୱାବଧାନରେ ସାଇକ୍ଲୋଥନ ବା ସାଇକଲ ରାଲିର ଆୟୋଜନ କରାଯାଇଥିଲା। ସ୍ଥାନୀୟ କିରିବୁରୁ ଛକ ନିକଟରେ ସମସ୍ତେ ଏକତ୍ର ହେବା ପରେ ସାଇବର ଅପରାଧ ଓ ଏହାର ନିରାକରଣ ବିଷୟରେ ପଥପ୍ରାନ୍ତ ନାଟକ ସହ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ଦିଆଯାଇଥିଲା। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପୀଙ୍ଗୁଆ, ଥାନାଧିକାରୀ ଅଶୋକ କୁମାର ନାୟକ, ସଂସଦ ପ୍ରତିନିଧି ନୀଳମଣି ମହାନ୍ତ ଓ ଓବିସି ମୋର୍ଚ୍ଚା ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ତତ୍ତ୍ୱାବଧାନରେ ବଡ଼ବିଲ ସିଭିଲ ସୋସାଇଟି ସହଯୋଗରେ ଆୟୋଜନ କରାଯାଇଥିଲା। ସାଇବର ଠକଙ୍କ ସଂସ୍ପର୍ଶରେ ଆସିଥିବା ବିକାଶ କୁମାର ଓ ଦେବକାନ୍ତ ଦାସ ସଚେତନତା ସୃଷ୍ଟି କରିଥିଲେ। ଛକ ନିକଟରୁ ଶତାଧିକ ସଂଖ୍ୟାରେ ସ୍କୁଲ ପିଲା ଏବଂ ସହରର ନାଗରିକ ସାଇକଲ ଯୋଗେ ସହର ପରିକ୍ରମା କରିବା ପରେ ପୁରୁଣା ବସଷ୍ଟାଣ୍ଡରେ ପହଞ୍ଚି ସେଠାରେ ସ୍କୁଲ ପିଲାଙ୍କ ମଧ୍ୟରେ ପ୍ରଶ୍ନ ଉତ୍ତର ପ୍ରତିଯୋଗିତାର ଆୟୋଜନସ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାଲଡିଆ ଡ୍ୟାମ ନିକଟରେ ହାତୀପଲ; ବିପଦରେ ଶାବକ



ବାରିପଦା, ୧୧।୧୧(ସମିସ): ଶିମିଳିପାଳ ଅଭୟାରଣ୍ୟର ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ବାଲଡ଼ିଆ ଡ୍ୟାମ ନିକଟରେ ମଙ୍ଗଳବାର ହାତୀପଲ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପର୍ଯ୍ୟଟକ ଓ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ଏକ ୪ ଟିକିଆ ହାତୀ ପଲ ମଧ୍ୟରେ ରହିଛି ଏକ ଶାବକ। ଜଳଭଣ୍ଡାର ଓ କେନାଲ ପାଇଁ ଶାବକର ଜୀବନ ପ୍ରତି ବିପଦ ଦେଖାଦେଇଛି। ମଙ୍ଗଳବାର ଅପରାହ୍ନରେ ଖାଦ୍ୟ ଅନ୍ୱେଷଣରେ ଏହି ହାତୀପଲ ଜନବସତି ନିକଟତର ହୋଇଥିଲେ। ଏନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ନ ହାତୀ ପଲର ଗତିବିଧି ଅନୁଧ୍ୟାନ କରି ଜନବସତିରୁ ଦୂରକୁ ନେଇଥିଲେ। ଉକ୍ତ ସମୟରେ ବାଲଡ଼ିଆ ଡ୍ୟାମର ଜଳରାଶି ଦେଖି ହାତୀ ପଲ ଡ୍ୟାମ ଆଡ଼କୁ ମୁହାଁଇଥିଲେ। ତେବେ ହାତୀ ପଲ ଦେଖି ପର୍ଯ୍ୟଟକ ଓ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇଯାଇଥିଲେ। ହାତୀ ପଲ ଡ୍ୟାମରୁ ବାହାରି ଥିବା କେନାଲ ପାଣିରେ କିଛି ସମୟ ଜଳ କ୍ରୀଡା କରିଥିଲେ। ହାତୀ ପଲଙ୍କୁ ଦେଖିବାକୁ ଲୋକେ ଭିଡ଼ ଜମାଇଥିଲେ। ଉକ୍ତ ପଲରେ ହାତୀ ଶାବକ ଥିବା ବେଳେ ସେ ପାଣି ସ୍ରୋତ ପାର ହୋଇଯାଉଛି। ଯାହାକି ବିପଦର କାରଣ ସାଜିବାର ସମ୍ଭାବନା ରହିଛି।

### କୁଡୁମୀଙ୍କୁ ଏସଟି ତାଲିକାରେ ସାମିଲ ନ କରିବାକୁ ଦାବି

# ଆଦିବାସୀ କ୍ରାନ୍ତି ମୋର୍ଚ୍ଚାର ଦୃଢ଼ ବିରୋଧ



ବାରିପଦା,୧୧।୧୧(ସମିସ): କୁଡ଼ମୀ (କୁର୍ମୀ) ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି (ଏସଟି) ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ କରାଯାଇଥିବା ଦାବିକୁ ଆଦିବାସୀ କ୍ରାନ୍ତି ମୋର୍ଚ୍ଚା କଡ଼ା ବିରୋଧ କରିଛି। ଏହା ବିରୋଧରେ ସଂଗଠନ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଚିଠି ଲେଖି ଯୁକ୍ତିଯୁକ୍ତ କାରଣ ଉପସ୍ଥାପନ କରିଛି। ସଂଗଠନର ଯୁକ୍ତି ଅନୁଯାୟୀ, ଲୋକୁର କମିଟି ନିର୍ଦ୍ଧାରିତ ପାଞ୍ଚଟି ମୌଳିକ ଲକ୍ଷଣ ପ୍ରାଥମିକ ଜୀବନଶୈଳୀ, ସ୍ୱତନ୍ତ୍ର ସଂସ୍କୃତି, ଭୌଗୋଳିକ ବିଚ୍ଛିନ୍ନତା, ସାଧାରଣ ସମାଜଠାରୁ ଦୂରତା ଓ ପଛୁଆପଣ କୁଡ଼ମୀ ସମ୍ପ୍ରଦାୟ ପୂରଣ କରୁନାହାନ୍ତି। କୁଡ଼ମୀମାନେ କୃଷିପ୍ରଧାନ, ହିନ୍ଦୁ ଧର୍ମାନୁଷ୍ଠାନ ପାଳନକାରୀ ଏବଂ ମୁଖ୍ୟଧାରାର ସାମାଜିକ ବ୍ୟବସ୍ଥାରେ ସଂପୂର୍ଣ୍ଣ ସମ୍ମିଶ୍ରିତ। ଆଦିବାସୀମାନେ ନିଜସ୍ୱ ସଂସ୍କୃତି, ଅନୁଷ୍ଠାନ ଓ ବିଶ୍ୱାସରେ ଅଟଳ। କୁଡ଼ମୀମାନେ ପୂର୍ବରୁ ଅନ୍ୟ ପଛୁଆ ଶ୍ରେଣୀ (ଓବିସି) ସୁବିଧା ଭୋଗ କରୁଥିବା ବେଳେ ଆଦିବାସୀମାନେ ଶତାବ୍ଦୀ ଧରି ବଞ୍ଚନା, ବିସ୍ଥାପନ ଓ ଶୋଷଣର ଶିକାର ହୋଇଆସିଛନ୍ତି। ଐତିହାସିକ ଓ ନୃତାତ୍ତ୍ୱିକ ରିପୋର୍ଟ ଅନୁସାରେ କୁଡ଼ମୀଙ୍କୁ କେବେବି ଆଦିବାସୀ ଭାବେ ଶ୍ରେଣୀବଦ୍ଧ କରି ନାହାନ୍ତି। ୧୯୫୦ ମସିହାରେ ସମ୍ବିଧାନ ପ୍ରଣୟନ ସମୟରୁ ହିଁ ଏହି ସମ୍ପ୍ରଦାୟ ଏସ୍ଟି ତାଲିକା ବାହାରେ ରହିଛି। ରିଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆର୍‌ଜିଆଇ) ଓ ଜନଜାତୀୟ କାର୍ଯ୍ୟ ମନ୍ତ୍ରଣାଳୟ ମଧ୍ୟ ଏହି ଦାବିକୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଆଦିବାସୀ କ୍ରାନ୍ତି ମୋର୍ଚ୍ଚା ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛି ଯେ, ରାଜନୈତିକ ଲାଭ ଉଦ୍ଦେଶ୍ୟରେ ଉଠାଯାଇଥିବା ଏହି ଦାବି ପ୍ରତ୍ୟାଖ୍ୟାନ କରାଯାଉ, ଜନଜାତି ତାଲିକାର ପବିତ୍ରତା ରକ୍ଷା କରାଯାଉ ଏବଂ ଆଦିବାସୀଙ୍କ ସାଂବିଧାନିକ ଅଧିକାର ଓ ପରିଚୟ ସୁରକ୍ଷିତ ରହୁ। କୌଣସି ଅନ୍ତର୍ଭୁକ୍ତି ପ୍ରସ୍ତାବ ବିଚାର ପୂର୍ବରୁ ଲୋକୁର କମିଟିର ମାନଦଣ୍ଡ କଡ଼ାକଡ଼ି ପାଳନ ନିଶ୍ଚିତ କରାଯାଉ। ସଂଗଠନ ମତ ଦେଇଛି ଯେ, ଆଦିବାସୀ ପରିଚୟ କେବଳ ସୁବିଧା ବା ରାଜନୈତିକ ଅଧିକାର ନୁହେଁ, ଏହା ସଂଘର୍ଷ, ସଂସ୍କୃତି ଓ ଅସ୍ତିତ୍ୱର ପ୍ରତୀକ। କୁଡ଼ମୀଙ୍କୁ ଏସ୍ଟି ମାନ୍ୟତା ଦେବା ସମ୍ପୂର୍ଣ୍ଣ ସମ୍ବିଧାନ ବିରୋଧୀ ହେବ।

### ୨୦୦ ଗାଁକୁ ଜଳଯୋଗାଣ ଲକ୍ଷ୍ୟ ବାଟବଣା

# ୩୨୬ କୋଟିର ପାନୀୟଜଳ ପ୍ରକଳ୍ପ ଅଧପନ୍ତରିଆ

ହାଟଡ଼ିହୀ,୧୧।୧୧(ସମିସ):



କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ର ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ପାଇଁ ଦୁଇ ଦୁଇଟି ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ଗୋଟିଏ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲେ ମଧ୍ୟ ସବୁ ଗାଁକୁ ଜଳ ଯୋଗାଇବାରେ ବିଫଳ ହୋଇଛି ପ୍ରଶାସନ। ଏସବୁ ମଧ୍ୟରେ ୩୨୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଅନ୍ୟ ଏକ ବୃହତ୍ ପାନୀୟଜଳ ପ୍ରକଳ୍ପ ଏଯାଏ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ମଧ୍ୟ ଏହା କେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଗତ ୨୦୧୯ରେ ହାଟଡ଼ିହୀ ବ୍ଲକ୍ କାଳିଆମ୍ବ ନିକଟରେ ୩୨୬ କୋଟି ଟଙ୍କା ବ୍ୟୟରେ ବୃହତ୍ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା।

ଏହି ପ୍ରକଳ୍ପରୁ ୨୦୦ ଗାଁକୁ ପାନୀୟଜଳ ଯୋଗାଣ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ୨୦୨୨ରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କରୋନା ମହାମାରୀ ବ୍ୟାପିବାରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ଅବଧିକୁ ଆଉ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ୨୦୨୩ ଡ଼ିସେମ୍ବରରେ ଏହା କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। 'ଘରେ ନ ପଶୁଣୁ ଚାଳ ବାଜିବା' ପରି ପ୍ରଥମରୁ ହିଁ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜିଥିଲା। ଏହି ପ୍ରକଳ୍ପ ପାଇଁ ହଦଗଡ଼ ଡ୍ୟାମ୍‌ରୁ ପାଣି ଉଠାଯିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ ପାଇପ୍ ବିଛା ସରିଥିଲା। ବନବିଭାଗର ଅନୁମତି ନମିଳିବାରୁ ସ୍ଥାନ ପରିବର୍ତ୍ତନ କରାଯାଇଥିଲା। ବିଦ୍ୟାଧରପୁରସ୍ଥିତ ସାଳନ୍ଦୀ ବ୍ୟାରେଜରୁ ପାଣି ଆଣିବା ପାଇଁ ସ୍ଥିର ହୋଇଥିଲା। ବିଦ୍ୟାଧରପୁର ବ୍ୟାରେଜରୁ ଚାଷଜମିକୁ ଜଳଯୋଗାଣ ପାଇଁ ପାଣି ନିଅଣ୍ଟ ପଡୁଛି। ସେଠାରୁ କିପରି ପାଣି ଉଠାଯାଇ ୨୦୦ ଗ୍ରାମକୁ ଜଳ ଯୋଗାଣ କରାଯିବ, ତାହାକୁ ନେଇ ସେତେବେଳେ ସ୍ଥାନୀୟ ଲୋକମାନେ ପ୍ରଶ୍ନ କରିଥିଲେ। ବିଭାଗୀୟ ଅଧିକାରୀମାନେ ୨୦୨୪ ମାର୍ଚ୍ଚ ସୁଦ୍ଧା କାମ ସରିବ ବୋଲି କହିଥିଲେ। ୨୦୨୪ ମାର୍ଚ୍ଚ ଯାଇ ୨୦୨୫ ନଭେମ୍ବର ମାସ ଅଧା ହେଲାଣି। ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସମସ୍ତ ଗ୍ରାମକୁ ପାଇପ୍‌ଲାଇନ୍ ସଂଯୋଗ କାମ ସରିନାହିଁ। ବିଶେଷକରି ମରୈଗାଁ, ବଞ୍ଚୋ, ଶାସଙ୍ଗ, ବଡ଼ରମ୍ପାସ, ହାଟଡ଼ିହୀ, ପନ୍ଦାଡୋ ଭଳି କିଛି ବଡ଼ ବଡ଼ ଗ୍ରାମରେ ପାଇପ୍ ବିଛା କାମ ସରିନି। ବିଭିନ୍ନ ସ୍ଥାନରେ ବିଛା ହୋଇଥିବା ପାଇପ୍ ସବୁ ନଷ୍ଟ ହୋଇଗଲାଣି। ବାହାର ରାଜ୍ୟର ଠିକାଦାର କାମ ସମ୍ପୂର୍ଣ୍ଣ ନକରି ପ୍ରାୟ ୮୦ ଭାଗରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଛି। ଅଧିକାରୀମାନେ ବାରମ୍ବାର ଚାପ ପକାଇ କାମ କରୁଥିଲେ ମଧ୍ୟ ତାହା ସରୁନି। ଏହି ବୃହତ୍ ପ୍ରକଳ୍ପ ପାଇଁ ବ୍ଲକର ବିଭିନ୍ନ ରାସ୍ତାକୁ ଖୋଳି ପାଇପ୍ ବିଛା ହୋଇଥିବା ବେଳେ ରାସ୍ତା ମରାମତି ପ୍ରତି ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ଅନେକ ସ୍ଥାନରେ ବିଛା ଯାଇଥିବା ପାଇପ୍ ଫାଟି ରାସ୍ତାରେ ପାଣି ଭାସୁଛି। ସ୍ଥାନୀୟ ସରପଞ୍ଚଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ସମସ୍ତେ ଦାବି ଉପସ୍ଥାପନ କରୁଥିଲେ ମଧ୍ୟ ଫଳ ଶୂନ୍ ରହୁଛି। ଏ ସମ୍ପର୍କରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମାନସ ରଞ୍ଜନ ପରିଡ଼ା କହିଛନ୍ତି କି, ଅନେକ ସ୍ଥାନକୁ ପାନୀୟଜଳ ଯୋଗାଣ ହୋଇଛି। କିଛି ସ୍ଥାନକୁ ପାଇପ ବିଛା କାର୍ଯ୍ୟ ଚାଲୁ ରହିଛି। ଅଳ୍ପ ଦିନ ଭିତରେ ତାହାକୁ ସମ୍ପୂର୍ଣ୍ଣ କରାଯିବ।

## ଦକ୍ଷତା ବିକାଶ ନିଯୁକ୍ତି ସଚେତନତା ଶିବିର

### ● ୨୬୬ ଶ୍ରମକାର୍ଡ, ୧୨ ଦକ୍ଷତା ବିକାଶ ପଞ୍ଜିକୃତ



କେନ୍ଦୁଝର,୧୧।୧୧(ସମିସ): କେନ୍ଦୁଝର ସଦର ବ୍ଲକ୍ କାଉଁରୀକଳା ପଞ୍ଚାୟତ ବଉଳମାଳଠାରେ କେନ୍ଦୁଝର ବନଖଣ୍ଡ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଦକ୍ଷତା ବିକାଶ, ନିଯୁକ୍ତି, ଶ୍ରମ କାର୍ଡ ତଥା ବନାଗ୍ନି ନିରାକରଣ ଓ ବନ୍ୟଜନ୍ତୁ ସଂରକ୍ଷଣ ସମ୍ବନ୍ଧୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଏହି ସଭାରେ ଗ୍ରାମପଞ୍ଚାୟତ ଅଧିନସ୍ଥ ୩ଟି ବନ ସୁରକ୍ଷା ସମିତି ବଉଳମାଳ, ପଳାସପୋଖରୀ, ସୁନାପସି ଓ କାଉଁରୀକଳା, କୁସୁମୁଳା, ହାଣ୍ଡିଭଙ୍ଗା, କାଣିପସି, କାଠବାଉଁଶୁଳି, ସଣ୍ଡିଆପସି ଆଦି ଗ୍ରାମରୁ ପାଖାପାଖି ୩ଶହ ଲୋକଙ୍କ ସମାଗମ ହୋଇଥିଲା। କେନ୍ଦୁଝର ଶ୍ରମ କାର୍ଯ୍ୟାଳୟରୁ ସହକାରୀ ଶ୍ରମ ଅଧିକାରୀ ବିନୋଦ ବିହାରୀ ନାୟକ ଓ ସହଯୋଗୀ ଚନ୍ଦ୍ରକାନ୍ତ ତ୍ରିପାଠୀ ଶ୍ରମ କାର୍ଡର ପଞ୍ଜୀକରଣ ଓ ସୁବିଧା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। କେନ୍ଦୁଝର ବନଖଣ୍ଡ କାର୍ଯ୍ୟାଳୟରୁ ନିର୍ମଳ କୁମାର ସାହୁ ବନ୍ୟଜନ୍ତୁ ସଂରକ୍ଷଣ ଓ ବନାଗ୍ନି ନିବାରଣ ପାଇଁ ଲୋକଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟରୁ ସୁଧା ଓରାମ ସରକାରୀ ଉପଲବ୍ଧ ବିଭିନ୍ନ ମାଗଣା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପଳାଶପଙ୍ଗା ବନପାଳ ଜୟକୃଷ୍ଣ ଦାସ, ବନରକ୍ଷୀ ମଞ୍ଜୁଲତା ମୁଦି ଓ ମୋନାଲିସା ସାହୁ, କେନ୍ଦୁଝର ବନଖଣ୍ଡ ସମାଜବିତ୍ ଜୟପ୍ରକାଶ ପୃଷ୍ଟି, ପ୍ରକଳ୍ପ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୂର୍ଣ୍ଣଚନ୍ଦ୍ର ବେହେରା, ଆମ ଜଙ୍ଗଲ ଯୋଜନାର ଟିମ୍ ଲିଡର ଉଦୟନାଥ ହୋ, ସଦର ବ୍ଲକ୍ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ନାଏକ, ବଉଳମାଳ ବନ ସୁରକ୍ଷା ସମିତିର ସଭାପତି ପୂର୍ଣ୍ଣେନ୍ଦୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଏବଂ ସ୍ଥାନୀୟ ଲୋକମାନଙ୍କ ମିଳିତ ସହଯୋଗରେ ପାଖାପାଖି ୨୬୬ଟି ଶ୍ରମକାର୍ଡ ଓ ୧୨ଟି ଦକ୍ଷତା ବିକାଶ ପଞ୍ଜୀକରଣ ହୋଇଥିଲା। ଅତିଶୀଘ୍ର ପଞ୍ଜିକୃତ ଶ୍ରମକାର୍ଡ ଓ ଦକ୍ଷତା ବିକାଶ ତାଲିମ ପ୍ରଦାନର ବ୍ୟବସ୍ଥା କରାଯିବ। ଆଗାମୀ ଦିନରେ କେନ୍ଦୁଝର ବନଖଣ୍ଡ ଅଧୀନ ପାଖାପାଖି ସମସ୍ତ ଗ୍ରାମପଞ୍ଚାୟତରେ ଏହିପରି ସଚେତନତା ଶିବିର ଆୟୋଜନ କରାଯାଇ ଶ୍ରମକାର୍ଡ ଓ ନିଯୁକ୍ତିର ସୁଯୋଗ ପହଞ୍ଚାଇବାକୁ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଲକ୍ଷ୍ୟ ରଖୁଛନ୍ତି।



ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା ଅବସରରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ଅଧ୍ୟକ୍ଷା ତଥା ପ୍ରଖ୍ୟାତ ବୈଜ୍ଞାନିକ ଡ. ସୌମ୍ୟା ସ୍ୱାମୀନାଥନ୍

**ଆଜି ପ୍ରଥମାଷ୍ଟମୀ**

# ପୋଡୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର

ପୁରୀ, ୧୧।୧୧ (ସମିସ): ପ୍ରଥମାଷ୍ଟମୀରେ ପୋଡୁହାଁ ହେବେ ବଡ଼ଦେଉଳର ବଡ଼ଠାକୁର। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଧବାର ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ କରାଯିବ। ପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯିବ। ଠାକୁରଙ୍କ ମଉଳା କ୍ଷେତ୍ର କୁହାଯାଉଥିବା ପ୍ରାଚୀର ଅଧିଷ୍ଠାତା ଦେବତା ନିଆଳି ମାଧବଙ୍କ ପୀଠରୁ ଗତ ପାଞ୍ଚବର୍ଷ ହେବ ପୋଡୁଆଁ ଭାର ଆସୁଛି। ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭକ୍ତଙ୍କ ଦାନ ଆକାରରେ ଗ୍ରହଣ କରୁଛି। ଏବର୍ଷ ମଧ୍ୟ ମାଧବଙ୍କ ପୀଠରୁ ଭାର ଆସିଛି। ଏହାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଦାନ ଆକାରରେ ଗ୍ରହଣ କରିଛି।

ଅପରାହ୍ଣରେ ମାଧବ ମନ୍ଦିରରୁ ଭାର ଆଣି ଆସିଥିବା ଶ୍ରଦ୍ଧାଳୁ ପୁରୀରେ ପହଞ୍ଚିଥିଲେ। ଏହି ଭାରରେ ଅରୁଆ ଚାଉଳ, ବିରି, ନଡ଼ିଆ, ଗୁଡ଼, ଡାଲି, ପାଚିଲା କଦଳୀ, ଘିଅ ଚନ୍ଦନକାଠ, ପାନ, ଗୁଆ, ଅଳେଇଚ, ଲବଙ୍ଗ ଓ ଗୋପାଳବଲ୍ଲଭ ପାଇଁ ବିଭିନ୍ନ ଫଳମୂଳ, ତୁଳସୀ, ପଦ୍ମଫୁଲ ମାଳ ଆସିଛି।



ଶ୍ରଦ୍ଧାଳୁମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରି ଏହି ଭାର ଶ୍ରୀମନ୍ଦିରକୁ ନେଇଥିଲେ। ଆଗରେ ଭୋଇ ସେବକମାନେ ପତାକା ଧରି ଚାଲିଥିଲେ। ଢୋଲିଆ ଓ ମହୁରିଆ ମଙ୍ଗଳ ବାଦ୍ୟରେ କମ୍ପିଥିଲା

## ନିଆଳି ମାଧବ ମନ୍ଦିରରୁ ଆସିଲା ପୋଡୁହାଁ ଭାର

ପରିବେଶ। ପଛକୁ ପଛ ସଂକୀର୍ତ୍ତନ, ଲଉଡ଼ି ଖେଳ, ନୃତ୍ୟ ଆଦି ପରିବେଷଣ କରାଯାଉଥିଲା। ଏହି ସମୟରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କାର୍ଯ୍ୟାଳୟ ଡୋନେସନ୍ ସେଲ୍‌ରେ ଏହି ଭାର ରଖାଯାଇଛି। ଶ୍ରୀଶ୍ରୀମାଧବାନନ୍ଦଜୀଉ ବିକାଶ ପରିଷଦ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ଥିଲେ।

# ବିଜେପି ନୂଆପଡ଼ାରେ ନକଲି ଭୋଟରଙ୍କୁ ଆୟୁଧ କରିଛି: ବିଜେଡି

ଭୁବନେଶ୍ୱର,୧୧।୧୧(ସମିସ): ବିଜେପି ବିରୋଧରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସଂକ୍ରାନ୍ତ ମାଳମାଳ ଅଭିଯୋଗ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ଉପ ନିର୍ବାଚନରେ ଜିଲ୍ଲା ବାହାରୁ ନକଲି ଭୋଟରଙ୍କୁ ଆଣି ଭୋଟ ଦାନ କରାଇବା, ମହିଳା ଭୋଟରଙ୍କ ଭୋଟ ଅନ୍ୟ ଲୋକ ଦେବା, ଭୋଟରଙ୍କୁ ଟିଫିନ୍ ପୁଡ଼ିଆ ଦେଇ ପ୍ରଭାବିତ କରିବା ଆଦି ପ୍ରସଙ୍ଗରେ ବିଜେଡିର ପ୍ରତିନିଧିମାନେ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରିନ୍ତି।

ବିଜେଡିର ଅଭିଯୋଗ ଅନୁଯାୟୀ କ୍ଷମତା ହାତେଇବା ନିଶାରେ ବିଜେପି ନେତାମାନେ ଲୋକତନ୍ତ୍ରକୁ ଥଟ୍ଟା ମଜାରେ ପରିଣତ କରିଛନ୍ତି। ନୂଆପଡ଼ାବାସୀଙ୍କ ଆକ୍ରୋଶ ଭୋଟରେ ପ୍ରତିଫଳିତ ହେଉଥିବା ଦେଖି ବିଜେପି ବିରାଟ ବଡ଼ ଷଡ଼ଯନ୍ତ୍ର କ୍ରମେ ନକଲି ଭୋଟରଙ୍କ ସହାୟତା ନେଇ ଗଣତନ୍ତ୍ରକୁ ହତ୍ୟା କରିବା ପାଇଁ ପଛାଇ ନାହିଁ । ସୁଚିନ୍ତିତ ଯୋଜନାକ୍ରମେ ଅପରାହ୍ନ ୩.୩୦ ପରେ ନକଲି ଭୋଟରମାନଙ୍କୁ ବିଭିନ୍ନ ବୁଥରେ ପଶିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଦୂରଦୂରାନ୍ତରୁ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ କାହିଁ କେତେ ସାଧାରଣ ଭୋଟର ଧାଇଁ ଆସିଥିଲେ; କିନ୍ତୁ ନକଲି ଭୋଟର ଓ ପ୍ରଶାସନିକ ବିଫଳତା ପାଇଁ ସେମାନେ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଲେ। ନୂଆପଡ଼ାର ସମସ୍ତ ଅତିସମ୍ବେଦନଶୀଳ ବୁଥ୍‌ଗୁଡ଼ିକ ସମ୍ପର୍କରେ ବିଜେଡି ଆଗୁଆ ସୂଚନା ଦେଇ ବିହିତ ପଦକ୍ଷେପ ନେବା ଲାଗି ଅନୁରୋଧ କରିଥିଲା । କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ସବୁ ନୀତି, ନୈତିକତାକୁ ଜଳାଞ୍ଜଳି ଦେଇ ବିଜେପି ନୂଆପଡ଼ା ଉପନିର୍ବାଚନ ଜିତିବା ପାଇଁ ଉଦ୍ୟମ କରିଛି। ଏହାକୁ ବିଜେଡି ଘୋର ନିନ୍ଦା କରିବା ସହିତ ନିର୍ବାଚନର ପବିତ୍ରତା ରକ୍ଷା କରିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।



- ପ୍ରଶାସନିକ ବିଫଳତା ପାଇଁ ବହୁ ଲୋକ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ
- ୫ କିଲୋମିଟର ଦୂରରୁ ଚାଲିଚାଲି ଆସି ବି ଦେଇପାରିଲେନି ଭୋଟ
- ଛଡ଼ାଇ ନେଲେ ନୂଆପଡାର ଗରିବ ମହିଳାଙ୍କ ଭୋଟ ଅଧିକାର
- ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ

ସେହିପରି ନୂଆପଡା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସିଙ୍ଗାରି ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେବା ଘଟଣାକୁ ବିଜେଡି ନିନ୍ଦା କରିଛି। ଶ୍ରୀମତୀ ଛତ୍ରିଆ କେତେ ଦୂରରୁ ଚାଲି ଚାଲି କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧କୁ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ପାଇଁ ପହଞ୍ଚିଥିଲେ। କିନ୍ତୁ ସେଠାରେ କାର୍ଯ୍ୟରତ ନିର୍ବାଚନ କର୍ମଚାରୀମାନେ ଭୋଟ ଦେବା ପାଇଁ ଅନୁମତି ଦେଇନଥିଲେ। ତାଙ୍କ ଭୋଟ ଦିଆସରିଛି ବୋଲି ଜୟନ୍ତୀଙ୍କୁ କୁହାଯାଇଥିଲା। ନିଜ ଅଧିକାର ହରାଇ ଥିବାରୁ ଶ୍ରୀମତୀ ଛତ୍ରିଆ ଗଭୀର ନିରାଶା ଓ ଦୁଃଖ ବ୍ୟକ୍ତ କରିଥିଲେ। ଏହା ଗୋଟିଏ ଘଟଣା ନୁହେଁ ବରଂ ନିର୍ବାଚନରେ ପ୍ରଶାସନର ଗମ୍ଭୀର ବିଫଳତାର ଜ୍ୱଳନ୍ତ ଉଦାହରଣ ବୋଲି ବିଜେଡି କହିଛି। ଭୋଟ ଦେବା ଅଧିକାର ଗଣତନ୍ତ୍ରର ସର୍ବପ୍ରଥମ ଅଧିକାର। କିନ୍ତୁ ନୂଆପଡ଼ାରେ ଲୋକଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଞ୍ଚିତ କରାଯାଉଛି। ବିଜେଡି ଏହି ଘଟଣାର ତୀବ୍ର ନିନ୍ଦା କରିବା ସହ ଏହାର ବିଧିବଦ୍ଧ ତଦନ୍ତ କରି ଦାୟୀ ଅଧିକାରୀମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହିତ ସାରା ରାଜ୍ୟ ପାଇଁ ଉଦାହରଣ ରଖିବା ପାଇଁ ନିର୍ବାଚନ ଅଧିକାରୀ ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି ଦାବି ଜଣାଇଛି। ବିଜେଡିର ପ୍ରତିନିଧି ଦଳରେ ସୁଲତା ଦେଓ, ଡ. ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ନାରାୟଣ ଜେନା, ସୋଫିଆ ଆଲାମ, ରୀତାଞ୍ଜଳି ପ୍ରଧାନ, ଇଲ୍ଲା ସ୍ୱାଇଁ, ଜ୍ୟୋସ୍ନାମୟୀ ପରିଡ଼ା ଓ ଅଂଶୁ ତ୍ରିପାଠୀ ସାମିଲ ହୋଇଥିଲେ।

**କଂଗ୍ରେସ ବଟନ ଟିପିଲେ ବିଜେପିକୁ ଭୋଟ୍**

# ଉପନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ: କଂଗ୍ରେସ

ଭୁବନେଶ୍ୱର,୧୧।୧୧(ସମିସ): ନୂଆପଡ଼ାର ଉପନିର୍ବାଚନରେ ଭୋଟ ଚୋରି ନେଇ ସାଙ୍ଘାତିକ ଅଭିଯୋଗ ଆଣିଛି କଂଗ୍ରେସ। ଶାସକ ବିଜେପି ଶାସନ କଳ, ବଳ ଓ କୌଶଳ ଲଗାଇ ଅନୈତିକ ଉପାୟରେ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବୋଲି ଦଳ କହିଛି। ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର କହିଛନ୍ତି, ମଙ୍ଗଳବାର ନୂଆପଡ଼ା ଉପନିର୍ବାଚନ ଚାଲିଥିବା ବେଳେ ଡୁମେରବାହାଲର ୩୩୯ ନମ୍ବର ବୁଥରେ ବିଜେପିକୁ ଭୋଟ ଦେବା ପାଇଁ ଟଙ୍କା ବଣ୍ଟା ଯାଉଥିଲା। କଂଗ୍ରେସର ଜଣେ କର୍ମୀଙ୍କ ସ୍ତ୍ରୀ ଅଭିଯୋଗ କରିବାରୁ ପୁଲିସ ଉପସ୍ଥିତିରେ ତାଙ୍କୁ ଆକ୍ରମଣ କରାଯାଇଥିଲା। ନିର୍ବାଚନ ନୀରବ ଅବଧି ସମୟ ପୂର୍ବରୁ ବାହାର ଜିଲ୍ଲାର ରାଜନୈତିକ ବ୍ୟକ୍ତି ଯିଏ କି, ଜିଲ୍ଲା ବାହାରୁ ଆସିଥିଲେ ସମସ୍ତଙ୍କୁ ବାହାର କରିଦିଆଗଲା। କିନ୍ତୁ ବିଜେପିର ମନ୍ତ୍ରୀ, ବିଧାୟକ, ପୂର୍ବତନ ବିଧାୟକ, କର୍ମକର୍ତ୍ତାମାନେ ସେମାନେ ନିର୍ବାଚନ ମଣ୍ଡଳୀ ବୁଲି ବୁଲି ଅବାଧରେ ଟଙ୍କା ବାଣ୍ଟିଲେ।

ଏହା ବ୍ୟତୀତ ଇଭିଏମ ମେସିନରେ କଂଗ୍ରେସ ବଟମ୍ ଚିପିଲେ ବିଜେପିର ଲାଇଟ୍ ଜଳୁଛି, ଅର୍ଥାତ୍ କଂଗ୍ରେସକୁ ଭୋଟ ଦେଲେ ବିଜେପିକୁ ଯାଉଛି। ଯାହା କି ୨୫୦ ନମ୍ବର ବୁଥରେ ପ୍ରମାଣିତ ହୋଇଛି। ନିର୍ବାଚନ ଆଦର୍ଶ ଆଚରଣ ବିଧିକୁ ଖୋଲାଖୋଲି ଉଲଂଘନ କରାଯାଉଛି। ଜିଲ୍ଲା ନିର୍ବାଚନ ଅଧିକାରୀ, ପ୍ରଶାସନ ସବୁ ଦେଖି ଚୁପ୍ ରହିଛି। ବିଜେପି ଦଳୀୟ କର୍ମୀ ଲୋକମାନଙ୍କୁ ବିଜେପି ଚିହ୍ନ ଲଗା ଟ୍ରାକ୍ଟରରେ ବୁଥ ମଧ୍ୟକୁ ଆଣୁଛନ୍ତି। ଜିତମିତ୍ର ହାଇସ୍କୁଲରେ ଜଣେ ମହିଳା ଭୋଟ ଦେଇ ନପାରି ଫେରିଛନ୍ତି। କାରଣ ତାଙ୍କ ଭୋଟ ଆଉ କିଏ ଦେଇଦେଇଛି। ଅଭିଯୋଗ କଲେ କେହି ଶୁଣୁନାହାନ୍ତି। ବୁଥ ମଧ୍ୟରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବିଜେପି ପ୍ରାର୍ଥୀ ଫଟୋ ଥିବା ଚିରୁକୁଟି ବଣ୍ଟା ଯାଉଛି ବୋଲି କଂଗ୍ରେସ ଦାବି କରିଛି।

ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଲେ, ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ନୂଆପଡା ଉପନିର୍ବାଚନରେ ଶାସକ ଦଳ ଖୋଲାଖୋଲି ଆଚରଣ ବିଧି ଉଲଂଘନ କରିବାକୁ ବଳ ପାଉଛି। ନିର୍ବାଚନ ପ୍ରଚାର ବେଳେ ବିଜେପିର ଆଚରଣ ବିଧି ଉଲଂଘନ ବିଷୟକୁ ନେଇ ଅନେକ ଥର ତାଙ୍କୁ ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଭୋଟ ଚୋରୀ, ପ୍ରାର୍ଥୀ ଚୋରୀ ବର୍ତ୍ତମାନ ସମ୍ପୂର୍ଣ ଇଭିଏମ ସିଷ୍ଟମ ଚୋରୀ ପ୍ରମାଣିତ କରୁଛି ଯେ ବିଜେପି ଭୋଟ ଚୋରୀ କରି ସରକାର ଗଢିଛି ଏବଂ ନୂଆପଡାରେ ମଧ୍ୟ ଭୋଟ ଚୋରୀ କରି ଜିତିବା ଉଦ୍ୟମ କରୁଛି ବୋଲି ସେ କହିଛନ୍ତି।

**ଅଲକଏଦା ଆତଙ୍କବାଦୀ ଲିଙ୍କ୍**

# ଅବଦୁର ରହେମାନର ଜାମିନ ଖାରଜ

କଟକ, ୧୧।୧୧(ସମିସ): ଆତଙ୍କବାଦୀ ସଂଗଠନ ଅଲକାଏଦା ସହ ସମ୍ପୃକ୍ତି ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଅବଦୁର ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ରହେମାନ ପକ୍ଷରୁ ଦାୟର ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କଟକ ଦୌରାଜଜ୍ ଅଦାଲତରେ ପ୍ରଥମେ ଜାମିନ ଖାରଜ ହେବାରୁ ରହେମାନ୍ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ କରଥିଲା। ରହେମାନ ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯାଗ ରହିଥିବା ପ୍ରସଙ୍ଗକୁ ବିଚାରକୁ ନେଇ ଜିଲ୍ଲା ଦୌରା ଅଦାଲତ ଗତ ୨୦୨୫ ଜାନୁଆରି ୭ରେ ଜାମିନ ଖାରଜ କରିଥିଲେ। ପୂର୍ବରୁ ମଧ୍ୟ, ୨୦୨୪ ନଭେମ୍ବର ୮ରେ ରହେମାନର ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ। ପରେ ରହେମାନ ଜିଲ୍ଲା ଦୌରା ଅଦାଲତରେ ସାନି ଜାମିନ ଆବେଦନ କରିଥିଲା। ତାହା ଖାରଜ ହେବାରୁ ପୁଣି ହାଇକୋର୍ଟରେ ଜାମିନ ଆବେଦନ କରିଥିଲା।

ସୂଚନାଯୋଗ୍ୟ, ରହେମାନକୁ ଦିଲ୍ଲୀ ପୁଲିସ ଗତ ୨୦୧୫, ଡିସେମ୍ବର ୧୬ ତାରିଖରେ ଜଗତପୁର ଥାନା ଅନ୍ତର୍ଗତ ପଶ୍ଚିମକଚ୍ଛରୁ ବିଳମ୍ବିତ ରାତିରେ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ମାମଲାରେ ଅଦ୍ୟାବଧି ୪୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ଜଣାପଡ଼ିଛି।

# ଯୋଗାଣ ମନ୍ତ୍ରୀଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧିଙ୍କ ଆଲୋଚନା

ଭୁବନେଶ୍ୱର, ୧୧।୧୧(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସହ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ପ୍ରତିନିଧି ତଥା ରାଷ୍ଟ୍ର ଶାଖା ନିର୍ଦ୍ଦେଶକ ଏଲିଜାବେଥ୍ ଫୋରେ ସାକ୍ଷାତ କରି ରାଜ୍ୟରେ ଖାଦ୍ୟ ନିରାପତ୍ତା ଓ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ରାଜ୍ୟରେ ଉତ୍ତମ ପୋଷଣ ଓ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା ସମ୍ପର୍କରେ ଉକ୍ତ ସାକ୍ଷାତ ବୈଠକରେ ଆଲୋଚନା ହୋଇଛି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଓ ରାଜ୍ୟ ସରକାରଙ୍କ ସହାୟତାରେ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ଉପରେ ମଧ୍ୟ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଛି। ଓଡ଼ିଶାକୁ ଖାଦ୍ୟ ନିରାପତ୍ତାର ଉତ୍କର୍ଷ କେନ୍ଦ୍ର ଭାବେ ପରିଗଣିତ କରିବା ଦିଗରେ କାର୍ଯ୍ୟ କରିବା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ସେହିଭଳି ଖାଦ୍ୟ ପୁଷ୍ଟି ନିରାପତ୍ତା ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ଖାଦ୍ୟ ଉପଲବ୍ଧତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ଅନେକ ଅଗ୍ରଣୀ ପଦକ୍ଷେପ ଉପରେ ମନ୍ତ୍ରୀ ଶ୍ରୀ ପାତ୍ର ଅବଗତ କରାଇଥିଲେ। ଜନପୋଷଣ କେନ୍ଦ୍ର ମାଧ୍ୟମରେ ପୁଷ୍ଟିଯୁକ୍ତ ଶସ୍ୟ ଯୋଗାଣ, ସରକାରୀ ସୁଲଭ ମୂଲ୍ୟ ଦୋକାନଗୁଡ଼ିକର ସୁଦୃଢ଼ୀକରଣ ଏବଂ ହିତାଧିକାରୀମାନଙ୍କ ସୁବିଧା ପାଇଁ ଅଧିକରୁ ଅଧିକ ଅନ୍ନପୂର୍ତ୍ତି ତଥା ଶସ୍ୟ ଏଟିଏମ୍ପୋ ଲିବା ଓ ଏହାର ଲୋକପ୍ରିୟତା ବୃଦ୍ଧି ଦିଗରେ ମଧ୍ୟ ଆଲୋଚନା ହୋଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କଟକ, ୧୧।୧୧ (ସମିସ): ଜନୈକା ୧୪ ବର୍ଷୀୟା ନାବାଳିକା ସହ ଦୁଷ୍କର୍ମ କରିବା ସହ ତାର ନଗ୍ନ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବା ଅଭିଯୋଗରେ ମଙ୍ଗଳାବାଗ ଥାନା ଖଣ୍ଡାୟତ ସାହିର ବିଘ୍ନେଶ୍ୱର ଦାସ(୨୧)କୁ ୨୦ ବର୍ଷ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକସୋ ଅଦାଲତ। ଅଦାଲତ ପୋକସୋ ଆଇନର ଧାରା ୬ରେ ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୨୪ ଜାନୁଆରି ୧୭ ତାରିଖରେ ପୀଡ଼ିତାଙ୍କ ପିତା ଜଗତପୁର ଥାନାରେ ତାଙ୍କ ନାବାଳିକା ଝିଅ ସହ ଅଭିଯୁକ୍ତ ଦୁଷ୍କର୍ମ କରିଥିବା ତଥା ସାମାଜିକ ଗଣାମଧ୍ୟମରେ ନଗ୍ନ ଫଟୋ ଅପଲୋଡ କରିଥିବା ନେଇ ଏକ ଏତଲା ଦେଇଥିଲେ। ପୀଡ଼ିତାଜଣଙ୍କ କଟକର ଏକ ଘରୋଇ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କ ସହ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ହୋଟେଲ ଓ ଲଜିଂରେ ରଖି ଶାରୀରିକ ସମ୍ପର୍କ ରଖିଥିଲା। ଏପରିକି, ପରବର୍ତ୍ତୀ ସମୟରେ ପୀଡିତାଙ୍କ ନଗ୍ନ ଫଟୋ ଉତ୍ତୋଳନ କରି ପରେ ୨ଲକ୍ଷ ଟଙ୍କା ଦାବି କରିଥିଲା। ପୀଡ଼ିତାଜଣଙ୍କ ଏନେଇ ଘରେ କହିବା ପରେ ତାଙ୍କ ପିତା ଜଗତପୁର ଥାନାରେ ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତ ବିଘ୍ନେଶ୍ୱରକୁ ଗତ ୨୦୨୪, ଜାନୁଆରି୧୮ ରେ ଗିରଫ କରିଥିଲା। ୨୦୨୪ ଏପ୍ରିଲ ୧୦ରେ ଅଭିଯୁକ୍ତ ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲା। ଏହି ମାମଲାରେ ୨୦୨୪ ଅକ୍ଟୋବର ୨୮ ରେ ଅଭିଯୁକ୍ତ ବିରୋଧରେ ଅଦାଲତ ଚାର୍ଜଫ୍ରେମ କରିଥିଲେ। ଅଦାଲତରେ ମାମଲାର ଶୁଣାଣି ବେଳେ ପୀଡ଼ିତା ଏତଲାକାରୀଙ୍କ ସମେତ ୧୪ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୩ ଜଣଙ୍କୁ କଚାଡ଼ି ମାରିଲା ଦନ୍ତା

## ବିଲ ଜଗିବାକୁ ଯାଉଥିବା ୨ ଚାଷୀଙ୍କୁ ଦଳିଦେଲା

ଜମନକିରା/କୁଚିଣ୍ଡା, ୧୧।୧୧ (ସମିସ): ବିଲ ଜଗିବାକୁ ଯାଉଥିବା ବେଳେ ଦନ୍ତା ଆକ୍ରମଣରେ ୨ଜଣ ଚାଷୀ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ସମ୍ବଲପୁର ଜିଲ୍ଲା ଜମନକିରା ଥାନା କୁତବଗାଁର ଗଙ୍ଗାରାମ ପଟେଲ(୬୩)ଏବଂ ଅନ୍ୟ ଜଣେ ଯୁଯୁମୁରା ଥାନା ଟାମ୍ପରଗଡ଼ ଗାଁର ପ୍ରଦୀପ



ଘଟୁଆଲ(୩୮)। ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ବଡ଼ରମା ଅଭୟାରଣ୍ୟ କୁତବ ବିଟ୍ ଅଞ୍ଚଳରେ ଏହି ଘଟଣା ଘଟିଛି।

ସୂଚନାନୁଯାୟୀ, ପ୍ରଦୀପଙ୍କ ଶଶୁର ଘର କୁତବ ଗାଁରେ। ସେ ଉକ୍ତ ଗାଁର ଗଙ୍ଗାରାମଙ୍କ ଜମିକୁ ଭାଗରେ ନେଇ ଧାନଚାଷ କରିଥିଲେ। ପ୍ରଦୀପ ଓ ଗଙ୍ଗାରାମ ପ୍ରତି ସନ୍ଧ୍ୟାରେ ଉଡସରା ନିକଟସ୍ଥ ବିଲକୁ ଜଗିବାକୁ ଯାଉଥିଲେ। ସେଠାରେ ଥିବା ଏକ ଗଛ ତଳେ ନିଆଁ ଜାଳି ରାତି ସାରା ଜଗି ରହିବା ପରେ ସକାଳୁ ଘରକୁ ଫେରି ଆସୁଥିଲେ। ସୋମବାର ରାତି ପ୍ରାୟ ୮ଟାରେ ଉଭୟ ବିଲ ଜଗିବାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ରାତିରେ ଟର୍ଚ୍ଚଲାଇଟ୍ ମାରିବାରୁ ସେହି ପାଖରେ ଥିବା ଦନ୍ତା ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଗଙ୍ଗାରାମଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ତାଙ୍କ ମୁଣ୍ଡକୁ ପାଦରେ ଦଳି ଛିନ୍‌ଛତ୍ର କରି ଦେଇଥିଲା। ପରେ ତାଙ୍କ ଗୋଡ଼କୁ ଟାଣି ଫିଙ୍ଗି ଦେଇଥିଲା। ସେଠାରୁ ପ୍ରାୟ ୧୫ଫୁଟ୍ ଦୂରରେ ଟର୍ଚ୍ଚ ଲାଇଟ୍ ମାରୁଥିବା ପ୍ରଦୀପଙ୍କର ବି ସମାନ ଅବସ୍ଥା କରିଥିଲା ଦନ୍ତା। ତାଙ୍କୁ ଏକ ନାଳକୁ ଫିଙ୍ଗି ଦେଇଥିଲା।

ମଙ୍ଗଳବାର ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବଡ଼ରମା ରେଞ୍ଜର ଗିରିଧାରୀ ପଧାନ, ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ତହସିଲଦାର ପ୍ରବୀଣା ବିଲୁଙ୍ଗ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦୁହିଁଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଯାଇଥିଲା। ମୃତକଙ୍କ ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯିବା ସହ ତିନିଦିନ ମଧ୍ୟରେ ଉଭୟ ପରିବାରଙ୍କୁ ଏକ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ରେଞ୍ଜର୍ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତ ଶାନ୍ତ ପଡ଼ିଥିଲା।

## ଫୁଲ ତୋଳୁଥିବା ବୃଦ୍ଧାକୁ କଚାଡ଼ି ମାରିଲା

ରାଉରକେଲା, ୧୧।୧୧(ସମିସ): ରାଉରକେଲା ସହରରେ ପଶିଲା ଦନ୍ତା। ମଙ୍ଗଳବାର ଭୋର୍‌ରେ ଫୁଲ ତୋଳୁଥିବା ଜଣେ ବୃଦ୍ଧାଙ୍କୁ ଏକ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତ ମହିଳାଜଣଙ୍କ ହେଲେ, କୋଏଲନଗର ସି' ବ୍ଲକ୍‌ର ପୂର୍ଣ୍ଣିମା ବସ୍ତିଆ(୭୯)। ଏହି ଘଟଣା ପରେ କୋଏଲ ନଗରବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି।

- ରାଉରକେଲା ସହରରେ ପଶିଲା ଦନ୍ତା
- ଭୟଭୀତ ଅବସ୍ଥାରେ କୋଏଲ ନଗରବାସୀ

ସୂଚନାନୁଯାୟୀ, ପୂର୍ଣ୍ଣିମା ଆଜି ଭୋର୍ ସମୟରେ ଘର ସମ୍ମୁଖ ଗଛରୁ ଫୁଲ ତୋଳୁଥିବା ବେଳେ ହଠାତ୍ ଏକ ଦନ୍ତାହାତୀ ତାଙ୍କ ଆଗକୁ ଚାଲି ଆସିଥିଲା। ସେ କିଛି ବୁଝିବା ଆଗରୁ ଦନ୍ତା ତାଙ୍କୁ କଚାଡ଼ି ଦେଇ ପଳାଇଥିଲା। ଏହା ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ପ୍ରାତଃ ଭ୍ରମଣ କରୁଥିବା କିଛି ଲୋକେ ମଧ୍ୟ ଦନ୍ତାର ସମ୍ମୁଖୀନ ହୋଇ ଅଳ୍ପକେ ବର୍ତ୍ତିଯାଇଥିଲେ। ଲୋକଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୁଲିସ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦନ୍ତା କୋଏଲ ନଦୀ ଅତିକ୍ରମ କରି ରିଙ୍ଗ୍ ଜଙ୍ଗଲକୁ ଚାଲିଯାଇଥିବା ଜଣାପଡ଼ିଛି।

ଏଭଳି ଘଟଣା ପ୍ରାୟ ସମୟରେ ଗ୍ରାମାଞ୍ଚଳଗୁଡ଼ିକରେ ହେବାର ନଜିର୍ ରହିଛି। ତେବେ ହାତୀ ବର୍ତ୍ତମାନ ସହର ଭିତରେ ପଶିବା ଘଟଣାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ, ବନ୍ଧମୁଣ୍ଡାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟ ରାସ୍ତାରେ ବିଳମ୍ବିତ ରାତିରେ ଦନ୍ତା ବୁଲୁଥିବା ଲୋକେ ଦେଖିବାକୁ ପାଇଥିଲେ। ଏହାର କିଛି ସମୟ ପରେ ଡିଜେଲ କଲୋନୀ ରେଳ ଫାଟକ ଦେଇ ରେଲୱେ ୟାର୍ଡକୁ ଯାଇ ପହଞ୍ଚିଥିଲା ଦନ୍ତା ହାତୀ। ବନବିଭାଗ ପକ୍ଷରୁ ଦନ୍ତାକୁ ଜଙ୍ଗଲ ଭିତରକୁ ଘଉଡ଼ା ଯାଇଥିଲା। ପରେ ଦୁର୍ଗାପୁର ରାସ୍ତା ଦେଇ ଦନ୍ତା ଏନ୍ଆଇଟି ମୁଖ୍ୟ ରାସ୍ତା ହୋଇ କୋଏଲନଗର ଅଞ୍ଚଳକୁ ଯାଇଥିବା ଜଣାପଡିଛି। ଏହା ପୂର୍ବରୁ ହାତୀପଲ ବରକାନି ଗାଁରେ ଦେଖାଦେଇଥିଲେ। ବନ ବିଭାଗ ହାତୀ ପଲକୁ ଜଙ୍ଗଲକୁ ଘଉଡାଇ ଦେଇଥିଲା। ହେଲେ ଫର୍ଟିଲାଇଜର ସୋନା ପର୍ବତରୁ ହାତୀ ପଲରୁ ଗୋଟିଏ ଦନ୍ତା ଅଲଗା ହୋଇ ଯାଇଥିବା ସୂଚନା ମିଳିଛି।

**ଇକୋ ସେନ୍‌ସିଟିଭ୍ ଜୋନ୍‌ରେ ବେଆଇନ ନିର୍ମାଣ**

# ରାଜ୍ୟକୁ କେନ୍ଦ୍ରର ଜବାବ ତଲବ

ବାରିପଦା,୧୧।୧୧(ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ପାଦଦେଶର ସମ୍ବେଦନଶୀଳ ଅଞ୍ଚଳରେ ବେଆଇନ ଗୃହ ନିର୍ମାଣ ଓ ଗଛକଟାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ଅଭିଯୋଗ ହୋଇଛି। ୟଥ୍ ୟୁନାଇଟେଡ୍ ଫର୍ ସଷ୍ଟେନବୁଲ ଏନଭାଇରନମେଣ୍ଟ ଟ୍ରଷ୍ଟର ସଦସ୍ୟ ଶାନ୍ତନୁ କୁମାର ଭୁକ୍ତାଙ୍କ ଅଭିଯୋଗକୁ ଭିତ୍ତି କରି ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଜବାବ ତଲବ କରାଯାଇଛି। ଏ ବାବଦରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜଣାଇବାକୁ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ଏହାସହ ରାଜ୍ୟ ଜଙ୍ଗଲ ବିଭାଗର ଉପ-ନିର୍ଦ୍ଦେଶକ, ନ୍ୟାସନାଲ ବୋର୍ଡ ଫର୍ ୱାଇଲ୍ଡ ଲାଇଫ୍‌ର ସଦସ୍ୟ ତଥା ଅତିରିକ୍ତ ମୁଖ୍ୟସଚିବ, ଶିମିଳିପାଳ ଅଭୟାରଣ୍ୟର କ୍ଷେତ୍ର ନିର୍ଦ୍ଦେଶକ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ-ଡିଭିଜନ୍‌ର ଉପ-ନିର୍ଦ୍ଦେଶକ, ମୟୂରଭଞ୍ଜ ଜିଲ୍ଲାପାଳ ଓ ବାରିପଦା ଡିଭିଜନର ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯାଇ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଇକୋ ସେନସିଟିଭ୍ ଜୋନ୍ ଅଞ୍ଚଳରେ ବ୍ୟବସାୟ ପାଇଁ ବେଆଇନ ନିର୍ମାଣ ଜାରି ରହିଛି। ପିଠାବଟାଠାରୁ ଲୁଲୁଙ୍ଗ ପର୍ଯ୍ୟନ୍ତ ଯିବା ବାଟରେ ଅନେକ ରିସର୍ଟ ନିର୍ମାଣ ଜାରି ରହିଛି। ଏପରିକି, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଥିବା ରାସ୍ତାକୁ କଂକ୍ରିଟ୍ କରାଯାଉଛି। ଏପରି କରି ଇକୋ-ସେନସିଟିଭ ଜୋନ୍‌ର ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗରେ ଦର୍ଶାଯାଇଛି।

ଶିମିଳିପାଳ ପାଦଦେଶର ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଚାଲିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ଏବଂ ପ୍ରତିବନ୍ଧକ ପ୍ରତି ବିଭାଗ ଦୃଷ୍ଟି ଦେଉନାହିଁ। ଗାଇଡଲାଇନ ଅନୁଯାୟୀ, ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ଜଙ୍ଗଲ ବିଭାଗ, ସରକାର, ରାଜସ୍ୱ କିମ୍ବା ବ୍ୟକ୍ତିଗତ ସ୍ଥାନରୁ ଗଛ କଟାଯାଇପାରିବ ନାହିଁ। ଏପରିକି, ଭୂତଳ ଜଳ ସଂଗ୍ରହ କରିବା ପାଇଁ ବିଭାଗୀୟ ଅନୁମତିର ଆବଶ୍ୟକତା ରହିଛି। ମାତ୍ର ଏଭଳି କାର୍ଯ୍ୟ ଜାରି ରହିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ବିପଦକୁ ନିମନ୍ତ୍ରଣ କରିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଭଳି ନିର୍ମାଣ ଓ ଗଛକଟାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କଲେ ଏହି ସୁନ୍ଦର ଭୂଦୃଶ୍ୟ ଏବଂ ସଂରକ୍ଷିତ ଅଞ୍ଚଳ ଗୌରବମୟ ବଜାୟ ରହିବ ବୋଲି ଉଲ୍ଲେଖ କରାଯାଇଛି।



# କ୍ରୀଡ଼ା



ସକାଳ THE SAKALA
www.sakalaepaper.com

## ଇଡେନ୍‌ରେ ଜୋରଦାର ଅଭ୍ୟାସ

କୋଲକାତା,୧୧।୧୧(ଏଜେନ୍ସି): ଏଠାରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ଉଭୟ ଦଳ ଆଜି ଅଭ୍ୟାସ କରିଛନ୍ତି। ଗତକାଲି ବା ସୋମବାର ଉଭୟ ଦଳର ସମସ୍ତ ଖେଳାଳି ଏଠାରେ ଏକତ୍ର ହୋଇଥିଲେ। ଉଭୟ ଦଳର କୋଚ୍ ଓ ଅଧିନାୟକ ଆଜି ପଡ଼ିଆକୁ ଆସିବା ପରେ ପ୍ରଥମେ ପିଚ୍ ଦେଖିଥିଲେ। ଏହା ପରେ ଖେଳାଳିମାନେ ଅଧିକ ଶାରିରୀକ ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଶେଷରେ ନେଟ୍‌ରେ ବ୍ୟାଟିଂ ଓ ବୋଲିଂ ଉପରେ ଅଳ୍ପ ଅଭ୍ୟାସ କରିବା ପରେ ହୋଟେଲକୁ ଫେରିଯାଇଥିଲେ। ଆସନ୍ତାକାଲି ଦୁଇଟି ପର୍ଯ୍ୟାରେ ଖେଳାଳିମାନେ ଅଭ୍ୟାସ କରିବେ ବୋଲି ଜଣାଯାଇଛି।

## ସୁରକ୍ଷା ବଢ଼ାଇଲା କୋଲକାତା ପୁଲିସ୍

କୋଲକାତା,୧୧।୧୧(ଏଜେନ୍ସି): ଦିଲ୍ଲୀରେ ବିସ୍ଫୋରଣ ପରେ ସମଗ୍ର ଦେଶର ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। ଏହା ମଧ୍ୟରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି। କୋଲାକାତା ପୁଲିସ୍ କମିଶନରଙ୍କ କହିବା ଅନୁଯାୟୀ ଦିଲ୍ଲୀ ଘଟଣା ପରେ ସୁରକ୍ଷା ଲାଗି ପୁଲିସ୍‌ଙ୍କ ସଂଖ୍ୟା ବୃଦ୍ଧି କରାଯାଇଛି। ସ୍ପେଶାଲ ଟାସ୍କ ଫୋର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଖେଳାଳି ରହୁଥିବା ହୋଟେଲରେ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇଦିଆଯାଇଛି।

## ମୁକାବିଲା ୪୪: ଦ.ଆଫ୍ରିକା ୧୮ ଓ ଭାରତ ୧୬ଟିରେ ବିଜୟୀ

କୋଲକାତା,୧୧।୧୧(ଏଜେନ୍ସି): ଶୁକ୍ରବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ୍ ଆରମ୍ଭ ପୂର୍ବରୁ ଉଭୟ ଦେଶ ମଧ୍ୟରେ ୪୪ଟି ମୁକାବିଲା ହୋଇଯାଇଛି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ୪୪ଟି ମଧ୍ୟରୁ ଭାରତରେ ଖେଳାଯାଇଛି ୧୯ଟି ଟେଷ୍ଟ। ଏହି ୧୯ଟି ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ୭ଥର ସିରିଜ୍ ଖେଳିବାକୁ ଭାରତ ଆସିଛି। ଏହି ଦଳ ଶେଷଥର ଲାଗି ହାନ୍ସି କ୍ରୋନିଏଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ଭାରତରେ ୧୯୯୯-୨୦୦୦ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିଥିଲା। ଏହା ପରେ ୫ଟି ସିରିଜ୍ ଆୟୋଜିତ ହୋଇଥିଲେ ମଧ୍ୟ ଥରେ ହେଲେ ଦକ୍ଷିଣ ଆଫ୍ରିକା ଜିତିବାରେ ସମର୍ଥ ହୋଇନାହିଁ।

### ଶୁକ୍ରବାରଠାରୁ ଭାରତ-ଦକ୍ଷିଣ ଆଫ୍ରିକା କ୍ରିକେଟ୍ ସିରିଜ୍

# ୨ ଟେଷ୍ଟ- ୩ ଦିନିକିଆ- ୫ ଟି୨୦

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି):





ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଶେଷ ହେବା ପରେ ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ କ୍ରିକେଟ ସିରିଜ୍ ଖେଳିବାକୁ ଏଠାରେ ଆସି ପହଞ୍ଚିଛି। ଏହି ସିରିଜ୍‌ରେ ୨ଟି ଟେଷ୍ଟ, ୩ଟି ଦିନିକିଆ ଓ ୫ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କୋଲକାତାର ଇଡେନଗାର୍ଡେନ୍ସରେ ନଭେମ୍ବର ୧୪ରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବ ଓ ଅହମ୍ମଦାବାଦ୍‌ରେ ୫ମ ତଥା ଶେଷ ଟି-୨୦ ସହ ଏହି ସିରିଜ୍ ଶେଷ ହେବ। ଆସନ୍ତାବର୍ଷ ଭାରତରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଏହି ସିରିଜ୍‌ରେ ସର୍ବାଧିକ ୫ଟି ମ୍ୟାଚ୍ ରଖାଯାଇଛି। ବେଙ୍ଗାଲୁରୁରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଭାରତ-ଏ’କୁ ରେକର୍ଡ ୪୧୭ ରନ୍ ଚେଜ୍‌ରେ ହରାଇ ଏହି ଦଳ ଭାରତ ବିପକ୍ଷରେ ଟେଷ୍ଟ ସିରିଜ୍ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ଉଭୟ ଦଳର ଟେଷ୍ଟ ବିଶେଷଜ୍ଞ ଖେଳାଳିମାନେ ଖେଳିଛନ୍ତି। ଏହା ମଧ୍ୟରେ ଉଭୟ ଦଳ କୋଲକାତାର ଇଡେନ୍ ଗାର୍ଡେନ୍ସରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଥମଥର ମଙ୍ଗଳବାର ଅଭ୍ୟାସ ଆରମ୍ଭ କରିଛନ୍ତି।

ଦକ୍ଷିଣ ଆଫ୍ରିକା ଏବେ ବିଶ୍ୱ ଟେଷ୍ଟ ଚାମ୍ପିଅନ। ଟେମ୍ବା ବଭୂମାଙ୍କ ନେତୃତ୍ୱରେ ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଟେଷ୍ଟ ଚାମ୍ପିଅନସିପ୍ ଟାଇଟଲ ଜିତିଥିଲା। ଦିନିକିଆ ବିଶ୍ୱକପ୍‌ରେ ସେମିଫାଇନାଲ ଓ ଟି-୨୦ ବିଶ୍ୱକପ୍‌ରେ ରନର୍ସ ଅପ୍ ହେବାର ସୌଭାଗ୍ୟ ଲାଭ କରିଛି ଭ୍ରମଣକାରୀ ଦଳ। ନିକଟରେ ପାକିସ୍ତାନ ସହ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରଖି ଭାରତୀୟ ଉପମହାଦେଶର ଟର୍ଣ୍ଣିଂ ପିଚ୍‌ରେ ଖେଳିବାକୁ ପ୍ରସ୍ତୁତ ହୋଇଯାଇଛି। ଭାରତରେ ଟେଷ୍ଟ ଦଳର ଅଧିକାଂଶ ଖେଳାଳିଙ୍କୁ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବାର ସୁଯୋଗ ଦେଇଛି ଦକ୍ଷିଣ ଆଫ୍ରିକା। ଏପରିକି ଟେମ୍ବା ବଭୂମା ଦ୍ୱିତୀୟ ଟେଷ୍ଟରେ ଖେଳିବା ସହ ଦକ୍ଷିଣ ଆଫ୍ରିକାକୁ ୪୧୭ ରନ୍‌ର ଟାର୍ଗେଟ୍‌କୁ ହାସଲ କରାଇବାରେ ସମର୍ଥ ହୋଇଥିଲେ। ଦଳରେ ୩ଜଣ ଭଲ ତଥା ପ୍ରଭାବଶାଳୀ ସ୍ପିନର ରହିଛନ୍ତି। ସ୍ପିନ୍ ବୋଲିଂରେ ଦୁଇ ଭାରତୀୟ ବଂଶୋଦ୍ଭବ କେଶବ ମହାରାଜ ଓ ସେନୁରନ ମୁଥୁସ୍ୱାମୀଙ୍କ ସହ ସାଇମନ ହାର୍ମର ନିଶ୍ଚିତଭାବେ ଭାରତୀୟ ବ୍ୟାଟରଙ୍କୁ ଅଡୁଆରେ ପକାଇବେ। ପେସ୍ ବୋଲିଂ ଓ ବ୍ୟାଟିଂରେ ଦଳ ଶକ୍ତିଶାଳୀ। କେବଳ ଭାରତରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବା ଏମାନଙ୍କ ପକ୍ଷେ ହେବ ବଡ଼ ଚ୍ୟାଲେଞ୍ଜ। ପାକିସ୍ତାନ ମାଟିରେ ଟେଷ୍ଟ ସିରିଜ୍ ଓ ଭାରତୀୟ ମାଟିରେ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଖେଳି ଦକ୍ଷିଣ ଆଫ୍ରିକା କିଛି ପରିମାଣରେ ପ୍ରସ୍ତୁତ କରିନେଇଛି। ଏଣୁ ପୂର୍ବ ଭାରତରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜ୍‌ରେ ଲଢ଼େଇ ଜୋରଦାର ହେବ ବୋଲି ଆଶା କରିବା ସ୍ୱାଭାବିକ୍।

ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ନିକଟରୁ ୩-୦ରେ ଟେଷ୍ଟ ସିରିଜ୍ ହାରିଯିବା ପରେ ଭାରତ ଉପରେ ଆଉ କେହି ବିଶ୍ୱାସ କରୁନାହାନ୍ତି। ଏହା ନିଃସନ୍ଦେହ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ହରାଇବା ଓ ଇଂଲଣ୍ଡରେ ଦମ୍‌ର ସହ ଖେଳିଥିବା ଭାରତ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକାକୁ ମାତ୍ ଦେବ। କିନ୍ତୁ ଏଠାରେ ମନେ ରଖିବା ଉଚିତ ଟେଷ୍ଟ କ୍ରିକେଟରେ ୱେଷ୍ଟଇଣ୍ଡିଜ୍‌ର ଆଉ ସେଭଳି ଶକ୍ତିନାହିଁ ଓ ଏହି ଦଳ ଆଇସିସି ର୍‌ୟାଙ୍କିଂରେ ୯ମ ସ୍ଥାନରେ ରହିଛି। ଇଂଲଣ୍ଡର ପିଚ୍ ଭାରତରେ ନାହିଁ। ଏଣୁ ଦକ୍ଷିଣ ଆଫ୍ରିକା ସିରିଜ୍ ନିଶ୍ଚିତପକ୍ଷେ ଭାରତ ଲାଗି ଏକ ଚ୍ୟାଲେଞ୍ଜ ହେବ ବୋଲି ନିଃସନ୍ଦେହରେ କୁହାଯାଇପାରେ।

**ଭାରତ-ଦକ୍ଷିଣ ଆଫ୍ରିକା ଖେଳସୂଚୀ**

| କେବେ | ମ୍ୟାଚ୍ | ଭେନ୍ୟୁ |
|---|---|---|
| **ଟେଷ୍ଟ -୨** | | |
| ୧୪ରୁ ୧୮।୧୧ | ପ୍ରଥମଟେଷ୍ଟ | କୋଲକାତା |
| ୨୨ରୁ ୨୬।୧୧ | ଦ୍ୱିତୀୟଟେଷ୍ଟ | ଗୁଆହାଟୀ |
| **ଦିନିକିଆ -୩** | | |
| **ତାରିଖ** | **ମ୍ୟାଚ୍** | **ଭେନ୍ୟୁ** |
| ନଭେମ୍ବର ୩୦ | ପ୍ରଥମ ଦିନିକିଆ | ରାଞ୍ଚି |
| ଡିସେମ୍ବର ୦୩ | ଦ୍ୱିତୀୟ ଦିନିକିଆ | ରାୟପୁର |
| ଡିସେମ୍ବର ୦୬ | ତୃତୀୟ ଦିନିକିଆ | ବିଶାଖାପାଟଣା |
| **ଟି-୨୦ ମୁକାବିଲା- ୫** | | |
| **ତାରିଖ** | **ମ୍ୟାଚ୍** | **ଭେନ୍ୟୁ** |
| ଡିସେମ୍ବର ୦୯ | ପ୍ରଥମ ଟି-୨୦ | କଟକ |
| ଡିସେମ୍ବର ୧୧ | ଦ୍ୱିତୀୟ ଟି-୨୦ | ମୁଲ୍ଲାନପୁର |
| ଡିସେମ୍ବର ୧୪ | ତୃତୀୟ ଟି-୨୦ | ଧର୍ମଶାଳା |
| ଡିସେମ୍ବର ୧୭ | ଚତୁର୍ଥ ଟି-୨୦ | ଲକ୍ଷ୍ନୌ |
| ଡିସେମ୍ବର ୧୯ | ପଞ୍ଚମ ଟି-୨୦ | ଅହମ୍ମଦାବାଦ |

**ଘୋଷିତ ଟେଷ୍ଟ ଦଳ**

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଦେବଦତ୍ତ ପାଡିକଲ, ଋଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ (ଉଭୟେ ୱିକେଟରକ୍ଷକ/ ବ୍ୟାଟର), ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ଆକାଶଦୀପ୍, ମହମ୍ମଦ୍ ସିରାଜ, ନୀତୀଶ କୁମାର ରେଡ୍ଡୀ।

**ଦକ୍ଷିଣ ଆଫ୍ରିକା :** ଟେମ୍ବା ବଭୂମା (ଅଧିନାୟକ), ଆଇଡେନ୍ ମାକ୍ରାମ, ଟୋନି ଡି ଜୋର୍ଜି, ରିୟାନ ରିକେଟଲନ ଓ କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ଟ୍ରିଷ୍ଟାନ ଷ୍ଟବ୍‌ସ, ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର, ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

## ଭିସା ପାଇବା ଲାଗି ଚୀନ ଦୂତାବାସର ସାହାଯ୍ୟ ମାଗିଲେ ନାଗଲ



ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍‌ରେ ଭାଗନେବା ପୂର୍ବରୁ ଚେଙ୍ଗଡୁରେ ଖେଳାଯିବ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟ। ଏଥିରେ ଭାଗନେବାକୁ ଭାରତର ନଂ-୧ ଟେନିସ ଖେଳାଳି ସୁମିତ ନାଗଲ ପଞ୍ଜୀକରଣ କରିଥିଲେ। କିନ୍ତୁ ଚୀନ୍ ଯିବାକୁ ତାଙ୍କୁ ଭିସା ମିଳିଲା ନାହିଁ। କୌଣସି କାରଣ ନ ଦର୍ଶାଇ ଏହାକୁ ରଦ୍ଦ କରିଦିଆଗଲା। ଭିସା ପାଇବାକୁ ସେ ଚୀନ୍ ଦୂତାବାସ୍‌ର ସହାୟତା ଲୋଡିଛନ୍ତି। ଏକ୍ସରେ ନାଗଲ ଚୀନ ଦୂତାବାସ କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ବିଶ୍ୱମାନ୍ୟତାରେ ୧୦୦ ନମ୍ବର ର୍‌ୟାଙ୍କରୁ ଖସି ଯିବାରୁ ତାଙ୍କୁ ଗ୍ରାଣ୍ଡସ୍ଲାମ୍‌ରେ ଖେଳିବାକୁ ସୁଯୋଗ ମିଳିବ ନାହିଁ। କେବଳ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟ କିମ୍ବା ୱାଇଲ୍ଡ କାର୍ଡ ଦ୍ୱାରା ସେ ଗ୍ରାଣ୍ଡସ୍ଲାମରେ ଖେଳିପାରିବେ। ଏଥିଲାଗି ତାଙ୍କୁ ପ୍ଲେ ଅଫ୍ ଟୁର୍ଣ୍ଣାମେଣ୍ଟରେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିବାକୁ ପଡ଼ିବ। ଏଣୁ ତାଙ୍କର ଚୀନ ଯିବା ଆବଶ୍ୟକ।

## ଅଲିମ୍ପିକ୍ସ କେମିତି ଭାଗନେବେ ଟ୍ରାନ୍ସଜେଣ୍ଡର ଆଥ୍‌ଲେଟ୍

ଲଣ୍ଡନ, ୧୧।୧୧ (ଏଜେନ୍ସି): ନ୍ୟୁଜିଲାଣ୍ଡର ଲୌରେଲ ହୁବାର୍ଡ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ ଭାବେ ପ୍ୟାରିସ୍ ଅଲିମ୍ପିକ୍ସରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିଥିଲେ। ଏହି ସଂସ୍କରଣ ସୁଦ୍ଧା ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଟ୍ରାନ୍ସଜେଣ୍ଡରଙ୍କ ଲାଗି କୌଣସି ଯୋଗ୍ୟତାର ମାପକାଠି ନ ଥିଲା। କିନ୍ତୁ ମହିଳା ଆଥ୍‌ଲେଟଙ୍କୁ ସୁରକ୍ଷା ଦିଆଯିବ ବୋଲି ବର୍ତ୍ତମାନର ଅଲିମ୍ପିକ୍ କମିଟି ସଭାପତି କ୍ରିଷ୍ଟି କଭେଣ୍ଟ୍ରି ଘୋଷଣା କରିବା ପରେ ତୃତୀୟ ଲିଙ୍ଗ ବା ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଲାଗି ବିପଦ ସୃଷ୍ଟି ହୋଇଛି। ଏମାନଙ୍କୁ ଏକ ସ୍ୱତନ୍ତ୍ର କାଟାଗୋରୀରେ ରଖାଯିବ କିମ୍ବା ମହିଳାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ମିଳିବ ତାହାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କଭେଣ୍ଟ୍ରି ସମସ୍ତ କ୍ରୀଡ଼ା ମହାସଂଘକୁ ନିଜସ୍ୱ ଯୋଗ୍ୟତାର ମାପକାଠି ପ୍ରସ୍ତୁତ କରିବାକୁ କହିଥିଲେ। ଏବେ ସମସ୍ତେ ମହିଳା ଆଥ୍‌ଲେଟଙ୍କ ଅଧିକାରକୁ ସୁରକ୍ଷା ଦିଆଯିବ ବୋଲି କଭେଣ୍ଟ୍ରି ଘୋଷଣା କରିବା ପରେ ଟ୍ରାନ୍ସଜେଣ୍ଡର ଆଥଲେଟଙ୍କ ଭବିଷ୍ୟତ କ’ଣ ହେବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

## ୨୦୨୬ ବିଶ୍ୱକପ୍ ପରେ ଅବସର ନେବି: ରୋନାଲ୍ଡୋ

ଦୁବାଇ,୧୧।୧୧ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ମୋର ଶେଷ ବିଶ୍ୱକପ୍ ଓ ଏହାର ବର୍ଷେ କିମ୍ବା ୨ ବର୍ଷ ପରେ ମୁଁ ପେସାଦାର ଫୁଟବଲରୁ ଅବସର ନେବି ବୋଲି ଘୋଷଣା କରିଛନ୍ତି ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ।




ରୋନାଲ୍ଡୋଙ୍କ ବୟସ ଏବେ ୪୦ ଓ ଆସନ୍ତାବର୍ଷ ବିଶ୍ୱକପ୍ ବେଳକୁ ତାଙ୍କୁ ୪୧ ବର୍ଷ ହୋଇସାରିଥିବ। ଏହି ବିଶ୍ୱକପ୍ ଆମେରିକା, କାନାଡା ଓ ମେକ୍ସିକୋରେ ଆୟୋଜିତ ହେବ। ୨୦୨୨ରେ ମାଞ୍ଚେଷ୍ଟର ୟୁନାଇଟେଡ୍ ଛାଡିବା ପରେ ରୋନାଲ୍ଡୋ ୨୦୨୩ରୁ ସାଉଦି ଆରବର ଅଲ ନାସର କ୍ଲବ୍ ପକ୍ଷରୁ ମୋଟା ପାଉଣାରେ ଖେଳୁଛନ୍ତି। କ୍ଲବ୍ ଓ ଅନ୍ତର୍ଜାତୀୟ ଫୁଟବଲରେ ରୋନାଲ୍ଡୋ ୯୫୦ରୁ ଊର୍ଦ୍ଧ୍ୱ ଗୋଲ ସ୍କୋର କରିଛନ୍ତି।

## ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟ | ଭାରତ ୧୦ ୱିକେଟରେ ବିଜୟୀ

ନୂଆଦିଲ୍ଲୀ,୧୧।୧୧(ଏଜେନ୍ସି): ଶ୍ରୀଲଙ୍କାକୁ ୧୦ ୱିକେଟରେ ପରାସ୍ତ କରି ଭାରତ ଏଠାରେ ମଙ୍ଗଳବାର ଆରମ୍ଭ ହୋଇଥିବା ପ୍ରଥମ ଦୃଷ୍ଟିହୀନ ମହିଳା ବିଶ୍ୱକପ୍ କ୍ରିକେଟରେ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବରଖମ୍ବା ରୋଡରେ ଥିବା ମଡର୍ଣ୍ଣ ସ୍କୁଲ ଗ୍ରାଉଣ୍ଡରେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମୁକାବିଲା ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୧୩.୩ ଓଭରରେ ମାତ୍ର ୪୧ ରନ୍ କରିଥିଲା। ଜବାବରେ ଭାରତ କୌଣସି ୱିକେଟ ନ ହରାଇ ମ୍ୟାଚ୍‌କୁ ୧୦ ୱିକେଟରେ ଜିତିନେଇଥିଲା।



ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିଥିଲାବେଳେ ପୂର୍ବତନ କ୍ରୀଡ଼ା ମନ୍ତ୍ରୀ ତଥା ପୂର୍ବତନ ବିସିସିଆଇ ସଭାପତି ଅନୁରାଗ ଠାକୁର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ଅଧ୍ୟକ୍ଷ ତଥା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ସଂଘ ସଭାପତି ଡ. ମହନ୍ତେଶ ଜି. କିଭାଦାସନାଭର, ସମ୍ପାଦକ ଶୈଳେନ୍ଦ୍ର ଯାଦବ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ନଭେମ୍ବର ୨୩ ଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା, ଅଷ୍ଟ୍ରେଲିଆ, ପାକିସ୍ତାନ ଓ ନେପାଳ ଟିମ୍ ଅଂଶଗ୍ରହଣ କରିଛନ୍ତି। ସିଙ୍ଗଲ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପଏଣ୍ଟ ଭିତ୍ତିରେ ୪ଟି ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ନଭେମ୍ବର ୨୨ରେ ଦୁଇଟି ଯାକ ସେମିଫାଇନାଲ ଓ ୨୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ।



## ମା’ ହେବେ ଜାବେଉର୍

ମେକ୍ସିକୋ ସିଟି,୧୧।୧୧ (ଏଜେନ୍ସି): ପୂର୍ବତନ ବିଶ୍ୱର ନଂ-୨ ଟେନିସ ଖେଳାଳି ତଥା ୩ଥରର ଗ୍ରାଣ୍ଡ ସ୍ଲାମ୍ ରନର୍ସଅପ୍ ଟ୍ୟୁନିସିଆର ଓନସ ଜାବେଉର ମା ହେବାକୁ ଯାଉଛନ୍ତି। ଏ ସମ୍ପର୍କରେ ସେ ନିଜେ ଘୋଷଣା କରିଛନ୍ତି ଓ ଆସନ୍ତା ଏପ୍ରିଲ ମାସରେ ଏକ ପୁତ୍ର ସନ୍ତାନ ଜନ୍ମ ଦେବେ ବୋଲି କୁହାଯାଉଛି। ଏଥିଲାଗି ସେ ଟେନିସ ଖେଳରୁ କିଛି ଦିନ ଅବସର ନେବେ ଓ ପୁଣିଥରେ ରିଚାର୍ଜ ହୋଇ ଖେଳ ରିଷ୍ଟାର୍ଟ କରିବେ ବୋଲି ସାମାଜିକ ଗଣମାଧ୍ୟମ ସଂସ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଜାବେଉର ପୋଷ୍ଟ କରି ଜଣାଇଛନ୍ତି।

## ରଣଜୀ ଟ୍ରଫି | ଓଡ଼ିଶାର ଆଉ ଏକ ଲଜ୍ଜାଜନକ ପରାଜୟ

### ବିଦର୍ଭଠାରୁ ୧୦୦ ରନ୍‌ରେ ହାରିଲା

କଟକ,୧୧।୧୧(ସମିସ):

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କଲାଣି। ପ୍ରଥମ ୪ଟି ମୁକାବିଲାରେ ଦଳ ୩ଟି ପରାଜୟର ସମ୍ମୁଖୀନ ହୋଇଛି। ଗୋଟିଏ ମ୍ୟାଚ୍ ଅମୀମାଂସିତ ରହିଥିବା ଯୋଗୁଁ ଓଡ଼ିଶା ମାତ୍ର ୧ ପଏଣ୍ଟ ହାସଲ କରି ଗ୍ରୁପ-ଏ ଟେବଲର ୭ମ ସ୍ଥାନରେ ରହିଛି। ମଙ୍ଗଳବାର ଶେଷ ହୋଇଥିବା ୪ର୍ଥ ଲିଗ୍‌ରେ ଓଡ଼ିଶାକୁ ୧୦୦ରନରେ ବିଦର୍ଭ ପରାସ୍ତ କରିଛି। ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଆଉ ୩ଟି ମ୍ୟାଚ୍ ଖେଳିବ। ତେବେ ତାମିଲନାଡୁ, ଝାଡଖଣ୍ଡ ଭଳି ଦଳକୁ ହରାଇ ଓଡ଼ିଶା କ୍ୱାର୍ଟରରେ ପ୍ରବେଶ କରିବା କାଠିକର ପାଠ। ଏଣୁ ଓଡ଼ିଶା ଚଳିତ ସିଜନରେ ଅଭିଯାନ ଶେଷ କରିଛି ବୋଲି କୁହାଯାଇପାରେ।

ନାଗପୁରରେ ଖେଳାଯାଇଥିବା ଓଡ଼ିଶା ଏବଂ ବିଦର୍ଭ ବିପକ୍ଷ ମ୍ୟାଚ୍ ନାଟକୀୟ ଢ଼ଙ୍ଗରେ ଶେଷ ହୋଇଥିଲା। ଓଡ଼ିଶାର ବିଜୟ ଆଶା ରହିଥିବା ସତ୍ତ୍ୱେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଦଳ ପାଇଁ ବୋଝ ସାବ୍ୟସ୍ତ ହେଲାଣି। ୩୪୫ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶା ସୋମବାର ମ୍ୟାଚର ୩ୟ ଦିବସ ଷ୍ଟମ୍ପ୍ ଅପସାରଣ ସୁଦ୍ଧା ବିନା ୱିକେଟରେ ୪୪ରନ ସଂଗ୍ରହ କରିଥିଲା। ଓପନର ସ୍ୱସ୍ତିକ ସାମଲ ୨୫ରନ ଏବଂ ଗୌରବ ଚୌଧୁରୀ ୧୭ରନରେ ଅପରାଜିତ ରହିଥିଲେ। ଆଜି ଉଭୟ ଚମତ୍କାର ଶୈଳୀରେ ରନ୍ ସଂଗ୍ରହ କରି ଓଡ଼ିଶାର ବିଜୟ ଲକ୍ଷ୍ୟକୁ ହ୍ରାସ କରିବାରେ ଲାଗିଥିଲେ। ତେବେ ୨୪ତମ ଓଭରର ଶେଷ ବଲରେ ବିଦର୍ଭକୁ ପ୍ରଥମ ସଫଳତା ମିଳିଥିଲା। ବାମହାତୀ ଅର୍ଥୋଡକ୍ସ ପାର୍ଥ ରେଖାଡେ ଗୌରବଙ୍କୁ ୪୮ରନରେ ଏଲବିଡବ୍ଲ୍ୟୁ କରି ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଦେଇଥିଲେ। ଏହି ୱିକେଟ ମ୍ୟାଚ୍‌ର ଦୃଶ୍ୟପଟ ବଦଳାଇ ଦେଇଥିଲା। ଦଳୀୟ ସ୍କୋର ୧୦୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶା କ୍ରମାଗତ ୱିକେଟ ହରାଇ ବିଦର୍ଭ ହାତକୁ ମ୍ୟାଚ୍ ଟେକି ଦେଇଥିଲା। ଅନ୍ୟତମ ଓପନର ସ୍ୱସ୍ତିକ ୬୫ରନରେ ରେଖାଡେଙ୍କ ଦ୍ୱିତୀୟ ଶିକାର ପାଲଟିଥିଲେ। ସନ୍ଦୀପ ପଟ୍ଟନାୟକ ୨୭ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୨୮ରନ, ସମ୍ବିତ ବରାଳ ୪ରନ, ରାଜେଶ ଧୂପର ୧ରନରେ ପ୍ୟାଭିଲିୟନ ବାହୁଡିଥିଲେ। ୬ନଂ ବ୍ୟାଟିଂ କ୍ରମରେ କ୍ରିଜକୁ ଆସିଥିବା ଗୋବିନ୍ଦ ପୋଦ୍ଦାର ୪୬ରନର ପାଳି ଖେଳିଥିଲେ ସୁଦ୍ଧା ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ନଥିଲା। ନିମ୍ନକ୍ରମରେ ରାଜେଶ ମହାନ୍ତି ୬ରନ, କାମଳା ଭଞ୍ଜନ ମହାପାତ୍ର ୭ରନ, ବାଦଲ ବିଶ୍ୱାଳ ୫ରନ, ତାପସ ଦାସ ୨ରନ କରିଥିଲେ। ରେଖାଡେଙ୍କୁ ୮୦ରନ ବ୍ୟୟରେ ୫ଟି ଓ ପ୍ରଫୁଲ ହିଙ୍ଗେଙ୍କୁ ୩ଟି ୱିକେଟ ମିଳିଥିଲା। ୧୬ ତାରିଖରୁ ନାଗାଲାଣ୍ଡ ବିପକ୍ଷରେ ଓଡ଼ିଶା ୫ମ ଲିଗ୍ ମ୍ୟାଚ୍ ଖେଳିବ।

**ପ୍ରଥମ ୪ଟି ମ୍ୟାଚ୍‌ରେ ଓଡ଼ିଶାର ପ୍ରଦର୍ଶନ**

ପ୍ରଥମ ମ୍ୟାଚ୍ (ବାରବାଟୀ)
ବରୋଦାଠାରୁ ୭ ୱିକେଟରେ ପରାସ୍ତ

ଦ୍ୱିତୀୟ ମ୍ୟାଚ୍ (ଲକ୍ଷ୍ନୌ)
ମ୍ୟାଚ୍ ଡ୍ର, ୟୁପିଠାରୁ ପ୍ରଥମ ଇନିଂସ ପଛୁଆ

ତୃତୀୟ ମ୍ୟାଚ୍ (ବାରବାଟୀ)
ଆନ୍ଧ୍ରଠାରୁ ଇନିଂସ ଓ ୫୦ ରନ୍‌ରେ ପରାସ୍ତ

ଚତୁର୍ଥ ମ୍ୟାଚ୍ (ନାଗପୁର)
ବିଦର୍ଭଠାରୁ ୧୦୦ ରନ୍‌ରେ ପରାଜିତ

ପଞ୍ଚମ ମ୍ୟାଚ୍ (ଭୁବନେଶ୍ୱର)
ବନାମ ନାଗାଲାଣ୍ଡ(ପ୍ରଥମ ବିଜୟ ଆଶା)

ADMISSION NOTICE-2025-26
Manjari Devi College
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• B. Pharm
Rs. 58,000/- P.A.
Eligibility: +2 Sc. (PCB/M & OJEE Appeared)
• D. Pharm
Rs. 48,000/- P.A.
Eligibility: +2 Sc. (PCB/M)
• B.M.L.T.
Rs. 58,000/- P.A.
Eligibility: +2 Sc. (PCB/M with 50 % Mark)
• D.M.L.T.
Rs. 48,000/- P.A.
Eligibility: +2 Sc. Pass (PCB/M)
• M.P.H.
Rs. 42,000/- P.A.
Eligibility: Any Graguate
ALL COURSE FEES ARE EXCLUDING HOSTEL

ନନ୍ଦିଘୋଷ
‘ନନ୍ଦିଘୋଷ ଟିଭି’
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।
*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS